- Vol.- 46, Issue No. 159
- Tuesday, 08 September 2026
- ମଙ୍ଗଳବାର,୦୮ ସେପ୍ଟେମ୍ବର ୨୦୨୬
- Bhubaneswar
- Price: Rs. 3.00, Page: 8
- R.N.I. Regd. No. 34063/81
- Postal Regd. No. BN/79/18-20
- Online Portal: www.dinalipi.com
- Mail ID: dinalipinews@gmail.com

ଏକ ନିରପେକ୍ଷ ପ୍ରଗତିଶୀଳ ସମ୍ବାଦପତ୍ର

# ଦିନଲିପି
THE DINALIPI

- https://www.facebook.com/dinalipilive
- www.youtube.com/@dinalipilive
- https://www.dinalipi.com
- https://www.dinalipiepaper.com
- https://www.dinalipi.in
- twitter.com/DinalipiOnline

Web: www.dinalipi.com, E-mail: dinalipinews@gmail.com


# ରାଜ୍ୟ କ୍ୟାବିନେଟରେ ୧୮ ପ୍ରସ୍ତାବକୁ ମଞ୍ଜୁରି



- ■ ଲାଇସେନ୍ସ ଓ ପଞ୍ଜୀକରଣ ବୈଧତା ଜାରି ରହିବ
- ■ ୬୫୦ କୋଟି ବୋଇତ ପ୍ରକଳ୍ପ ପାଇଁ ବ୍ୟବସ୍ଥା
- ■ ୮.୩୧୨ କୋଟିର ପଞ୍ଚସଖା ଶିକ୍ଷା ସେତୁକୁ ମଞ୍ଜୁରି

ଭୁବନେଶ୍ୱର,୭।୯: ରାଜ୍ୟ କ୍ୟାବିନେଟ ସୋମବାର ୧୨ଟି ସରକାରୀ ବିଭାଗ ସମ୍ବନ୍ଧୀୟ ୧୮ ପ୍ରସ୍ତାବକୁ ଅନୁମୋଦନ ଦେଇଛନ୍ତି। ଏହା କ୍ୟାବିନେଟର ୪୭ତମ ବୈଠକ ଥିଲା । ବୈଠକରେ ୧୫,୯୪.୭୦ କୋଟିର ସବୁଠୁ ବଡ଼ ବିଦ୍ୟୁତ୍ ନିବେଶକୁ ମଞ୍ଜୁରି ମିଳିଛି । ରାଜ୍ୟ ସରକାର ନିୟାମକ ସୁଧାର ପ୍ରକ୍ରିୟାକୁ ଆଗକୁ ନେଇ ଓଡ଼ିଶା ଜନବିଶ୍ୱାସ ବିଲ୍ ୨୦୨୬କୁ ଅନୁମୋଦନ କରିଛନ୍ତି । ଏହାର ସିଡ୍ୟୁଲ୍-୧ରେ ଅପରାଧମୁକ୍ତ ଓ ସରଳୀକରଣ ଏବଂ ସିଡ୍ୟୁଲ-୨ରେ ଲାଇସେନ୍ସ ଓ ନିୟମାବଳୀର ସରଳୀକରଣ କରାଯାଇଛି । ରାଜ୍ୟ ସରକାର ବିଲ୍ଡିଂ ଓଡ଼ିଶାସ୍ ଇରିଗେସନ ପ୍ରୋଜେକ୍ଟ ଟୁରିଜିମ୍ ଆମେନିଟିଜ୍ ବା ବୋଇତ ପ୍ରକଳ୍ପ ପାଇଁ ୬୫୦ କୋଟି ବଜେଟ୍ ଅଟକଳ କରାଯାଇଛି । ଏଥିରେ ରାଜ୍ୟ ସାମୁଦ୍ରିକ ସଂଗ୍ରହାଳୟ, ବାଲିମେଳା ଜଳଭଣ୍ଡାର, ଜାନିବିଲ୍ ଆନିକଟ ପ୍ରଭୃତି ସ୍ଥାନଗୁଡ଼ିକର ବିକାଶ କରାଯିବ । ଗଭୀର ନଳକୂପ ଜରିଆରେ ଜଳସେଚନ କ୍ଷମତା ବୃଦ୍ଧି ପାଇଁ ୮,୬୫୩ କୋଟିର ଅଟକଳ କରାଯାଇଛି । ସଂଶୋଧିତ ବସୁଧା ଯୋଜନାକୁ ଅନୁମୋଦନ ମିଳିଛି । ଏହା ଜରିଆରେ ଦୀର୍ଘସ୍ଥାୟୀ ପାନୀୟ ଜଳ ଯୋଗାଣ ରାଜ୍ୟର ଗ୍ରାମାଞ୍ଚଳରେ ନିଶ୍ଚିତ କରାଯିବ । ୮.୩୧୨ କୋଟିର ପଞ୍ଚସଖା ଶିକ୍ଷା ସେତୁ ସଂଗଠନ ପ୍ରକଳ୍ପ ପାରିତ ହୋଇଛି । ୨୦୨୪-୨୫ରୁ ୨୦୨୮-୨୯ ବର୍ଷ ପର୍ଯ୍ୟନ୍ତ ଏହି ପ୍ରକଳ୍ପର ମୁଖ୍ୟ ଲକ୍ଷ୍ୟ ପୁରାତନ ଛାତ୍ର ଓ ଅଂଶୀଦାରମାନଙ୍କ ସହଯୋଗରେ ସ୍କୁଲଗୁଡ଼ିକର ପୁନଃନିର୍ମାଣ, ସମଗ୍ର ବିକାଶ ପାଇଁ ଭବିଷ୍ୟତ-ଉପଯୋଗୀ ଶିକ୍ଷାର ପ୍ରସାର ଓ ଜନସାଧାରଣଙ୍କ ଭାଗିଦାରୀ ମାଧ୍ୟମରେ ଶିକ୍ଷାର ଗୁଣବତ୍ତା ବୃଦ୍ଧି କରାଯିବ । ଅବସର ବର୍ଷ ପରେ ବି ପେନସନ ମିଳିନଥିଲେ ବାର୍ଷିକ ୭ ପ୍ରତିଶତ ହାରରେ ସୁଧ ମିଳିବ । ସେହିପରି ଶ୍ରୀଜଗନ୍ନାଥ ମନ୍ଦିର ଜମି ପରିଚାଳନା ନିୟମାବଳୀ-୨୦୨୬କୁ ଅନୁମୋଦନ ଦିଆଯାଇଛି । ମୁଖ୍ୟମନ୍ତ୍ରୀ ଶକ୍ତି ବିକାଶ ଯୋଜନାକୁ ମଞ୍ଜୁରି ମିଳିଛି । ଏମଏସଏମଇ ବିଭାଗରେ ନୂଆ ନିୟମ, ୨୦୨୬, ଉଦ୍ୟାନ କୃଷି କ୍ୟାଡରର ପୁନର୍ଗଠନ, ରାୟଗଡ଼ା-କେରଡ଼ା ରାସ୍ତା ୪ଲେନ୍, ସ୍ଥାୟୀ ବିଦ୍ୟୁତ୍ ବ୍ୟବସ୍ଥା ପାଇଁ ୧,୫୯୪.୭୦ କୋଟିର ପ୍ରକଳ୍ପକୁ ଅନୁମୋଦନ ଓ ଓୟୁଏସଏସଏସସି (ଓଡ଼ିଶା ୟୁନିଫର୍ମଡ ସର୍ଭିସେସ୍ ଷ୍ଟାଫ୍ ସିଲେକ୍ସନ କମିଶନ) ନିୟମାବଳୀ, ୨୦୨୫ର ସଂଶୋଧନକୁ ମଞ୍ଜୁରି ଦିଆଯାଇଛି ।

## ଏଣିକି ଦଶମ, ଦ୍ୱାଦଶ ପାଇଁ ହେବ ଗୋଟିଏ ବୋର୍ଡ

ଭୁବନେଶ୍ୱର,୭।୯: ରାଜ୍ୟରେ ଏଣିକି ଗୋଟିଏ ବୋର୍ଡ ଦଶମ ଓ ଦ୍ୱାଦଶ ଶ୍ରେଣୀ ପାଇଁ କାର୍ଯ୍ୟ କରିବ । ଦଶମ ଓ ଦ୍ୱାଦଶ ପରୀକ୍ଷା ପାଇଁ ବର୍ତ୍ତମାନ ଥିବା ବୋର୍ଡ ଅଫ ସେକେଣ୍ଡାରୀ ଏଜୁକେସନ୍ ଏବଂ କାଉନସିଲ୍ ଅଫ୍ ହାୟର ସେକେଣ୍ଡାରୀ ଏଜୁକେସନ ବଦଳରେ ଗୋଟିଏ ବୋର୍ଡ ବ୍ୟବସ୍ଥା ଲାଗୁ କରିବା ପାଇଁ ସରକାର ପଦକ୍ଷେପ ନେଉଛନ୍ତି । ଏନେଇ ସୋମବାର ଗଣଶିକ୍ଷା ସଚିବ ଏନ୍ ତିରୁମାଲା ନାୟକ ସୂଚନା ଦେଇଛନ୍ତି । ସେ କହିଛନ୍ତି ଏଥିପାଇଁ ମୁଖ୍ୟମନ୍ତ୍ରୀଙ୍କ ପକ୍ଷରୁ ନିର୍ଦ୍ଦେଶ ମିଳିଛି । ଆଗକୁ ବିଏସଇ ଓ ସିଏଚଏସଇ ଅଲଗା ବୋର୍ଡ ଭାବେ ରହିବ ନାହିଁ । ଏହା ଗୋଟିଏ ବୋର୍ଡ ଅଧୀନରେ ରହିବ । କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡର ଢାଞ୍ଚା ଭଳି ହେବ । ସିବିଏସଇ ଯେପରି ପରୀକ୍ଷା ପରିଚାଳନା କରୁଛି, ଓଡିଶାରେ ମଧ୍ୟ ସେଭଳି ହେବ ବୋଲି ସଚିବ କହିଛନ୍ତି । ଏହି ନୂଆ ବ୍ୟବସ୍ଥାକୁ ଲାଗୁ କରିବା ପାଇଁ ସରକାର ଏକ ଡ୍ରାଫ୍ଟ ଆଇନ ପ୍ରସ୍ତୁତ କରୁଛନ୍ତି । ଆଇନ ପ୍ରସ୍ତୁତ ହେବା ପରେ ଏହାକୁ କାର୍ଯ୍ୟକାରୀ କରାଯିବ ।



## ଧାନ ବିକ୍ରି : ଆଉ ବଢ଼ିବନି ପଞ୍ଜୀକରଣ ଅବଧି

### ୨୧.୭୨ଲକ୍ଷରୁ ଅଧିକ ଚାଷୀ ପଂଜୀକୃତ



ଭୁବନେଶ୍ୱର,୭।୯: ଚଳିତ ଖରିଫ୍ ଋତୁରେ ଧାନ ବିକ୍ରି ପାଇଁ ଚାଷୀଙ୍କ ପଞ୍ଜୀକରଣ ଅବଧି ସୋମବାର ଶେଷ ହୋଇଛି । ୨୧.୭୨ଲକ୍ଷରୁ ଅଧିକ ଚାଷୀ ଏଥିପାଇଁ ପଞ୍ଜୀକରଣ କରିସାରିଛନ୍ତି । ପଞ୍ଜୀକରଣ ଅବଧି ଆଉ ବଢ଼ିବ ନାହିଁ ବୋଲି ରାଜ୍ୟ ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ସ୍ପଷ୍ଟ କରିଛନ୍ତି । ଅଗଷ୍ଟ ୬ ତାରିଖରୁ ରାଜ୍ୟରେ ଚାଷୀଙ୍କ ପଞ୍ଜୀକରଣ ଆରମ୍ଭ ହୋଇଥିଲା । ପ୍ୟାକ୍ସ-ଲ୍ୟାମ୍ପସ, ପାଣି ପଞ୍ଚାୟତ ଜରିଆରେ ପଞ୍ଜୀକରଣ କରାଯାଉଛି । ଅଗଷ୍ଟ ଶେଷ ତାରିଖ ପର୍ଯ୍ୟନ୍ତ ପଞ୍ଜୀକରଣ ଅବଧି ରହିଥିଲା । ତେବେ ବିଭିନ୍ନ ଜିଲ୍ଲାରେ ବନ୍ୟା ପାଇଁ ରାଜ୍ୟ ସରକାର ଅବଧିକୁ ସେପ୍ଟେମ୍ବର ୭ତାରିଖ ପର୍ଯ୍ୟନ୍ତ ବଢ଼ାଇଥିଲେ । ଗତବର୍ଷ ରାଜ୍ୟରେ ୧୯ଲକ୍ଷ ୬୭ହଜାର ଚାଷୀ ପଞ୍ଜୀକରଣ କରିଥିଲେ । ହେଲେ ଚଳିତବର୍ଷ ରେକର୍ଡ ସଂଖ୍ୟକ ଚାଷୀ ପଞ୍ଜୀକରଣ କରିଛନ୍ତି । ମିଳିଥିବା ସୂଚନା ଅନୁସାରେ, ବରଗଡ଼ରେ ସର୍ବାଧିକ ୧.୮୩ଲକ୍ଷ, ଗଞ୍ଜାମ ୧.୭୮ଲକ୍ଷ, କଳାହାଣ୍ଡି ୧.୩୪ଲକ୍ଷ, ବାଲେଶ୍ୱର ୧.୨୧ଲକ୍ଷ, ବଲାଙ୍ଗୀର ୧.୧୯ଲକ୍ଷ ଓ ମୟୂରଭଞ୍ଜରେ ୧ଲକ୍ଷରୁ ଅଧିକ ଚାଷୀ ପଞ୍ଜୀକରଣ କରିଛନ୍ତି । ସାଢ଼େ ୭ଲକ୍ଷ ଚାଷୀଙ୍କ ଏଗ୍ରିଷ୍ଟାକ୍ ଆଇଡି ପ୍ରସ୍ତୁତ କରାଯାଇଛି ।

## ପରାମର୍ଶ: ନିର୍ବାଚନ ଜିତିବାକୁ ଗାଁ'ମୁହାଁ ହୁଅ

# ନିଶାଣରେ ପୌର ଓ ପଞ୍ଚାୟତ



ଭୁବନେଶ୍ୱର,୭।୯: ରାଜ୍ୟ ବିଜେପିର ଦୁଇଦିନିଆ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକାରିଣୀ ବୈଠକ ଶେଷ ହେବା ପରେ ଓଡ଼ିଶା ରାଜନୀତିରେ ଚଳଚଞ୍ଚଳତା ବୃଦ୍ଧି ପାଇଛି । ଆଗାମୀ ପଞ୍ଚାୟତ, ପୌର ଏବଂ ସମବାୟ ନିର୍ବାଚନକୁ ଆଖିଆଗରେ ରଖି ଦଳ ପକ୍ଷରୁ ଏକ ସ୍ୱତନ୍ତ୍ର ୩ ମାସିଆ 'ରୋଡ୍‌ମ୍ୟାପ୍' ଚୂଡ଼ାନ୍ତ କରାଯାଇଛି । ବୈଠକ ସରିବା କ୍ଷଣି କେନ୍ଦ୍ରୀୟ ନେତା ଓ ରାଜ୍ୟ ଶୀର୍ଷ ନେତୃତ୍ୱ ଦିଲ୍ଲୀ ଅଭିମୁଖେ ବାହାରିଥିବା ବେଳେ ରାଜ୍ୟର ଅନ୍ୟ ନେତା ଓ କାର୍ଯ୍ୟକର୍ତ୍ତାମାନେ ସିଧାସଳଖ ଗାଁ ଆଡ଼କୁ ମୁହାଁଇଛନ୍ତି ।ନିର୍ବାଚନ ପାଇଁ ମାସ କେଇଟା ବାକି ଥିବାରୁ କେନ୍ଦ୍ରୀୟ ନେତୃତ୍ୱ ଦଳୀୟ କର୍ମୀଙ୍କୁ ଅସଲ ପରୀକ୍ଷା ପାଇଁ ପ୍ରସ୍ତୁତ ହେବାକୁ ପରାମର୍ଶ ଦେଇଛନ୍ତି । ୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ ଯେପରି ଲୋକଙ୍କ ସହ ଯୋଡ଼ିହୋଇ ସରକାର ଗଠନରେ ସଫଳତା ମିଳିଥିଲା, ସେହି ସମାନ ସୂତ୍ର ଆପଣାଇ ପୌର ଓ ପଞ୍ଚାୟତ ହାତେଇବାକୁ ଲକ୍ଷ୍ୟ ରଖାଯାଇଛି । ପ୍ରତି ଗାଁ ଏବଂ ପ୍ରତି ଘରକୁ ଛୁଇଁବା ସହ 'ମାସିକିଆ ସେବା ସପ୍ତାହ' କାର୍ଯ୍ୟକ୍ରମକୁ ସଫଳ କରିବାକୁ କୁହାଯାଇଛି । ଗ୍ରାମାଞ୍ଚଳରେ ପାନୀୟ ଜଳ, ରାସ୍ତାଘାଟ ଭଳି ସମସ୍ୟାର ତଦାରଖ କରିବା ଏବଂ କେନ୍ଦ୍ରୀୟ ଯୋଜନାରେ ଅଧିକରୁ ଅଧିକ ହିତାଧିକାରୀଙ୍କୁ ସାମିଲ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ଦଳୀୟ କାର୍ଯ୍ୟକର୍ତ୍ତାଙ୍କ ଆଶା ପୂରଣ କରିବା ସହ ସେମାନଙ୍କ ସହ ସାଙ୍ଗଠନିକ ସମନ୍ୱୟ ରଖିବାକୁ ଗୁରୁତ୍ୱ ଦିଆଯାଇଛି । ଅପର ପକ୍ଷେ କାର୍ଯ୍ୟକାରିଣୀ ଶେଷ ହେବା ପରେ ରାଷ୍ଟ୍ରୀୟ ସଂଗଠନ ମହାମନ୍ତ୍ରୀ ଦିଲ୍ଲୀ ଫେରିଥିବା ବେଳେ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ ୫ ଦିନିଆ ଦିଲ୍ଲୀ ଗସ୍ତରେ ଯାଇଛନ୍ତି । ତାଙ୍କର ଏହି ଗସ୍ତକୁ ନେଇ ରାଜନୈତିକ ମହଲରେ ନାନା ଅଟକଳ ଆରମ୍ଭ ହୋଇଛି । କାର୍ଯ୍ୟକାରିଣୀର ନିର୍ଯ୍ୟାସ, ରାଜନୈତିକ ପ୍ରସ୍ତାବ ଓ ତୃଣମୂଳ ସ୍ତରର ରିପୋର୍ଟ ସେ ରାଷ୍ଟ୍ରୀୟ ସଭାପତି ଓ କେନ୍ଦ୍ରୀୟ ନେତୃବୃନ୍ଦଙ୍କୁ ହସ୍ତାନ୍ତର କରିପାରନ୍ତି ବୋଲି ଚର୍ଚ୍ଚା ହେଉଛି ।


## ସହରର ଦୁର୍ବଳ କୋଠାଗୁଡ଼ିକୁ ଭଙ୍ଗାଯିବ

### ଏକ ମାସ ଧରି ହେବ ଅଗ୍ନି ସୁରକ୍ଷା ଯାଞ୍ଚ

ଭୁବନେଶ୍ୱର,୭।୯: ଦିଲ୍ଲୀରେ କୋଠା ଭୁଶୁଡ଼ିବା ଘଟଣା ପରେ ତତ୍ପର ହୋଇଛନ୍ତି ରାଜ୍ୟ ସରକାର । ସହର ଭିତରେ ଥିବା ଦୁର୍ବଳ କୋଠାଗୁଡ଼ିକୁ ଭଙ୍ଗାଯିବ । ଏନେଇ ବିବୃତି ରଖିଛନ୍ତି ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର । ସହରଗୁଡ଼ିକରେ ଦୁର୍ବଳ ଥିବା ସରକାରୀ କୋଠାଗୁଡ଼ିକୁ ଭଙ୍ଗାଯାଉଛି । ସେହିପରି ବେସରକାରୀ ସ୍ତରରେ ଦୁର୍ବଳ ଥିବା କୋଠାଗୁଡ଼ିକୁ ଭାଙ୍ଗିବା ପାଇଁ ମଧ୍ୟ ଚିଠି କରାଯିବ ବୋଲି ମନ୍ତ୍ରୀ କହିଛନ୍ତି । ବହୁ ସଂଖ୍ୟକ ସ୍କୁଲ୍ ଓ ଅଙ୍ଗନୱାଡ଼ି କେନ୍ଦ୍ର ଦୁର୍ବଳ ଥିବାରୁ ସେଗୁଡ଼ିକୁ ଭାଙ୍ଗିବା ପାଇଁ ଚିଠି କରାଯାଇସାରିଛି । ସେହିପରି ସହର ଭିତରେ ଥିବା ଦୁର୍ବଳ କୋଠାଗୁଡ଼ିକ ଉପରେ କଡ଼ା ନଜର ରଖାଯାଇଛି ଏବଂ ଆବଶ୍ୟକ ପଦକ୍ଷେପ ନିଆଯାଉଛି ବୋଲି ବିଭାଗୀୟ ମନ୍ତ୍ରୀ କହିଛନ୍ତି । ଚିଫ୍ ଫାୟାର ଅଫିସର ଦେବେନ୍ଦ୍ର ସ୍ୱାଇଁ ସୋମବାର ସୂଚନା ଦେଇଛନ୍ତି ଯେ ସେପ୍ଟେମ୍ବର ୧୫ରୁ ଅକ୍ଟୋବର ୧୫ ତାରିଖ ପର୍ଯ୍ୟନ୍ତ ରାଜ୍ୟରେ ଅଗ୍ନି ସୁରକ୍ଷା ଯାଞ୍ଚ କରାଯିବ । ଶିଳ୍ପ ପ୍ରତିଷ୍ଠାନ, ବାଣିଜ୍ୟିକ ପ୍ରତିଷ୍ଠାନ, ଚିକିତ୍ସାଳୟ ଗୁଡ଼ିକରେ ଅଗ୍ନି ସୁରକ୍ଷା ଯାଞ୍ଚ କରଯିବ । ଯାଞ୍ଚବେଳେ କୌଣସି ଅବହେଳା ସାମ୍ନାକୁ ଆସିଲେ ଦୃଢ କାର୍ଯ୍ୟାନୁଷ୍ଠାନ ନିଆଯିବ । ମାସିକିଆ କାର୍ଯ୍ୟକ୍ରମରେ ପ୍ରଶିକ୍ଷଣ ଏବଂ ବିଭିନ୍ନ କର୍ମଶାଳା ଆୟୋଜନ ହେବ ବୋଲି ତାଙ୍କ ପ୍ରଦତ୍ତ ସୂଚନାରୁ ପ୍ରକାଶ ।

### ୩୫ ହଜାର ଟଙ୍କା ଲାଞ୍ଚ ନେଉଥିଲେ

## ଆର୍‌ଆଇ ଓ ଏଆର୍‌ଆଇଙ୍କୁ ମାଡ଼ିବସିଲା ଭିଜିଲାନସ



ପିପିଲି, ୭।୯(ନିପ୍ର) : ଜମି ମ୍ୟୁଟେସନ ପାଇଁ ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ହାତରେ ଧରାପଡିଛନ୍ତି ଆର୍‌ଆଇ ଓ ଏଆର୍‌ଆଇ । ପିପିଲି ତହସିଲ ଅଧୀନ ସିଉଳା ଆର୍‌ଆଇ ସର୍କଲର ଆର୍‌ଆଇ କଲ୍ୟାଣୀ ଜେନା ଓ ଏଆର୍‌ଭଆଇ ପୂର୍ଣ୍ଣଚନ୍ଦ୍ର ବେହେରା ଭିଜିଲାନ୍ସ ହାତରେ ଧରାପଡିଛନ୍ତି । ଜମି ମ୍ୟୁଟେସନ ପାଇଁ ୩୫ ହଜାର ଟଙ୍କା ଲାଞ୍ଚ ନେଉଥିଲେ । ଆବେଦନକାରୀ ଚାଷ ଜମିର ଘରବାରି କିସମ ପରିବର୍ତ୍ତନ ପାଇଁ ଅନଲାଇନ ଆବେଦନ କରିଥିଲେ । ଆବେଦନର ଅଗ୍ରଗତି ସମ୍ପର୍କରେ ସେ ଉଭୟ ଆର୍‌ଆଇ ଓ ଏଆରଆଇଙ୍କୁ ଭେଟିଥିଲେ । ଜମି ମ୍ୟୁଟେସନ ପାଇ ସେମାନେ ୩୫ହଜାର ଟଙ୍କା ଲାଞ୍ଚ ମାଗିଥିଲେ । ଏ ସମ୍ପର୍କରେ ଆବେଦନକାରୀ ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ । ଯୋଜନା ଅନୁସାରେ ଆବେଦନକାରୀ ୩୫ ହଜାର ଟଙ୍କା ଆର୍‌ଆଇ ଓ ଏଆରଆଇଙ୍କୁ ଦେବାବେଳେ ପୂର୍ବରୁ ସେଠାରେ ଛକି ରହିଥିବା ଭିଜିଲାନ୍ସ ଟିମ ଉଭୟଙ୍କୁ କାବୁ କରି ନେଇଥିଲା । ରାଜସ୍ୱ ନିରୀକ୍ଷକ ଶ୍ରୀମତୀ ଜେନାଙ୍କ ବ୍ରହ୍ମକୁମୁଣ୍ଡ, ଅଚ୍ୟୁତପୁର, ଭୁବନେଶ୍ୱରର ରସୁଲଗଡ଼ ଘର ଉପରେ ଭିଜିଲାନ୍ସ ଚଢ଼ାଉ ଜାରି ରହିଛି ।

### ଜନଶୁଣାଣି ବେଳେ ଅଭାବନୀୟ ଘଟଣା

## କୀଟନାଶକ ପିଇବାକୁ ଉଦ୍ୟମ !: ବର୍ତ୍ତିଲେ ପରିବାରର ୫ ଜଣ



ରାୟଗଡ଼ା,୭।୯: ରାୟଗଡ଼ା ଜିଲ୍ଲାପାଳଙ୍କ ଜନଶୁଣାଣି ବେଳେ ଅଭାବନୀୟ ଘଟଣା ଆଲୋଡନ ସୃଷ୍ଟି କରିଛି । ଗୋଟିଏ ପରିବାରର ୫ ଜଣ ସଦସ୍ୟ କୀଟନାଶକ ବିଷ ପିଇବାକୁ ଉଦ୍ୟମ କରୁଥିଲେ ବୋଲି ଅଭିଯୋଗ ହୋଇଛି । ସମସ୍ତ ଦିଗରୁ ନିରାଶ ହେବା ପରେ ପରିବାରର ସଦସ୍ୟମାନେ ଏଭଳି ପଦକ୍ଷେପ ପାଇଁ ଅପଚେଷ୍ଟା କରିଥିଲେ ବୋଲି କୁହାଯାଇଛି । ଜେମାଦେଇପେଣ୍ଠର ଯାଡ଼ଲା ଗାଙ୍ଗୁଲୁଙ୍କ ପରିବାର ଦୀର୍ଘ ୪୦ ବର୍ଷରୁ ଅଧିକ ସମୟ ଧରି ପ୍ରାୟ ୩ ଏକର ସରକାରୀ ଜମିରେ ଚାଷ କରି ପରିବାର ପ୍ରତିପୋଷଣ କରୁଥିଲେ । ଅନ୍ୟଜଣେ ଉକ୍ତ ଜମିକୁ ନିଜର ବୋଲି ଦାବି କରିବା ନେଇ ଅଭିଯୋଗ ହୋଇଛି । ଜମି ବିବାଦର ସମାଧାନ ନହେବାରୁ ପରିବାର ନିରାଶ ହୋଇ ଏପରି ଅଭାବନୀୟ ଘଟଣା ଉଦ୍ୟମ କରୁଥିଲେ । ତେବେ ପ୍ରତିଶ୍ରୁତି ପାଇ ଏଥିରୁ ନିବୃତ୍ତ ହୋଇଛନ୍ତି ।

### ଆଇଏଏସ ସ୍ତରରେ ଅଦଳବଦଳ

## ଡା. ବୃନ୍ଦା ଡି'ଙ୍କୁ ଭିନ୍ନକ୍ଷମ ସଶକ୍ତୀକରଣ ଦାୟିତ୍ୱ

ଭୁବନେଶ୍ୱର,୭।୯: ରାଜ୍ୟ ସରକାରଙ୍କ ପକ୍ଷରୁ ଆଇଏଏସ ସ୍ତରରେ ବଡ଼ ଧରଣର ଅଦଳବଦଳ ହୋଇଛି । ଏହି ବରିଷ୍ଠ ଅଧିକାରୀମାନଙ୍କୁ ବିଭିନ୍ନ ବିଭାଗର ନୂଆ ଦାୟିତ୍ୱ ଦିଆଯାଇଥିବା ବେଳେ କେତେକ ଅଧିକାରୀଙ୍କୁ ଅତିରିକ୍ତ ଦାୟିତ୍ୱ ମଧ୍ୟ ପ୍ରଦାନ କରାଯାଇଛି ।ଅଦଳବଦଳ ଅନୁଯାୟୀ, ସୁରେଶ ବଶିଷ୍ଠଙ୍କୁ ସାଧାରଣ ପ୍ରଶାସନ ବିଭାଗର ପ୍ରମୁଖ ଶାସନ ସଚିବ ଭାବେ ନୂଆ ଦାୟିତ୍ୱ ମିଳିଛି । ଏଥିସହ ସେ ସଂସଦୀୟ ବ୍ୟାପାର ବିଭାଗର ଅତିରିକ୍ତ ଦାୟିତ୍ୱ ମଧ୍ୟ ତୁଲାଇବେ । ସେହିପରି ସୁଧାଂଶୁ ମୋହନ ସାମଲଙ୍କୁ ଓଡ଼ିଶା ମାଇନିଂ କର୍ପୋରେସନ୍‌ର ଅଧ୍ୟକ୍ଷ ଦାୟିତ୍ୱ ଦିଆଯାଇଛି । ଖଣିଜ କ୍ଷେତ୍ରରେ ଓଏମସିର ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିବାରୁ ଏହି ନିଯୁକ୍ତିକୁ ଗୁରୁତ୍ୱ ଦିଆଯାଉଛି । ଅନ୍ୟପକ୍ଷରେ, ଡା. ବୃନ୍ଦା ଡିଙ୍କୁ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗର କମିଶନର ତଥା ଶାସନ ସଚିବ ଦାୟିତ୍ୱ ଦିଆଯାଇଛି ।

### ଅନ୍‌ଲାଇନ ହେବ ଆଦିବାସୀ ଜମି ହସ୍ତାନ୍ତର ଓ ଦଖଲ ମାମଲା

# ଅଫ୍‌ଲାଇନରେ ପ୍ରକ୍ରିୟାକରଣ ହେବ ନାହିଁ ୩ ସେବା




ଭୁବନେଶ୍ୱର,୭।୯: ଏଣିକି ଅନ୍‌ଲାଇନ ହେବ ଆଦିବାସୀ ଜମି ହସ୍ତାନ୍ତର ଓ ଦଖଲ ମାମଲା । ରାଜସ୍ୱ ସେବାକୁ ଅଧିକ ସ୍ୱଚ୍ଛ, ସରଳ ଓ ସମୟୋଚିତ କରିବାକୁ ରାଜ୍ୟ ସରକାର ଏହି ପଦକ୍ଷେପ ନେଇଛନ୍ତି । ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଅଧୀନ ୩ ଗୁରୁତ୍ୱପୂର୍ଣ୍ଣ ରାଜସ୍ୱ ସେବାକୁ ଏଣିକି ଅନଲାଇନ୍ ଜରିଆରେ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ବିଶେଷ କରି ଅନୁସୂଚିତ ଜନଜାତିଙ୍କ ଜମି ହସ୍ତାନ୍ତର, ବେଆଇନ ଜମି ହସ୍ତାନ୍ତର ଓ ଜମିରେ ଅନଧିକୃତ ଦଖଲ ସମ୍ପର୍କିତ ମାମଲା ଅନ୍‌ଲାଇନରେ କରିବାକୁ ନିର୍ଦ୍ଦେଶ ରହିଛି । ଏହି ଅନୁଯାୟୀ, ଓଡ଼ିଶା ଅଧିସୂଚିତ କ୍ଷେତ୍ର ସ୍ଥାବର ସମ୍ପତ୍ତି ହସ୍ତାନ୍ତର ନିୟମ,୧୯୫୬ର ଧାରା ୩ (ଏ) ଓ ଓଡ଼ିଶା ଭୂସଂସ୍କାର ପୁର୍ନଗଠନ ଆଇନ, ୧୯୬୦ର ଧାରା ୨୩ ଓ ଧାରା ୨୩ (ଏ) ଅଧୀନ ମାମଲାଗୁଡ଼ିକର ଅନଲାଇନ ପ୍ରକ୍ରିୟାକରଣ କରାଯିବ ।ତେବେ ମାମଲାଗୁଡ଼ିକରେ ସିଧାସଳଖ ନିଷ୍ପତ୍ତି ନେବା ପାଇଁ ସବ୍ କଲେକ୍ଟର ହେଉଛନ୍ତି କ୍ଷମତାପ୍ରାପ୍ତ ରାଜସ୍ୱ କର୍ତ୍ତୃପକ୍ଷ । ଅନୁସୂଚିତ ଅଞ୍ଚଳରେ ଅନୁସୂଚିତ ଜନଜାତିଙ୍କ ଭୂ-ସମ୍ପତ୍ତିର ହସ୍ତାନ୍ତର ଉପରେ ନିୟନ୍ତ୍ରଣ ରଖିବା ପାଇଁ ୧୯୫୬ର ନିୟମ ରହିଛି । ଏହି ନିୟମ ଅଧୀନ ମାମଲାରେ ଜମି ହସ୍ତାନ୍ତର ଆଇନସମ୍ମତ କି ନୁହେଁ, ତାହା ରାଜସ୍ୱ କର୍ତ୍ତୃପକ୍ଷ ଯାଞ୍ଚ କରନ୍ତି । ସେହିପରି ଓଡ଼ିଶା ଲ୍ୟାଣ୍ଡ ରିଫର୍ମସ୍ ଆକ୍ଟର ଧାରା ୨୩ ଅଧୀନ ଜମି ହସ୍ତାନ୍ତର ସମ୍ପର୍କିତ ମାମଲାରେ ଆଇନର ନିର୍ଦ୍ଦିଷ୍ଟ ବ୍ୟବସ୍ଥା ଉଲ୍ଲଂଘନ ହୋଇଛି କି ନାହିଁ, ତାହା ଯାଞ୍ଚ କରାଯାଏ । ଧାରା ୨୩-ଏ ଅଧୀନ ଜମିରେ ଅନଧିକୃତ ଦଖଲ ସମ୍ପର୍କିତ ମାମଲା ମଧ୍ୟ ଅନଲାଇନ୍ ହେବ । ଅଭିଯୋଗ ଆଧାରରେ କିମ୍ବା ଆଇନ ଅନୁଯାୟୀ ମାମଲା ଗ୍ରହଣ କରାଯିବା ପରେ ସମ୍ପୃକ୍ତ ପକ୍ଷଙ୍କୁ ଶୁଣାଣିର ସୁଯୋଗ ଦିଆଯିବ । ତଥ୍ୟ ଓ ପ୍ରମାଣ ଆଧାରରେ ଅନଧିକୃତ ଦଖଲ ପ୍ରମାଣିତ ହେଲେ, ଆଇନରେ ଥିବା ବ୍ୟବସ୍ଥା ଅନୁଯାୟୀ ପରବର୍ତ୍ତୀ ପଦକ୍ଷେପ ନିଆଯିବ । ବିଭାଗର ନିର୍ଦ୍ଦେଶ ଅନୁଯାୟୀ, ଏହି ୩ଟି ସେବା ସମ୍ପର୍କିତ ମାମଲା ଆଉ ଅଫଲାଇନ୍ ମାଧ୍ୟମରେ ପ୍ରକ୍ରିୟାକରଣ କରାଯିବ ନାହିଁ । ସମସ୍ତ ସବ୍-କଲେକ୍ଟରଙ୍କୁ ନିର୍ଦ୍ଧାରିତ ଅନଲାଇନ୍ ବ୍ୟବସ୍ଥା ଅନୁଯାୟୀ ମାମଲା ଗୁଡ଼ିକର ନିଷ୍ପତ୍ତି କରିବାକୁ କୁହାଯାଇଛି । ନାଗରିକମାନଙ୍କୁ ଅନଲାଇନ୍ ସେବା ସମ୍ପର୍କରେ ସଚେତନ କରିବା ଏବଂ ଏହାର ବ୍ୟାପକ ପ୍ରଚାର କରିବାକୁ ମଧ୍ୟ ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ରହିଛି ।

## ଡିଜିପି ନିଯୁକ୍ତି: ପଦ୍ମ ଘୁଞ୍ଚି ଚାଲିଛି


### ପରବର୍ତ୍ତୀ ଶୁଣାଣି ୧୬ରେ

ନୂଆଦିଲ୍ଲୀ,୭।୯: ସୁପ୍ରିମକୋର୍ଟରେ ଡିଜିପି ନିଯୁକ୍ତି ସଂକ୍ରାନ୍ତ ମାମଲାର ଶୁଣାଣି ପୁଣି ଘୁଞ୍ଚିଛି । ଆସନ୍ତା ସେପ୍ଟେମ୍ବର ୧୬ ତାରିଖରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ ବୋଲି ଜଣାପଡ଼ିଛି । ବରିଷ୍ଠ ଆଇନଜୀବୀ ସଂଗ୍ରାମ ପଟ୍ଟନାୟକ ଏନେଇ ସୂଚନା ଦେଇଛନ୍ତି । ତାଙ୍କ କହିବା ଅନୁଯାୟୀ, ସୁଶାନ୍ତ ନାଥଙ୍କ ପକ୍ଷରୁ ତାଙ୍କ ଆଇନଜୀବୀ ଏକ ପିଟିସନ୍ ଦାଖଲ କରିଛନ୍ତି । ଅନ୍ୟପକ୍ଷରେ, ମାମଲାରେ ନିଯୁକ୍ତ ଆମିକସ୍ କ୍ୟୁରି ସୋମବାର ଆଉ ଏକ ରିପୋର୍ଟ ସୁପ୍ରିମକୋର୍ଟରେ ଦାଖଲ କରିଛନ୍ତି । ଏହି ରିପୋର୍ଟକୁ ପଢ଼ିବା ଓ ଅଧ୍ୟୟନ କରିବା ପାଇଁ ସଲିସିଟର ଜେନେରାଲ ସମୟ ମାଗିଥିଲେ ।ଫଳରେ ମାମଲାର ଶୁଣାଣି ଆଜି ଆଗକୁ ବଢ଼ିପାରିନଥିବା ବେଳେ, ସୁପ୍ରିମକୋର୍ଟ ପରବର୍ତ୍ତୀ ଶୁଣାଣି ପାଇଁ ସେପ୍ଟେମ୍ବର ୧୬ ତାରିଖ ଧାର୍ଯ୍ୟ କରିଛନ୍ତି ।

# ଭିତରର ଶତ୍ରୁ..



ଜୀବନରେ ଯେତେବେଳେ କିଏ ଅସଫଳ ହୋଇଥାଏ,ତାହେଲେ ସବୁଠୁ ପ୍ରଥମେ ସେ କାହାକୁ ଦୋଷ ଦେଇଥାଏ ? ଭାଗ୍ୟକୁ ନହେଲେ ପରିସ୍ଥିତକୁ,ନହେଲେ ଅନ୍ୟମାନଙ୍କୁ । ବେଳେବେଳେ ଇଶ୍ୱରଙ୍କୁ ମଧ୍ୟ । କିନ୍ତୁ କ'ଣ କେବେ ସେ ସେହି ଦର୍ପଣକୁ ଦେଖିଥାଏ,ଯାହା ପ୍ରତ୍ୟେକ ସକାଳେ ସାମନାରେ ହୋଇଥାଏ ? ମନୁଷ୍ୟର ସବୁଠୁ ବଡ ପରାଜୟ ବାହାରୁ ଆସି ନଥାଏ,ତାହା ଭିତରୁ ଜନ୍ମ ନେଇଥାଏ । ଆଉ ଆତ୍ମ-ସଂଶୟ ଯାହା କହିଥାଏ ଯେମିତି ମୋ ଦ୍ୱାରା ହେବ ନାହିଁ,ତାହା ସେହି ଶତ୍ରୁରୁ ମଧ୍ୟ ଅଧିକ ବିପଦପୂର୍ଣ୍ଣ ଯାହା ବାହାରେ ଥାଏ । କାହିଁକି ବାହାର ଶତ୍ରୁଙ୍କ ଠାରେ ଲଢା ଯାଇ



ପାରିବ, କିନ୍ତୁ ଭିତରର ନକାରାତ୍ମକ ଡାକକୁ ଚୁପ୍ କରେଇବା ସବୁଠୁ କଠିନ ଯୁଦ୍ଧ ହୋଇଥାଏ । ଗୀତାରେ ଏହି ପ୍ରସଂଗକୁ ମନେ ପକାନ୍ତୁ,ଯେତେବଳେ ଅର୍ଜୁନ ଧନୁଶକୁ ତଳେ ରଖିଦେଲେ। ତାଙ୍କୁ କେହି ଅଟକେଇଲେ ନାହିଁ । ନା' ଦୁର୍ଯୋଧନ ନା' କାଳ । ସେ ସ୍ୱୟଂକୁ ଅଟକେଇ ଦେଲେ । ଶ୍ରୀକୃଷ୍ଣଙ୍କ ପୁରା ଉପଦେଶ ସେହି ଗୋଟିଏ ଭିତରର ପରାଜୟକୁ ଜିତିବାର ପାଇଁ ଥିଲା । ମନର ହାର ହାର ଅଟେ ଆଉ ମନର ଜିତ ଜିତ ଅଟେ । ଗୋଟିଏ ଫିଲ୍ମରେ ତାହା ନିର୍ଣ୍ଣାୟକ କ୍ଷଣ ହୋଇଥାଏ ଯେତେବେଳେ ନାୟକର ହାତ ଥରିଥାଏ । ତା'ର ଚେହେରା ପରଦା ଉପରେ ଅଟକି ଯାଏ,ଆଉ ତା' ସହିତ ଦର୍ଶକଙ୍କର ଶ୍ୱାସ ଅଟକି ଯାଏ । ସେହି କ୍ଷଣ ଭିତରର ସଂଘର୍ଷ ହୋଇଥାଏ,ବାହାରର ନୁହେଁ । ଆପଣଙ୍କ ଜୀବନରେ ଏମିତି କ୍ଷଣ ଆସେ । ସେହି କ୍ଷଣରେ ଯେଉଁ ଡାକ ଆସିଥାଏ,ତାହା ଛାଡି ଦିଅ,ତୁମ ଦ୍ୱାରା ହେବ ନାହିଁ । ସେହି ଡାକ ନା' ଇଶ୍ୱରଙ୍କ ଥାଏ,ନା' ଭାଗ୍ୟର । ଏହା ଆପଣଙ୍କ ନିଜର



ହୋଇଥାଏ । ଆଉ ଯିଏ ଥରେ ଏହାକୁ ଚିହ୍ନିନେଲା,ସେ ଏହା ସାଙ୍ଗରେ ଲଢିବା ଶିଖିଯାଏ । ସେଥିପାଇଁ କୁହାଯାଇଛି,'ଭାବ କେ ଦର୍ପଣ ମେ ଉସକା ଚିତ୍ର ବନ ଯାତା ହୈ । ମନ ସୁଦାମ ହୋ ତୋ ମୋହନ ମିତ୍ର ବନ ଯାତା ହୈ ।'

ମନୋଜ କୁମାର ବେହେରା
ଫୋନ୍-୭୯୭୮୮୩୦୬୧୧

# ଅମୃତଭଣ୍ଡାର ସ୍ୱାସ୍ଥ୍ୟପ୍ରଦଗୁଣ

ଅମୃତଭଣ୍ଡା ଯୁଗେ ଯୁଗେ ତାହାର ନାମର ସାର୍ଥକତା ପ୍ରଦାନ କରି ଆସିଛି । ତାହାର ସ୍ୱାସ୍ଥ୍ୟପ୍ରଦ ଗୁଣ ଯୋଗୁଁ ସମସ୍ତଙ୍କ ପାଇଁ ତାହା ଏକ ପ୍ରିୟ 'ଫଳ ଆଉ ପରିବା'ର ମାନ୍ୟତା ରଖି ଆସିଛି । ଗର୍ଭବତୀମାନଙ୍କୁ ପ୍ରସବ ପରେ ଜୀର୍ଣ୍ଣକ୍ରିୟାକୁ ସୁଗମ କରିବା ଲାଗି ଅମୃତଭଣ୍ଡାକୁ ପ୍ରଥମ ଫଳ ଭାବରେ ଖାଇବାକୁ ଦିଆଯାଇଥାଏ । ଆଣ୍ଟିଅକ୍ସିଡାଣ୍ଟରେ ଭରପୂର ଥିବା ଅମୃତଭଣ୍ଡାକୁ ନିୟମିତ ଖାଇବା ଦ୍ୱାରା ତାହା ହୃଦରୋଗ କି କର୍କଟ ପରି ଦୀର୍ଘକାଳୀନ ରୋଗ ବିରୋଧରେ କାମ କରିଥାଏ । ଏଥିରେ ଥିବା ଭିଟାମିନ୍ ସି' ଆମର ରୋଗପ୍ରତିରୋଧକ ଶକ୍ତି ବଢ଼ାଇବା ସହ ତ୍ୱଚାର ଗଢ଼ଣକୁ ଉନ୍ନତ କରିଥାଏ । ଏଥିରେ ଥିବା ବେଟା-କ୍ୟାରୋଟିନ୍ ଚର୍ମରେ କୋଲାଜେନ୍ ସୃଷ୍ଟିରେ ସହାୟକ ହୋଇ ତ୍ୱଚାକୁ ସୂର୍ଯ୍ୟରଶ୍ମିଜନିତ କ୍ଷତିର ଭରଣା କରିଥାଏ । ଗୋଟିଏ ଛୋଟ ଅମୃତଭଣ୍ଡାରୁ ଆମର ଦୈନିକ ଆବଶ୍ୟକ ଭିଟାମିନ୍ ସି'ର ପୂର୍ଣ୍ଣ ପରିମାଣ ମିଳିପାରିବ । ଅମୃତଭଣ୍ଡାର ସେଭଳି ଆଉ କିଛି ସ୍ୱାସ୍ଥ୍ୟପ୍ରଦ ଗୁଣ ବାବଦରେ ଜାଣିବା । ଏଥିରେ ଥିବା 'ପାପାଇନ୍' ନାମକ ଏଞ୍ଜାଇମ୍ ଆମର ହଜମକ୍ରିୟାରେ ପ୍ରୋଟିନକୁ ଭାଙ୍ଗି ଜୀର୍ଣ୍ଣତାକୁ ସୁଗମ କରିଥାଏ । ଫଳରେ ପେଟ ଫୁଲିବା କି ବାନ୍ଧିବା ସମସ୍ୟା ହୋଇନଥାଏ । ଅମୃତଭଣ୍ଡାରେ ଉଚ୍ଚମାନର ତନ୍ତୁ ଓ ଜଳ ରହିଥାଏ, ଯାହା ବୃହଦନ୍ତ୍ରରେ ଖାଦ୍ୟ ସାମଗ୍ରୀ ବର୍ଜ୍ୟର ପ୍ରବାହକୁ ସୁଗମ କରି କୋଷ୍ଠକାଠିନ୍ୟ ଦୂର କରିଥାଏ । ଅମୃତଭଣ୍ଡାରେ ଥିବା ଭିଟାମିନ୍ ସି' ସମେତ ଆଣ୍ଟିଅକ୍ସିଡାଣ୍ଟଗୁଡ଼ିକ ଶରୀରକୁ ହୃଦରୋଗ ଓ କର୍କଟଜନିତ ଅକ୍ସିଡେଟିଭ୍ ଚାପରୁ ମୁକ୍ତ ରଖିଥାଏ । ଏହା ଶ୍ୱେତ ରକ୍ତକଣିକା ସୃଷ୍ଟିରେ ସହାୟକ ହୋଇ ଶରୀରର କୌଣସି ପ୍ରକାର ସଂକ୍ରମଣ କି ପ୍ରଦାହ ବିରୋଧରେ କାମ କରିଥାଏ ।

> ଅମୃତଭଣ୍ଡାରେ ଥିବା ଭିଟାମିନ୍ ସି' ସମେତ ଆଣ୍ଟିଅକ୍ସିଡାଣ୍ଟଗୁଡ଼ିକ ଶରୀରକୁ ହୃଦ୍‌ରୋଗ ଓ କର୍କଟଜନିତ ଅକ୍ସିଡେଟିଭ୍ ଚାପରୁ ମୁକ୍ତ ରଖିଥାଏ ।



## ନନ୍ଦୀଙ୍କ କେଉଁ କାନରେ କୁହାଯାଏ

# ମନସ୍କାମନା



**ଶାନ୍ତ ମନରେ, ଶ୍ରଦ୍ଧା ଏବଂ ଏକାଗ୍ରତାର ସହିତ ଆପଣଙ୍କର ମନସ୍କାମନା କୁହନ୍ତୁ । ଆପଣଙ୍କର ଇଚ୍ଛା ପ୍ରକାଶ କରିବା ପୂର୍ବରୁ "ଓଁ ନମଃ ଶିବାୟ" ମନ୍ତ୍ର ଜପ କରନ୍ତୁ । ଯଦି ସମ୍ଭବ ହୁଏ, ଶିବ ପୂଜା ସମୟରେ ମୌନ ବ୍ରତ ରଖନ୍ତୁ ।**

ନନ୍ଦୀଙ୍କ ବିନା ଭଗବାନ ଶିବଙ୍କ ପୂଜା ଅସଂପୂର୍ଣ୍ଣ ବୋଲି କୁହାଯାଏ । ଆପଣ ଯେବେ ବି କୌଣସି ଶିବ ମନ୍ଦିର ଯାଇଥିବେ ନିଶ୍ଚୟ ଭାବରେ ଭଗବାନଙ୍କ ସାମ୍ନାରେ ନନ୍ଦୀଙ୍କୁ ବସିଥିବାର ଦେଖିଥିବେ । ଆଉ ମନ୍ଦିରକୁ ଆସୁଥିବା ପ୍ରତ୍ୟେକ ଭକ୍ତ ନନ୍ଦୀଙ୍କ କାନରେ ନିଜ ମନସ୍କାମନା କହିଥାନ୍ତି । ନନ୍ଦୀ କେବଳ ଭଗବାନ ଶିବଙ୍କ ବାହନ ନୁହଁନ୍ତି ବରଂ ତାଙ୍କର ସର୍ବଶ୍ରେଷ୍ଠ ଭକ୍ତ ମଧ୍ୟ । ସେଥିପାଇଁ ନନ୍ଦୀଙ୍କ ପ୍ରତିମା ଶିବ ମନ୍ଦିର ବାହାରେ ରହିଥାଏ । ଯେଉଁଠି ଶିବ ରହିଥାନ୍ତି ସେଠାରେ ନନ୍ଦୀ ମଧ୍ୟ ରହିଥାନ୍ତି । ତେଣୁ ଆପଣ ଦେଖିଥିବେ ଭୋଳାନାଥଙ୍କ ମନ୍ଦିରରେ ଶିବଜୀଙ୍କ ପୂର୍ବରୁ ପ୍ରଥମେ ନନ୍ଦୀଙ୍କ ଦର୍ଶନ ହୋଇଥାଏ ।

କର୍ତ୍ତବ୍ୟର ପ୍ରତୀକ ହେଉଛନ୍ତି ନନ୍ଦୀ । ମାନ୍ୟତା ରହିଛି ଭଗବାନ ଶିବ ସର୍ବଦା ତପସ୍ୟାରେ ଲୀନ ରହିଥାନ୍ତି । ତେଣୁ ନନ୍ଦୀ ଭକ୍ତଙ୍କ ମନସ୍କାମନା ଶୁଣିଥାନ୍ତି ଓ ଶିବଜୀଙ୍କ ତପସ୍ୟା ପୂର୍ଣ୍ଣ ହେବା ପରେ ତାଙ୍କୁ ଭକ୍ତଙ୍କ ମନସ୍କାମନା ବିଷୟରେ କହିଥାନ୍ତି । ଏହା ପରେ ଭଗବାନ ଶିବ ନିଜ ଭକ୍ତର ମନସ୍କାମନା ପୂର୍ଣ୍ଣ କରିଥାନ୍ତି । ନନ୍ଦୀଙ୍କ ପାଖରେ ଏଭଳି ବରଦାନ ଅଛି ଯେଉଁ ଭକ୍ତ ପୂର୍ଣ୍ଣ ବିଶ୍ୱାସ ଏବଂ ଭକ୍ତିର ସହିତ ତାଙ୍କ କାନରେ ନିଜ ଇଚ୍ଛା ପ୍ରକାଶ କରନ୍ତି ତାଙ୍କର ମନୋସ୍କାମନା ଭଗବାନ ଶିବଙ୍କ ପାଖରେ ପହଞ୍ଚିଥାଏ ଏବଂ ତାହା ପୂରଣ ମଧ୍ୟ ହୁଏ । ବିଶ୍ୱାସ କରାଯାଏ ଯେ ନନ୍ଦୀଙ୍କ କାନ ସିଧାସଳଖ ଭଗବାନ ଶିବଙ୍କ ସହିତ ଜଡିତ । କିନ୍ତୁ ବହୁତ କମ୍ ଲୋକ ଜାଣନ୍ତି ନନ୍ଦୀଙ୍କ କେଉଁ କାନରେ ନିଜର ମନସ୍କାମନା ଜଣାଇବେ । ତେବେ ଆସନ୍ତୁ ଜାଣିବା ଏହା ବିଷୟରେ ।






ଶାସ୍ତ୍ର ଏବଂ ପରମ୍ପରା ଅନୁସାରେ, ସର୍ବଦା ନନ୍ଦୀଙ୍କ ବାମ କାନରେ ନିଜର ଇଚ୍ଛା ପ୍ରକାଶ କରିବା ଉଚିତ । ଏହା କରିବା ଦ୍ୱାରା ଆପଣଙ୍କର ବାର୍ତ୍ତା ସିଧାସଳଖ ଭଗବାନ ଶିବଙ୍କ ପାଖରେ ପହଞ୍ଚିଥାଏ । ଇଚ୍ଛା କହିବା ସମୟରେ, ଡାହାଣ କାନକୁ ହାଲୁକା ଭାବରେ ଘୋଡ଼ାଇ ରଖିବା ଉଚିତ । ଯାହା ଦ୍ୱାରା ଧ୍ୟାନ ସମ୍ପୂର୍ଣ୍ଣ ଭାବରେ କେନ୍ଦ୍ରିତ ରହିବ । ନନ୍ଦୀଙ୍କ କାନରେ କିଛି କହିବା ପୂର୍ବରୁ ତାଙ୍କୁ ଠିକ୍ ଭାବରେ ପୂଜା କରନ୍ତୁ । ଶାନ୍ତ ମନରେ, ଶ୍ରଦ୍ଧା ଏବଂ ଏକାଗ୍ରତାର ସହିତ ଆପଣଙ୍କର ମନସ୍କାମନା କୁହନ୍ତୁ । ଆପଣଙ୍କର ଇଚ୍ଛା ପ୍ରକାଶ କରିବା ପୂର୍ବରୁ "ଓଁ ନମଃ ଶିବାୟ" ମନ୍ତ୍ର ଜପ କରନ୍ତୁ । ଯଦି ସମ୍ଭବ ହୁଏ, ଶିବ ପୂଜା ସମୟରେ ମୌନ ବ୍ରତ ରଖନ୍ତୁ । ଏହା ଆପଣଙ୍କ ସାଧନାକୁ ଅଧିକ ପ୍ରଭାବଶାଳୀ କରିଥାଏ । ଆଉ ଭକ୍ତିର ସହ ମହାଦେବଙ୍କ ପ୍ରିୟ ନନ୍ଦୀଙ୍କ କାନରେ ନିଜ ମନସ୍କାମନା କୁହନ୍ତୁ ତାହା ନିଶ୍ଚୟ ପୂରଣ ହେବ ।

# ଭଗବାନ ଆମକୁ ଶୀଘ୍ର ମିଳିପାରନ୍ତି ନାହିଁ କାହିଁକି ?


## ଭଗବତ୍ ଗୀତା ହେଉଛି ପ୍ରେରଣାର ଉତ୍ସ



ଏ ମୋହ ମାୟା ସଂସାରରେ ସମସ୍ତଙ୍କ ପାଇଁ ଭଗବତ ଗୀତା ହେଉଛି ପ୍ରେରଣାର ଉତ୍ସ । ସଙ୍କଟଜନକ ପରିସ୍ଥିତି ଦେଇ ଲୋକମାନଙ୍କୁ ନିୟନ୍ତ୍ରଣ କରି ସଫଳତାର ପଥରେ ଆଗେଇ ଯିବା ପାଇଁ ଏଥିରେ ରହିଛି ଯଥେଷ୍ଟ ଶିକ୍ଷଣୀୟ ଉପଦେଶ । ଗୀତାରୁ ସେମିତି କିଛି ଉପଦେଶ ଯାହାକୁ ସମସ୍ତ ଉଦ୍ୟୋଗୀ ନିଶ୍ଚୟ ଜାଣିବା ଉଚିତ । ଏହି ଭଗବତ ଗୀତାରେ ଜୀବନରେ ସଫଳତା ହାସଲ କରିବାକୁ ହେଲେ କୁହାଯାଇଛି ଯେ ଫଳପ୍ରାପ୍ତିରୁ ଦୂରେଇ ରହି ନିଜର କର୍ତ୍ତବ୍ୟ କରି ଚାଲିଲେ ଶେଷ ଫଳ ପ୍ରାପ୍ତି ଅଜାଣତରେ ହୋଇଥାଏ । ନିଜ କ୍ରୋଧ ଉପରେ ନିୟନ୍ତ୍ରଣ ନିୟନ୍ତ୍ରଣ କରିପାରିଲେ ଆପଣାଛାଏଁ ବହୁ ସମସ୍ୟାର ସମାଧାନ ହୋଇ ପାରିବ । କ୍ରୋଧରୁ ଆସେ ଭ୍ରାନ୍ତି; ଭ୍ରାନ୍ତିରୁ ମତିଭ୍ରମ; ମତିଭ୍ରମରୁ କାରଣ ନଷ୍ଟ; କାରଣ ନଷ୍ଟରୁ ଜୀବନାଶ । ବିନା ମୋହରେ ଦକ୍ଷତାର ସହ ସବୁ ସମୟରେ ନିଜର କର୍ତ୍ତବ୍ୟ ପାଳନ ପୂର୍ବକ ମୋହ ତ୍ୟାଗ ପୂର୍ବକ କାମ କଲେ ମୋକ୍ଷ ପ୍ରାପ୍ତି ହୋଇଥାଏ । ଏ ମାୟିକ ସଂସାରରେ ମୋହ ମାୟା ଭେଦଭାବକୁ ହୃଦୟଙ୍ଗମ କରି ଏସବୁ କରିପାରିଲେ ସେହି ପରମ ଦୟାବାନ ପରମବ୍ରହ୍ମ ପରମ ପୁରୁଷକୁ ଆମେମାନେ ଉପଲବ୍ଧି କରିପାରିବା ତଥା ତାଙ୍କୁ ପ୍ରାପ୍ତ କରିପାରିବା ତଥା ସେ ଶୀଘ୍ର ଆମକୁ ମିଳିଯିବେ ।

## ନିରନ୍ତର ଆତ୍ମାକୁ ରଖ ପରମାତ୍ମାରେ

ତେବେ ଆମମାନଙ୍କ ମନରେ ଏକ ପ୍ରଶ୍ନ ଉଠେ ଯେ ଭଗବାନ୍ ଯଦି ଏତେ ଦୟାବାନ ତେବେ ଆମେ ଏତେ ଆକୁଳ ନିବେଦନ କଲେ ମଧ୍ୟ ଆମକୁ ସିଏ ଶୀଘ୍ର ମିଳନ୍ତି ନାହିଁ କାହିଁକି ? ତେବେ ଏ ୦ । ୧ ର ଏତିକି କୁହାଯାଇପାରେ ଯେ ବିଶ୍ୱାସ ରଖିବା ଉଚିତ ଯେ ଯାହାକିଛି ବିଳମ୍ବ ଭଗବତ୍ ମିଳନରେ ହେଉଛି, ସେସବୁ ଆମମାନଙ୍କ କଲ୍ୟାଣ ନିମନ୍ତେ ହୋଇଥାଏ ଆଉ ଏଥିରେ କୌଣସି ସନ୍ଦେହ ନାହିଁ । ବିଳମ୍ବ ଦ୍ୱାରା ଆମ ଭିତରେ ବ୍ୟାକୁଳତା ଭାବ ବୃଦ୍ଧି ପାଇଥାଏ । ଭଗବାନଙ୍କର ଦୟା ପ୍ରତି ମନୁଷ୍ୟ ତ ଅନୁମାନ କରିପାରିବ ନାହିଁ । ତାଙ୍କ ଦୟାର ଅନୁଭବ କରିବାରେ ଯେଉଁ ଆନନ୍ଦ, ତାହା ଖୁବ୍ ତୃପ୍ତିମୟୀ । ଅନ୍ତଃକରଣରେ ଯଦି ପ୍ରସନ୍ନତା ବୋଧ ହେଉନାହିଁ, କେବଳ କଳ୍ପନା କରି ନେବା ଉଚିତ କି ଅନ୍ତଃକରଣ ପ୍ରସନ୍ନତାରେ ଭରି ହୋଇରହିଛି, ତେବେ ସେହି ସଂକଳ୍ପ ସତ୍ୟ ହୋଇଉଠିବ । ଭଗବାନଙ୍କର ଦୟାରେ ସେହି ସଂକଳ୍ପ ସତ୍ୟ ହୋଇଯାଏ,





ଏଥିରେ କୌଣସି ସନ୍ଦେହ ନାହିଁ । ଯାହାର ମନ ଭଲ ଭାବରେ ଶାନ୍ତ, ଯିଏ ପ୍ରପଞ୍ଚରୁ ରହିତ, ଯିଏ ସତ୍ୟନିଷ୍ଠ ସେ ନିଶ୍ଚିତ ଯୋଗୀ ପଦବାଚ୍ୟ ଆଉ ସେ ପରମବ୍ରହ୍ମ ପ୍ରାପ୍ତ ହୋଇ ଅତ୍ୟୁତ୍ତମ ଆନନ୍ଦ ପ୍ରାପ୍ତି ପାଇଥାଏ । ନିଷ୍ପାପ ଯୋଗୀ ଏହିଭଳି ନିରନ୍ତର ଆତ୍ମାକୁ ପରମାତ୍ମାରେ ଲଗାଇ ରଖି ସୁଖ ପୂର୍ବକ ପରବ୍ରହ୍ମ ପରମାତ୍ମାପ୍ରାପ୍ତି ରୂପକ ଅନନ୍ତ ଆନନ୍ଦ ଉପଲବ୍ଧି କରି ପାରନ୍ତି ।

## ଭଗବାନଙ୍କ ପ୍ରାପ୍ତିରେ ଜୀବନ ଆନନ୍ଦ

ସାଧନରେ ସୁଖ ଓ ପରିଣାମରେ ପରମସୁଖ ପ୍ରାପ୍ତିରେ ଶଙ୍କାର ସ୍ଥାନ ନାହିଁ । ତେଣୁ ପ୍ରତ୍ୟକ୍ଷ ସାଧନ କରିବା ଉଚିତ ଆଉ ତାର ସତ୍ୟତାର ପରୀକ୍ଷା ନେବା ବି ଉଚିତ । ଯେତେବେଳେ ସେହି ଆନନ୍ଦରେ ରସ ପ୍ରାପ୍ତି ହେବ, ସେତେବେଳ ଆଉ ଅନ୍ୟ କୌଣସି ସାଧନର ଆବଶ୍ୟକତା ପଡିବ ନାହିଁ । ପ୍ରସନ୍ନତାରେ ଏତେ ମୁଗ୍ଧ ହୋଇଯିବା ଦରକାର କି ଅନ୍ୟ କୌଣସି ଚିନ୍ତା ରହିବ ହିଁ ନାହିଁ । ଭଗବାନଙ୍କର ଶରଣ ନେବା ପରେ ଚିନ୍ତାର ଆଉ କୌଣସି କାରଣ ନାହିଁ ତଥା ଚିନ୍ତା ତାଠାରୁ ଯୋଜନ କୋଶ ଦୂରରେ ହିଁ ରହିବ । ଭଗବାନଙ୍କ ପ୍ରାପ୍ତିରେ ଜୀବନଟା ଆନନ୍ଦ ହିଁ ଆନନ୍ଦ ଆଉ ସେଠାରେ ଜୀଇଁବା-ମରିବାର ଖାତିର ନାହିଁ । ସେଠାରେ କୌଣସି ସାଂସାରିକ ଇଚ୍ଛାର ଅଭାବ ରହିଥାଏ । ଯେତେବେଳେ ଆନନ୍ଦରେ ମନୁଷ୍ୟର ଏଭଳି ଅବସ୍ଥା ହୋଇଥାଏ, ସେତେବେଳେ ଭଗବାନ୍ ସ୍ୱୟଂ ତାକୁ ସମ୍ଭାଳିଥାନ୍ତି । ତାହାର ଆଧାର କ'ଣ ? କେବଳ ପ୍ରଭୁ ପ୍ରେମ ଓ ପ୍ରଭୁଙ୍କର ଦୟା । ତାଠାରୁ ବଳି ଆଉ ଆଧାର କ'ଣ ହୋଇପାରେ ! ଗୋଟିଏ ଶିଶୁର ଆଧାର କ'ଣ ? କେବଳ ମାତା ଦୁଗ୍ଧ ପାନ ନିମିତ୍ତ ଶିଶୁ କ୍ରନ୍ଦନ କରିଥାଏ ଆଉ ମାତା ତାକୁ ଦୁଗ୍ଧପାନ କରାଇଥାଏ । ଏମିତି ମାତା କେବେ ସେଥିରେ ବିଳମ୍ବ କରିପାରେ, କିନ୍ତୁ ଭଗବାନ୍ ଏଭଳି ବିଳମ୍ବ କେବେ କରିପାରିବେ ନାହିଁ । ? ଆଉ ଯଦି କରନ୍ତି, ତେବେ ଏହା ବୁଝିବାକୁ ହେବ କି ସେଥିରେ ନିଜର ଅଧିକା କଲ୍ୟାଣ ରହିଛି ।

> ପ୍ରତ୍ୟେକ ବ୍ୟକ୍ତିଙ୍କୁ ନିଜ ଶକ୍ତି ଅନୁସାରେ ସାଧନ ଜାରି ରଖିବା ଦରକାର ଆଉ ଭଗବାନଙ୍କର ଅସୀମ ଦୟାର ଅନୁଭବ କରି ମୁଗ୍ଧ ହେବା ଦରକାର । ଫଳତଃ ଏହି ସାଧନରେ ଯେତେ ସମୟ ଲଗ୍ନ ହୋଇରହିବ, ଆନନ୍ଦ ସେତିକି ସେତିକି ଅନୁଭବ ହୋଇ ଚାଲିବ ।

## ଭକ୍ତକୁ ସେ ଭଲ ଭାବରେ ଜାଣନ୍ତି

ଭଗବାନ୍ ସର୍ବଜ୍ଞ ଅଟନ୍ତି । ନିଜର ମଙ୍ଗଳ କେଉଁଥିରେ, ତାହା ସେ ଭଲ ଭାବରେ ଜାଣନ୍ତି । ଅତଏବ ତାଙ୍କ ଉପରେ ଦୃଢ ଅତୁଟ ବିଶ୍ୱାସ ରଖି କୌଣସି ପ୍ରକାର ଚିନ୍ତା କରିବ ନାହିଁ । ଯେଭଳି ଜଣେ ଚକ୍ଷୁ ବିହୀନ ବ୍ୟକ୍ତି ମଧୁ ଖାଇ ଆନନ୍ଦରେ ମଗ୍ନ ହୋଇଯାଏ, ସେହିଭଳି ଭଗବାନଙ୍କର ଦୟା ଉପରେ ବିଚାରକରି ସେଥିରେ ନିମଗ୍ନ ହୋଇଯିବା ଦରକାର, ଅନ୍ୟ କୌଣସି କଥାର ବିଚାର କରିବା ଉଚିତ ନୁହେଁ । ଭଗବାନଙ୍କ ବିଚାରରେ ରାଜି ହୋଇଯିବା ଦରକାର, ଚାହେଁ ଖାଲ ମଧ୍ୟରେ ପତିତ ହୁଅ, ସେଥିରେ କୌଣସି ଆପତ୍ତି ନାହିଁ । ସେଥିରେ ହିଁ ପ୍ରସନ୍ନ ରହିବା ଦରକାର । ଆଉ ସେହି ଭଗବତ୍ ଆନନ୍ଦର ଦୃଢତା ସହକାରେ ପ୍ରଚାର କର, ଯେପରି ଅନ୍ୟ ସମସ୍ତେ ମଧ୍ୟ ସେହି ଆନନ୍ଦରେ ମୁଗ୍ଧ ହୋଇଚାଲିବେ । ଏଭଳି ସ୍ଥିତି ହେବା ଦରକାର କି, ଯଦି ସେ ସମୟରେ କେହି ତାଙ୍କୁ ଅଗ୍ନିରେ ନିକ୍ଷେପ କରନ୍ତି ତାହା ମଧ୍ୟ ତାଙ୍କୁ ଜଣାପଡିବ ନାହିଁ । ପ୍ରଶ୍ନ ହୋଇପାରେ କି, ଏଭଳି ସ୍ଥିତିରେ ବିକାର ଉତ୍ପନ୍ନ ହେବା ସମ୍ଭବ, ତେବେ ସେଠାରେ ବିକାର ଉତ୍ପନ୍ନ ହେବାର କାରଣ ହିଁ ନାହିଁ । ଯଦି ବିକାର ଉତ୍ପନ୍ନ ହୁଏ, ତେବେ ତାହା ମୂର୍ଖତା ମାତ୍ର, ଅଜ୍ଞତା ହିଁ ତାହାର କାରଣ ହୋଇପାରେ । ଅତଏବ ପ୍ରତ୍ୟେକ ବ୍ୟକ୍ତିଙ୍କୁ ନିଜ ଶକ୍ତି ଅନୁସାରେ ସାଧନ ଜାରି ରଖିବା ଦରକାର ଆଉ ଭଗବାନଙ୍କର ଅସୀମ ଦୟାର ଅନୁଭବ କରି ମୁଗ୍ଧ ହେବା ଦରକାର । ଫଳତଃ ଏହି ସାଧନରେ ଯେତେ ସମୟ ଲଗ୍ନ ହୋଇରହିବ, ଆନନ୍ଦ ସେତିକି ସେତିକି ଅନୁଭବ ହୋଇ ଚାଲିବ । ତଥା ପରିଣାମତଃ ପରମାନନ୍ଦ ପ୍ରାପ୍ତି ହୋଇପାରିବ, ଏଥିରେ କୌଣସି ସନ୍ଦେହ ନାହିଁ ।

CMYK



# ଜରାଜୀର୍ଣ୍ଣ ଅବସ୍ଥାରେ କେନ୍ଦ୍ରାପଡ଼ା ଘାସ ଫାର୍ମ

## ଚାଷୀଙ୍କ କାମରେ ଆସୁନି, ରକ୍ଷଣାବେକ୍ଷଣ ନାଁରେ ଖର୍ଚ୍ଚ ହେଉଛି ଲକ୍ଷ ଲକ୍ଷ ଟଙ୍କା !

କେନ୍ଦ୍ରାପଡ଼ା(ନିପ୍ର): ଚାଷୀଙ୍କୁ ଉନ୍ନତମାନର ଗୋ-ଖାଦ୍ୟ ଘାସ ଯୋଗାଇବା ସହ ଘାସ ଚାଷ ପ୍ରତି ଚାଷୀଙ୍କୁ ଉତ୍ସାହିତ ଓ ପ୍ରଶିକ୍ଷିତ କରିବା ଉଦ୍ଦେଶ୍ୟରେ ପ୍ରତିଷ୍ଠିତ କେନ୍ଦ୍ରାପଡ଼ା ପ୍ରାଣୀ ସମ୍ପଦ ବିଭାଗର ଘାସ ଫାର୍ମ ଏବେ ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ିରହିଛି । ଫଳରେ ଯେଉଁ ଉଦ୍ଦେଶ୍ୟରେ ଏହି ଫାର୍ମ ପ୍ରତିଷ୍ଠା କରାଯାଇଥିଲା, ତାହା ଏବେ ପ୍ରଶ୍ନବାଚୀ ହୋଇଛି । ସରକାରୀ ରେକର୍ଡ ଅନୁଯାୟୀ, ୧୯୫୨ ମସିହାରୁ ଘାସ ଚାଷ ପାଇଁ ପ୍ରାଣୀ ସମ୍ପଦ ବିଭାଗକୁ ୧୦ ଏକର ୯୦ ଡେସିମିଲ ଜମି ଯୋଗାଇ ଦିଆଯାଇଥିଲା । ପରବର୍ତ୍ତୀ ସମୟରେ ସେଥିରୁ ୬ ଏକର ଜମି କେନ୍ଦ୍ରୀୟ ବିଦ୍ୟାଳୟ ପାଇଁ ସରକାରୀ ସ୍ତରରେ ପ୍ରଦାନ କରାଯାଇଥିବା ବେଳେ, ବର୍ତ୍ତମାନ ପ୍ରାୟ ୪ ଏକର ୯୦ ଡେସିମିଲ ଜମିରେ ଘାସ ଫାର୍ମ ରହିଥିବା ସରକାରୀ ରେକର୍ଡରୁ ଜଣାପଡ଼ିଛି । ଏହି ଫାର୍ମର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଚାଷୀମାନଙ୍କୁ ଘାସ ଚାଷ ସମ୍ପର୍କରେ ପ୍ରଶିକ୍ଷଣ ଦେବା, ଘାସର ମୂଳ ଯୋଗାଇବା ଏବଂ ଆବଶ୍ୟକତା ଅନୁଯାୟୀ ଘାସ ବିକ୍ରି କରିବା । ଏଥିପାଇଁ ଫାର୍ମର ରକ୍ଷଣାବେକ୍ଷଣ ନିମନ୍ତେ ଜଣେ କର୍ମଚାରୀ ମଧ୍ୟ ନିୟୋଜିତ ଥିବା ଜଣାପଡ଼ିଛି । କିନ୍ତୁ ବର୍ତ୍ତମାନ ଫାର୍ମର ଚିତ୍ର ସମ୍ପୂର୍ଣ୍ଣ ଭିନ୍ନ । ଫାର୍ମରେ ନିୟମିତ ଭାବେ ଘାସ ଚାଷ ହେଉନଥିବା ଅଭିଯୋଗ ହେଉଛି । ଚାଷୀମାନଙ୍କୁ ଘାସ ଚାଷ ପାଇଁ ପ୍ରଶିକ୍ଷଣ ଦେବା କିମ୍ବା ଘାସ ମୂଳ ଯୋଗାଇବା ଭଳି କାର୍ଯ୍ୟକ୍ରମ ମଧ୍ୟ ଠପ୍ ହୋଇପଡ଼ିଥିବା ଅଭିଯୋଗ ରହିଛି । ଏପରି ସ୍ଥିତିରେ ଫାର୍ମର ରକ୍ଷଣାବେକ୍ଷଣ ପାଇଁ ନିୟୋଜିତ କର୍ମଚାରୀ ଏବେବି ସରକାରଙ୍କଠାରୁ ଦରମା ପାଉଥିବା ବେଳେ, ଫାର୍ମର ବାସ୍ତବ ସ୍ଥିତିକୁ ନେଇ ଉଠିଛି ବଡ଼ ପ୍ରଶ୍ନ । ଚାଷୀଙ୍କ ଆବଶ୍ୟକତା ପୂରଣ ଓ ପଶୁପାଳନକୁ ପ୍ରୋତ୍ସାହନ ଦେବା ପାଇଁ ସରକାର ଏହି ଫାର୍ମ ପଛରେ ଅର୍ଥ ଖର୍ଚ୍ଚ କରୁଥିବା ବେଳେ, ତାହାର ସୁଫଳ ଚାଷୀଙ୍କ ପାଖରେ ପହଞ୍ଚୁନଥିବା ଅଭିଯୋଗ ହୋଇଛି । ଏନେଇ ଜିଲ୍ଲା ପ୍ରାଣୀ ସମ୍ପଦ ବିଭାଗର ଅଧିକାରୀଙ୍କୁ



ପଚାରିବାରୁ ମଧ୍ୟ ଏହି ଅବ୍ୟବସ୍ଥା ସମ୍ପର୍କରେ କୌଣସି ସନ୍ତୋଷଜନକ ଉତ୍ତର ମିଳୁନଥିବା ଅଭିଯୋଗ ରହିଛି । ତେବେ ଦୀର୍ଘଦିନ ଧରି ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ିଥିବା ଏହି ସରକାରୀ ଘାସ ଫାର୍ମର ପୁନରୁଦ୍ଧାର କେବେ ହେବ ? ଚାଷୀଙ୍କ ପାଇଁ ପୁଣିଥରେ ଏହାକୁ କାର୍ଯ୍ୟକ୍ଷମ କରାଯିବ କି ? ଏବଂ ସରକାରୀ ଅର୍ଥର ସଠିକ୍ ବିନିଯୋଗ ହେଉଛି କି ନାହିଁ—ତାହା ଏବେ ସାଧାରଣରେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି ।

## ରାଇସୁଙ୍ଗୁଡ଼ାରେ ମାଗଣା ସ୍ୱାସ୍ଥ୍ୟ ଓ ଚକ୍ଷୁ ପରୀକ୍ଷା ଶିବିର

ସାଲେପୁର(ନିପ୍ର): ଟାଙ୍ଗୀ-ସାଲେପୁର ଅଞ୍ଚଳର ବିଜେପି ନେତା ଅରିନ୍ଦମ ରାୟଙ୍କ ନେତୃତ୍ୱରେ ସାଲେପୁର ବ୍ଲକ ଅନ୍ତର୍ଗତ ରାଇସୁଙ୍ଗୁଡ଼ା କଲ୍ୟାଣୀ ମଣ୍ଡପଠାରେ ଏକ ମାଗଣା ମେଗା ସ୍ୱାସ୍ଥ୍ୟ ଓ ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ସ୍ୱପ୍ନା ସୁପର୍ ସ୍ପେସାଲିଷ୍ଟ ହସ୍ପିଟାଲର ବିଭିନ୍ନ ବିଭାଗର ଅଭିଜ୍ଞ ଡାକ୍ତରମାନେ ଯୋଗଦେଇ ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ । ଏଥିସହ ୧୦୦ରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିବାବେଳେ ଆବଶ୍ୟକ ଅନୁଯାୟୀ ମାଗଣା ଔଷଧ ବଣ୍ଟନ କରାଯାଇଥିଲା । ଏହି ଶିବିରରେ ଆୟୁଷ୍ମାନ ଯୋଜନା ମାଧ୍ୟମରେ ବିଭିନ୍ନ ରୋଗର ମାଗଣା ଚିକିତ୍ସା ସୁବିଧା ଉପଲବ୍ଧ ଥିବା ସ୍ୱପ୍ନା ସୁପର୍ ସ୍ପେଶାଲିଷ୍ଟ୍ ହସ୍ପିଟାଲ୍ ମଧ୍ୟ ଲୋକଙ୍କୁ ସଚେତନ କରାଯାଇଥିଲା । ଅଞ୍ଚଳବାସୀଙ୍କୁ ନିକଟରେ ସ୍ୱାସ୍ଥ୍ୟସେବା ଯୋଗାଇବା ଉଦ୍ଦେଶ୍ୟରେ ଏଭଳି ଶିବିର ଆୟୋଜନ କରାଯାଇଥିବା ଆୟୋଜକଙ୍କ ପକ୍ଷରୁ କୁହାଯାଇଛି । ଶିବିରରେ ସ୍ୱାସ୍ଥ୍ୟ ପରୀକ୍ଷା ସହ ଚକ୍ଷୁ ପରୀକ୍ଷା ଓ ମାଗଣା ଔଷଧ ବଣ୍ଟନ ହୋଇଥିବାରୁ ଏହାକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ସନ୍ତୋଷ ପ୍ରକାଶ ପାଇଛି । ଏହି କାର୍ଯ୍ୟକ୍ରମକୁ ସମାଜସେବୀ ବେଣୁଧର ପ୍ରଧାନ, ଆମ୍ବା ସଭାପତି ରମେଶ ନାୟକ ଓ ସମାଜସେବୀ ପୂର୍ଣ୍ଣିମା ମିଶ୍ର ସମେତ ବହୁ ବିଜେପି କର୍ମୀ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

## ଜିଲ୍ଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି

ଭଦ୍ରକ,(ନିପ୍ର): ଭଦ୍ରକ ବ୍ଲକ ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷ ପରିସରଠାରେ ଆଜି ଜିଲ୍ଲାପାଳକଂ ମିଳିତ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି । ଏହି ଶୁଣାଣିରେ ମୋଟ ୧୫୨ଟି ଅଭିଯୋଗ ଗ୍ରହଣ କରାଯାଇଥିଲା । ଏଥିରୁ ୧୩୧ଟି ବ୍ୟକ୍ତିଗତ ସମସ୍ୟା ସମ୍ବନ୍ଧୀୟ ଥିବାବେଳେ ୧୬ଟି ଗ୍ରାମୀଣ ସମସ୍ୟା ସମ୍ବନ୍ଧୀୟ ଓ ରେଡ କ୍ରଶ ଅଧିନସ୍ଥ ୫ଟି ଅଭିଯୋଗ ରହିଥିଲା ।ଶୁଣାଣି ସମୟରେ ୧୩ଟି ଅଭିଯୋଗର ସ୍ଥଳୀୟ ସମାଧାନ କରାଯାଇଥିବାବେଳେ ଜିଲ୍ଲା ରେଡକ୍ରସ ପାଣ୍ଠି ମାଧ୍ୟମରେ ୫ଜଣ ଅଭିଯୋଗକାରୀଙ୍କୁ ମୋଟ ୧୮,୦୦୦/- ଟଙ୍କା ମଞ୍ଜୁର କରାଯାଇଛି ।ଏହି ଜନ ଅଭିଯୋଗ ଶୁଣାଣିରେ ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ , ଆରକ୍ଷୀ ଅଧୀକ୍ଷକ ମନୋଜ ରାଉତ, ଅତିରିକ୍ତ ଜିଲ୍ଲାପାଳ ସରୋଜ ଦତ୍ତ , ମୁଖ୍ୟ ଉନ୍ନୟନ ଅଧିକାରୀ, DRDA, ଶୁଭେନ୍ଦ୍ର ସାମଲ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ପ୍ରମୋଦ ପ୍ରହରାଜ, ଉପ ଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ, ଭଦ୍ରକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ରଶ୍ମିରଂଜନ ମଲ୍ଲିକ, ତହସିଲଦାର ସଂଗ୍ରାମ ଖୁଣ୍ଟିଆ ଓ ଅନ୍ୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ ।

## ବରିଷ୍ଠ ଶିକ୍ଷକ ଓ ଶିକ୍ଷୟିତ୍ରୀମାନଙ୍କୁ ସମ୍ବର୍ଦ୍ଧନା

ମାର୍ଶାଘାଇ,(ନି.ପ୍ର): କେନ୍ଦ୍ରାପଡ଼ା ଜିଲ୍ଲାର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ମାରୁତି ୟୁଥ୍ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଏକ ନିଆରା ଓ ପ୍ରଶଂସନୀୟ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ଟ୍ରଷ୍ଟର ସଦସ୍ୟମାନେ ଅଞ୍ଚଳର ବରିଷ୍ଠ ତଥା ପୂଜ୍ୟ ଶିକ୍ଷକମାନଙ୍କ ଘରେ ପହଞ୍ଚି ସେମାନଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ । ଶିକ୍ଷାଦାନ ମାଧ୍ୟମରେ ସମାଜ ଗଠନରେ ଏହି ଶିକ୍ଷକମାନଙ୍କ ଅବଦାନକୁ ସ୍ମରଣ କରି ଟ୍ରଷ୍ଟ ପକ୍ଷରୁ ଏଭଳି ସମ୍ମାନ ପ୍ରଦାନ କରାଯାଇଥିବା କୁହାଯାଇଛି । ଗୁରୁଙ୍କ ପ୍ରତି ସମ୍ମାନ, କୃତଜ୍ଞତା ଓ ପୁରାତନ ଗୁରୁ-ଶିଷ୍ୟ ପରମ୍ପରାକୁ ଜୀବନ୍ତ ରଖିବାରେ ଏହି ପ୍ରୟାସ ଏକ ସୁନ୍ଦର ଉଦାହରଣ ବୋଲି ସ୍ଥାନୀୟ ମହଲରେ ମତ ପ୍ରକାଶ ପାଇଛି । ଆଜିର ଏହି କାର୍ଯ୍ୟକ୍ରମରେ ଟ୍ରଷ୍ଟର ପ୍ରତିଷ୍ଠାତା ଆଲୋକ ସ୍ୱାଇଁ, ସଭାପତି ଗୋପବନ୍ଧୁ ରାଉତ ଓ ସମ୍ପାଦକ ସୁଧୀର ସ୍ୱାଇଁଙ୍କ ସହ ସଦସ୍ୟମାନେ ବଡ଼କୂଳ ପଞ୍ଚାୟତର ବରିଷ୍ଠ ଶିକ୍ଷାବିତ୍ ନବଘନ ସାମଲ,ଦ୍ରୌପଦୀ ରାଉତ,ରମେଶ ଚନ୍ଦ୍ର ରାଉତ, ସୁରେନ୍ଦ୍ର ସାମଲ, ବନମାଳୀ ରାଉତ, ବିଜୟ ରାଉତ, ଅନ୍ତର୍ଯ୍ୟାମୀ ରାଉତ, ଅକ୍ଷୟ ରାଉତ, ରଘୁନାଥ ଲେଙ୍କା,ଗୋପବନ୍ଧୁ ରାଉତ ପ୍ରମୁଖଙ୍କ ଘରେ ପହଞ୍ଚି ଅନୁଷ୍ଠାନ ପକ୍ଷରୁ ସମ୍ମାନୀତ କରିଥିଲେ ।

## ଜାତୀୟ ଅନସୂଚିତ ଜନଜାତି ଆୟୋଗଙ୍କ ପୁରୀ ଜିଲ୍ଲା ଗସ୍ତ



ପୁରୀ (ନିପ୍ର) ଜାତୀୟ ଅନସୁଚୀତ ଜନଜାତି ଆୟୋଗ ର ଅଧ୍ୟକ୍ଷ ଅନ୍ତର ସିଂ ଆର୍ଯ୍ୟ ଦୁଇ ଦିନିଆ ପୁରୀ ଗସ୍ତରେ ଆସି ବିଭିନ୍ନ କାର୍ଯ୍ୟ ର ସମୀକ୍ଷା କରିଛନ୍ତି ।ଗତକାଲି ଅଧ୍ୟକ୍ଷ ଶ୍ରୀ ଆର୍ଯ୍ୟ ସର୍କିଟ ହାଉସ ଠାରେ ପହଞ୍ଚିବା ପରେ ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା ତାଙ୍କୁ ଓ ଅନ୍ୟ ସଦସ୍ୟ ମାନଙ୍କୁ ସ୍ୱାଗତ କରିଥିଲେ ।ପରେ ସର୍କିଟ ହାଉସ ସମ୍ମିଳନୀ କକ୍ଷରେ ଆୟୋଜିତ ବୈଠକରେ ଜିଲ୍ଲାପାଳ ଶ୍ରୀ ପରିଡା ପୁରୀ ଜିଲ୍ଲା ରେ ଅନସୁଚୀତ ଜନଜାତି ବିକାଶ, କଲ୍ୟାଣ ତଥା ଉନ୍ନୟନ ପାଇଁ ଗ୍ରହଣ କରାଯାଇଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ କମିଶନ ଙ୍କୁ ସୂଚନା ପ୍ରଦାନ କରିଥିଲେ ।ଜିଲ୍ଲା ରେ ୮ଗୋଟି ଅନୁସୂଚୀତ ଜାତି ଓ ଜନଜାତି ବିଦ୍ୟାଳୟ ଓ ୧୦ ଗୋଟି ଅନୁସୂଚୀତ ଜାତି ଓ ଜନଜାତି ହଷ୍ଟେଲ ରହିଛି ।ସେଥିରୁ ୬ ଟି ଏସସି ଓ ଏସଟି ବିଭାଗ ଓ ୪ ଗୋଟି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପରିଚାଳିତ ବିଦ୍ୟାଳୟ ରେ ହଷ୍ଟେଲ ଚାଲୁଅଛି ।ସେମାନଙ୍କୁ ନିୟମିତ ଶିକ୍ଷା ଦାନ ସହ ସରକାରଙ୍କ ସ୍ଥିରୀକୃତ ଛାତ୍ର ବୃତ୍ତି ମଧ୍ୟ ପ୍ରଦାନ କରାଯାଉଛି ବୋଲି ଜିଲ୍ଲାପାଳ ସୂଚନା ଦେଇଥିଲେ ।ଅଧ୍ୟକ୍ଷ ଶ୍ରୀ ଆର୍ଯ୍ୟ ସମସ୍ତ କାର୍ଯ୍ୟ ର ସମୀକ୍ଷା କରିବା ସହ ବିଭିନ୍ନ ଯୋଜନା ର କାର୍ଯ୍ୟକାରିତା ସମ୍ପର୍କରେ ସନ୍ତୋଷ ପ୍ରକାଶ କରିଥିଲେ ।ପୂର୍ବରୁ ଏକ ପେଡ ମା କେ ନାମ କାର୍ଯ୍ୟକ୍ରମ ଅଧିନରେ ଅଧ୍ୟକ୍ଷ ଶ୍ରୀ ଆର୍ଯ୍ୟ ଚାରାରୋପଣ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଡିଏଫଓ ମଗର ଧନୀଜ ରାସୋସୋ,ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇ, ଉପ ଜିଲ୍ଲାପାଳ ରାଜ କିଶୋର ଜେନା,ଜିଲ୍ଲା ମଙ୍ଗଳ ଅଧିକାରୀ ମମତାରାଣୀ ପରିଡା,ଅଧ୍ୟକ୍ଷ ଙ୍କ ସହ ଆସିଥିବା ଅନ୍ୟାନ୍ୟ ଅଧିକାରୀ, ଅନସୁଚୀତ ଜନଜାତି କମିଟିର ସଦସ୍ୟ ବୃନ୍ଦ, ବିଭିନ୍ନ ସାମାଜିକ ସଂଗଠନ ର କର୍ମକର୍ତ୍ତା ପ୍ରମୁଖ ଯୋଗ ଦେଇଥିଲେ ।ଆଜି ପୂର୍ବାହ୍ନରେ ଅଧ୍ୟକ୍ଷ ମହାପ୍ରଭୁଙ୍କ ଦର୍ଶନ ସହ ସାତପଡ଼ା ଅଞ୍ଚଳ ପରିଦର୍ଶନ କରିଥିଲେ ।

## କୃଷ୍ଣପ୍ରସାଦ ବିଜେପିର ସେବା ସଂକଳ୍ପ ଅଭିଯାନ

କୃଷ୍ଣପ୍ରସାଦ,(ନି ପ୍ର): ପୁରୀ ଜିଲ୍ଲା ବ୍ରହ୍ମଗିରି ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ କୃଷ୍ଣପ୍ରସାଦ ବିଜେପି ତରଫରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୨୫ ବର୍ଷର ସେବା ଓ ସମର୍ପଣ ଅବସରରେ ସେବା ସଂକଳ୍ପ ଅଭିଯାନ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । କୃଷ୍ଣପ୍ରସାଦ ମଣ୍ଡଳ ବିଜେପି ପକ୍ଷରୁ ତିଛିଣି ସ୍ଥିତ ବୀଣାପାଣି ୟୁଥ କ୍ଲବ ପରିସରରେ ସଭାପତି ସଂଗ୍ରାମ କେଶରୀ ଜେନାଙ୍କ ଅଧ୍ୟକ୍ଷତାରେ ସଭାର ଆୟୋଜନ କରାଯାଇଥିଲା । ବୈଠକରେ ଦଳର ସାଙ୍ଗଠନିକ ଦକ୍ଷତା ଓ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ଜନକଲ୍ୟାଣକାରୀ ଯୋଜନା ଗୁଡିକ କିଭଳି ସିଧା ସଳଖ ଲୋକମାନଙ୍କ ପାଖରେ ପହଁଚିବ ସେ ଦିଗରେ ଆଲୋଚନା ହୋଇଥିଲା । ସେବା ସଂକଳ୍ପ ଅଭିଯାନ ୧ ମାସ ଧରି ଚାଲିବାକୁ ଥିବା ବେଳେ ବିଭିନ୍ନ କାର୍ଯ୍ୟକ୍ରମ ମାନ ଆୟୋଜନ କରାଯିବ ବୋଲି ଜଣାପଡିଛି । ବୈଠକରେ ବିଧାୟିକାଙ୍କ ପ୍ରତିନିଧି ଉତ୍ତମ କୁମାର ତରେଇ, ସାଂସଦଙ୍କ ପ୍ରତିନିଧି ହରିହର ଦାଶ, ବ୍ଲକ ଆମ୍ବା କମିଟି ଅଧ୍ୟକ୍ଷ ସଞ୍ଜୟ କୁମାର ସେଠୀ,ଯୁବ ମୋର୍ଚ୍ଚା ସଭାପତି ବିଶ୍ୱଜିତ ବିଶ୍ୱାଳ, ଉପସଭାପତି ବିଶ୍ୱଜିତ ଜେନା, ସମ୍ପାଦକ ମନୋଜ କୁମାର ଜେନା, କୋଷାଧ୍ୟକ୍ଷ ରାମଚନ୍ଦ୍ର ବେହେରା,ହିରଣ୍ୟ କୁମାର ଜେନା, ବସନ୍ତ କୁମାର ପଲେଇ, ଯୁବନେତା ପ୍ରଦୀପ କୁମାର ଜେନା, ଗୋପାଳ କୃଷ୍ଣ ପଲେଇ ସମେତ ଶତାଧିକ ଦଳୀୟ କର୍ମୀ କର୍ମକର୍ତ୍ତା ସଂଗଠକ ଉପସ୍ଥିତ ଥିଲେ ।

## ଦୁଇଦିନିଆ ‘ଆପଦା ମିତ୍ର’ କିଶୋରୀ ବାଳିକା ପ୍ରଶିକ୍ଷଣ ଶିବିର

ନିରାକାରପୁର (ନିପ୍ର): ଖୋର୍ଦ୍ଧା ବ୍ଲକ୍ ଅନ୍ତର୍ଗତ ନରଣଗଡ଼ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଜାତୀୟ ବିପର୍ଯ୍ୟୟ ପ୍ରଶମନ ପ୍ରାଧିକରଣ ତରଫରୁ ଏକ ଦୁଇଦିନିଆ ‘ଆପଦା ମିତ୍ର’ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ନରଣଗଡ଼ ଓ ଓରବରସିଂହ ଗ୍ରାମପଞ୍ଚାୟତର କିଶୋରୀ ବାଳିକାମାନେ ଯୋଗଦେଇ ବିପର୍ଯ୍ୟୟ ପରିଚାଳନା ଓ ଜରୁରୀକାଳୀନ ଉଦ୍ଧାର କୌଶଳ ସମ୍ପର୍କରେ ପ୍ରଶିକ୍ଷଣ ଗ୍ରହଣ କରୁଛନ୍ତି । ସ୍ଥାନୀୟ ସରପଞ୍ଚ ମିତାରାଣୀ ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିଥି ଭାବରେ ସମାଜସେବୀ କାଳୁ ଚରଣ ବଳିୟାରସିଂହ, କୈଳାସ ବଳିୟାରସିଂହ, ଅବକାଶ ମହାନ୍ତି, ସମିତି ସଭ୍ୟା ଶାନ୍ତିଲତା ବେହେରା ଓ ପିଓ ପ୍ରମୋଦ ନାୟକ ପ୍ରମୁଖ ଯୋଗଦେଇଥିଲେ ।

## ଗଣେଶ ପୂଜା ପାଇଁ ଗାଁ’ଠୁ ସହର ଚଳଚଞ୍ଚଳ



ବୁଗୁଡ଼ା,(ନିପ୍ର): ଚଳିତ ମାସ ୧୪ ତାରିଖ ଆସନ୍ତା ସୋମବାର ଦିନ ପଡୁଛି ଗଣେଶ ପୂଜା । ଏବେଠାରୁ ସଜେଇ ହେଲାଣି ବୁଗୁଡା ଅଞ୍ଚଳର ବିଭିନ୍ନ ଗ୍ରାମ । ବିଭିନ୍ନ ସ୍ଥାନରେ ଟେଣ୍ଟ ଭିଡା କାମ ଆରମ୍ଭ ହୋଇଯାଇଥିଲା ବେଳେ ମୂର୍ତ୍ତି ଗଢା କାମ ମଧ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିବା ସାଙ୍ଗକୁ କେବଳ କାରିଗରର ଶେଷ ସ୍ୱର୍ଶକୁ ଅପେକ୍ଷା ରହିଛି । ଚଳିତ ବର୍ଷ ପୂଜାକୁ ଧୂମଧାମରେ ପାଳନ କରିବା ପାଇଁ ବିଭିନ୍ନ କମିଟିର ସଦସ୍ୟମାନେ ଦିନରାତି ଏକ କରି ଦେଇଛନ୍ତି । ବୁଗୁଡ଼ା ସହରାଞ୍ଚଳ ସାଙ୍ଗକୁ ଗ୍ରାମାଞ୍ଚଳରେ ମଧ୍ୟ ବିଭିନ୍ନ ସ୍ଥାନରେ ପିଲାଠାରୁ ଆରମ୍ଭ କରି ଯୁବକମାନେ ଦଳ ଦଳ ହୋଇ ଲୋକଙ୍କଠୁ ପୂଜା ଚାନ୍ଦା ଆଦାୟ କରୁଥିବାର ଦେଖିବାକୁ ମିଳୁଛି । ପ୍ରତିବର୍ଷ ବୁଗୁଡା ଅଞ୍ଚଳରେ ଧୂମଧାମରେ ଗଣେଶ ପୂଜା ଉତ୍ସବ ପାଳନ ହେଉଥିବା ବେଳେ ଏ ବର୍ଷ ଶାନ୍ତି ଶୃଙ୍ଖଳାର ସହ ପାଳନ କରିବାକୁ ପୂଜା କମିଟିଗୁଡ଼ିକ ପକ୍ଷରୁ ସବୁ ପ୍ରକାର ପ୍ରସ୍ତୁତି ଜାରି ରହିଛି ।

## ପରିବେଶ ସଚେତନତା ଶୋଭାଯାତ୍ରା




ରାୟଗଡ:(ନି:ପ୍ର) ‘ଆନ୍ତର୍ଜାତୀୟ ନିର୍ମଳ ବାୟୁ ଦିବସ’ ଅବସରରେ ରାୟଗଡ ସହରରେ ଏକ ବିଶାଳ ପରିବେଶ ସଚେତନତା ଶୋଭାଯାତ୍ରା ଗୁଣ୍ଡିଚା ମନ୍ଦିର ଠାରୁ ବାହାରି ମା ମାଝି ଘାରିଆଣୀ ମନ୍ଦିର ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା । ଏହା ସହିତ ବ୍ୟାପକ ପ୍ଲାଷ୍ଟିକ ବର୍ଜ୍ୟବସ୍ତୁ ସଫେଇ ଅଭିଯାନ ମା ମାଝି ଘାରିଆଣୀ ମନ୍ଦିର ପରିସରରେ ସଫଳତାର ସହ ସମ୍ପନ୍ନ ହୋଇଯାଇଛି । ଉକ୍ତ ଶୋଭାଯାତ୍ରା ଓ ସଫେଇ ଅଭିଯାନଟି ଆଞ୍ଚଳିକ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ରାୟଗଡ ଓ ରାୟଗଡ ପୌରପାଳିକାର ମିଳିତ ସହଯୋଗରେ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ନିହାର ରଞ୍ଜନ କହଁର, ଅତିରିକ୍ତ ଜିଲ୍ଲାପାଳ, ରାୟଗଡ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସବୁଜ ପତାକା ଦେଖାଇ ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲେ । ଏହି ଅବସରରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ବାୟୁ ପ୍ରଦୂଷଣକୁ କ୍ରମାଗତ ଭାବେ ହ୍ରାସ କରିବା ପାଇଁ ସାମୂହିକ ପ୍ରୟାସର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ । ପ୍ଲାଷ୍ଟିକ ପୋଡ଼ିବା ଦ୍ୱାରା ବାୟୁମଣ୍ଡଳ ବିଷାକ୍ତ ହେଉଥିବାରୁ ଏଥିରୁ ନିବୃତ୍ତ ରହିବାକୁ ସେ ସମସ୍ତଙ୍କୁ ଅନୁରୋଧ କରିଥିଲେ ।

## ଜିଲ୍ଲାସ୍ତରୀୟ ଶାରୀରିକ ଶିକ୍ଷା ଶିକ୍ଷକଙ୍କ ପ୍ରଶିକ୍ଷଣ ସମ୍ମିଳନୀ

ସୁବର୍ଣ୍ଣପୁର(ନିପ୍ର): ସୁବର୍ଣ୍ଣପୁର ଜିଲ୍ଲାରେ ଜିଲ୍ଲାସ୍ତରୀୟ ଶାରୀରିକ ଶିକ୍ଷା ଶିକ୍ଷକଙ୍କ ପ୍ରଶିକ୍ଷଣ ସମ୍ମିଳନୀ-ସହ-ଅଭିମୁଖୀକରଣ କାର୍ଯ୍ୟକ୍ରମ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ, ସୁବର୍ଣ୍ଣପୁର ପକ୍ଷରୁ ଆୟୋଜିତ ହୋଇଯାଇଛି । ଜିଲ୍ଲା ଶିକ୍ଷା ଅଧିକାରୀ ଘନଶ୍ୟାମ ମେହେରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସୁବର୍ଣ୍ଣପୁରର ଭାରପ୍ରାପ୍ତ ଜିଲ୍ଲା ମାଜିଷ୍ଟ୍ରେଟ୍ ତଥା ଜିଲ୍ଲାପାଳ ରାଜେନ୍ଦ୍ର ମାଝି ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ସମ୍ମାନିତ ଅତିଥି ଭାବେ ସୁବର୍ଣ୍ଣପୁର ଜିଲ୍ଲାର ଆରକ୍ଷୀ ଅଧୀକ୍ଷକ ନାରାୟଣ ନାୟକ ଏବଂ ଅତିରିକ୍ତ ଜିଲ୍ଲାପାଳ ଅଞ୍ଜଳିନା ପଧାନ ଯୋଗଦେଇଥିଲେ ।

## ଜିଲ୍ଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି
## ୩୪୮ ରୁ ୨୭ ଅଭିଯୋଗର ତ୍ୱରିତ୍ ସମାଧାନ

କଟକ(ନିପ୍ର): କନ୍ହେଇପୁର ଗ୍ରାମ ପଞ୍ଚାୟତସ୍ଥିତ ଭଗତପୁର କଲ୍ୟାଣ ମଣ୍ଡପରେ ଜିଲ୍ଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଜନ ଅଭିଯୋଗ ଶୁଣାଣିରେ ସମୁଦାୟ ୩୪୮ଟି ଅଭିଯୋଗ ହସ୍ତଗତ ହୋଇଥିବାବେଳେ ତନ୍ମଧ୍ୟରେ ୩୨୫ଟି ବ୍ୟକ୍ତିଗତ ଅଭିଯୋଗ ଏବଂ ୨୩ଟି ସାମୁହିକ ଅଭିଯୋଗ ରହିଥିଲା । ଅଭିଯୋଗ ଶୁଣାଣି ଶିବିରରେ ୨୭ଟି ଅଭିଯୋଗର ତ୍ୱରିତ ସମାଧାନ ନିମନ୍ତେ ବିହିତ ପଦକ୍ଷେପ ଗ୍ରହଣ କରାଯାଇଥିଲା ।ଏହି ଅଭିଯୋଗ ଶୁଣାଣି ସ୍ଥଳରେ , ଆରକ୍ଷୀ ଅଧିକ୍ଷକ ବିନୀତ ଅଗ୍ରୱାଲ, ଅତିରିକ୍ତ ଜିଲ୍ଲାପାଳ କମଳଜିତ ଦାସ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଶାନ୍ତ କୁମାର ନାୟକ, କଟକ ସଦର ଉପଜିଲ୍ଲାପାଳ ଦିବ୍ୟଜ୍ୟୋତି ସ୍ମୃତିରଞ୍ଜନ ଦେଓଙ୍କ ସମେତ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ । ଏଥିସହ କୃଷି, ଶିକ୍ଷା, ବିଦ୍ୟୁତ, ପାନୀୟ ଜଳ, ଭିନ୍ନକ୍ଷମ ଏବଂ ଅନ୍ୟାନ୍ୟ ଭତ୍ତା ଆଦି ସମ୍ପର୍କିତ ବିଭିନ୍ନ ପଞ୍ଜିକୃତ ଅଭିଯୋଗର ଶୁଣାଣି ପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ବିଭିନ୍ନ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଏଠାରେ ସୂଚନାଯୋଗ୍ୟ, ଆସନ୍ତା ସେପଟ୍ମ୍ବର ୨୧ ତାରିଖରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ଓସଓ୍ୱାନ୍ କକ୍ଷଠାରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହେବ ।

## ଆନନ୍ଦମାର୍ଗ ୟୁନିଭରସାଲ ରିଲିଫ ଟିମ୍ ପକ୍ଷରୁ ବନ୍ୟାଞ୍ଚଳରେ ରିଲିଫ୍ ବଣ୍ଟନ




ଭଦ୍ରକ(ନିପ୍ର): ଭଦ୍ରକ ଜିଲ୍ଲାର ବୈତରଣୀ ଏବଂ ଶାଳନ୍ଦୀନଦୀ ବନ୍ୟାରେ ଭଦ୍ରକ ବ୍ଲକ ସମେତ ଧାମନଗର, ଭଣ୍ଡାରୀପୋଖରୀ, ଚାନ୍ଦବାଲି, ତିହିଡ଼ି ଏବଂ ବାସୁଦେବପୁର ବ୍ଲକରେ ବ୍ୟାପକ କ୍ଷୟକ୍ଷତି ହୋଇଛି । ବିଶେଷ ଭାବରେ ଧାମନଗର ବ୍ଲକ୍‌ରେ ଆନେକ ପଞ୍ଚାୟତରେ ବ୍ୟାପକ କ୍ଷୟକ୍ଷତି ହୋଇଥିଲା ବେଳେ ପୁଣି ତୃତୀୟ ବାର ବୈତରଣୀରେ ପାଣିଆସି ଘରେ ପାଣି ପଶିଛି । ମାଟି ଘର ଅବସ୍ଥା ଅତି ଶୋଚନୀୟ ହୋଇପଡ଼ିଛି । ଏକତାଲା ଘର ଖଟ ଉପରେ ଆସବାବ ପତ୍ରରଖି ଛାତ ଉପରେ ପାଲଟାଣି ଦିନ ରାତି ବିତାଉଛନ୍ତି । ଏହି ଦୁର୍ଦ୍ଦିନରେ ବନ୍ୟା ପିଡ଼ିତଙ୍କ ସହାୟତାରେ “ଆନନ୍ଦମାର୍ଗ ୟୁନିଭରସାଲ ରିଲିଫ୍ ଟିମ” ସେମାନଙ୍କ ନିକଟରେ ପହଞ୍ଚି ସେମାନଙ୍କୁ ଆଶ୍ୱାସନା ଦେବା ସହିତ ଅଟା, ଚୂଡ଼ା, ବିସ୍କୁଟ, ଆଳୁ, ଯଥା କ୍ରମେ ରଇପୁର ପଞ୍ଚାୟତରେ ମୌଦପୁର ଓ ମୌଜପୁର ଯେନାସାହି, କରଦା ଗ୍ରାମ ପଞ୍ଚାୟାତରେ ସୁଜାନସିଂହପୁର ଅର୍ଜ୍ଜୁନ ପୁର ଗ୍ରାମପଞ୍ଚାୟତର ବାଲିପାଟଣା, ହସନାବାଦ ଗ୍ରାମପଞ୍ଚାୟତ ହସନାବାଦ, ଅସ୍ତକ ଓ ତଳ ଅସ୍ତକ ଆଦି ଗ୍ରାମରେ ବନ୍ୟା ପିଡିତ ଲୋକମାନଙ୍କୁ ଶୁଖିଲା ଖାଦ୍ୟ ବଣ୍ଟନ କରାଯାଇଛି । ବନ୍ୟା ପ୍ରଭାବିତ ଅନେକ ପରିବାର ଖାଦ୍ୟ, ପାନୀୟ, ବାସଗୃହ ସହିତ ଦୈନନ୍ଦିନ ଆବଶ୍ୟକତା ସେମାନଙ୍କ ପାଖରେ ଏବେ ଉପଲବ୍ଧ ନଥିଲା ବେଳେ “ଆନନ୍ଦମାର୍ଗ ୟୁନିଭରସାଲ ରିଲିଫ୍ ଟିମ” ପହଞ୍ଚି ସେମାନଙ୍କୁ ସାମହିକ ଭାବେ ସେବାକାର୍ଯ୍ୟ ଯୋଗାଇ ଦେଇଛନ୍ତି ।

# ଡାକ୍ତରଙ୍କ ଅଭାବ: ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସେବା ବିପର୍ଯ୍ୟସ୍ତ




କଣ୍ଟିଲୋ,(ନି.ପ୍ର): ଖଣ୍ଡପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସଦାସର୍ବଦା ଡାକ୍ତରଙ୍କ ଅଭାବ ପରିଲକ୍ଷିତ ହେଉଛି । ଫଳରେ ଅଞ୍ଚଳବାସୀ ଉପଯୁକ୍ତ ସ୍ୱାସ୍ଥ୍ୟସେବା ପାଇବାରୁ ବଞ୍ଚିତ ହେଉଥିବା ଜଣାପଡିଛି । ଏବେ ସ୍ୱାସ୍ଥ୍ୟକେନ୍ଦ୍ରରେ ୧୪ ଜଣ ଡାକ୍ତରଙ୍କ ବଦଳରେ ମାତ୍ର ୩ ଜଣ ଡାକ୍ତର ରହିଥିବାରୁ ଏଭଳି ସମସ୍ୟା ସୃଷ୍ଟି ହେଉଥିବା ଜଣାପଡିଛି । ଖଣ୍ଡପଡ଼ା ସହର ସମେତ ଆଖପାଖ ଅଞ୍ଚଳର ଜନସାଧାରଣ ଖଣ୍ଡପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ସଂପୂର୍ଣ୍ଣ ନିର୍ଭର କରୁଥିବା ବେଳେ ଦୈନିକ ୩୦୦ ରୁ ଉର୍ଦ୍ଧ ରୋଗୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସୁଥିବା ଜଣାପଡିଛି । ବିଶେଷ କରି ସକାଳ ସମୟରେ ବହି ବିଭାଗରେ ଡାକ୍ତରଙ୍କୁ ଦେଖା କରିବା ନିମନ୍ତେ ରୋଗୀମାନଙ୍କ ଲମ୍ବା ଲାଇନ ଲାଗୁଥିବା ନଜରକୁ ଆସୁଛି । ଜଣେ କିମ୍ବା ୨ ଜଣ ଡାକ୍ତର ଏକ ସଙ୍ଗରେ ଏତେ ସଂଖ୍ୟକ ରୋଗୀଙ୍କୁ ଦେଖାଶୁଣା କରିବାରେ ବାରମ୍ବାର ସମସ୍ୟା ସୃଷ୍ଟି ହେଉଥିଲେ ହେଁ ସମସ୍ୟାର ସମାଧାନ ଦିଗରେ ସ୍ୱାସ୍ଥ୍ୟ ବିଭାଗ ଉଚ୍ଚ କର୍ତ୍ତୃପକ୍ଷ ଓ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଦୃଷ୍ଟି ଦେଉନଥିବାରୁ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ଏପରିକି ବିଭିନ୍ନ ସମୟରେ ଦୀର୍ଘ ସମୟ ଧରି ଲମ୍ବା ଲାଇନରେ ଘଣ୍ଟା ଘଣ୍ଟା ଧରି ଛିଡା ହୋଇ ରୋଗୀମାନେ ଡାକ୍ତରଙ୍କୁ ଦେଖା କରୁଥିବା ବେଳେ କେତେ ବେଳେ କେମିତି କେତେକ ରୋଗୀ ଡାକ୍ତରଙ୍କୁ ଦେଖା କରି ନପାରି ସଂପର୍କୀୟମାନଙ୍କ ସହ ମନ ଦୁଃଖରେ ଘରକୁ ଫେରି ଯାଉଥିବା ଜଣାପଡିଛି । ତେଣୁ ଅଞ୍ଚଳବାସୀଙ୍କ ସୁବିଧାକୁ ଦୃଷ୍ଟିରେ ରଖି ସକାଳ ଓ ଅପରାହ୍ନ ସମୟରେ ରୋଗୀମାନଙ୍କୁ ଦେଖାଶୁଣା କରିବା ନିମନ୍ତେ ଖଣ୍ଡପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଅତ୍ୟନ୍ତ ୨ ରୁ ୩ ଜଣ ଡାକ୍ତର ଉପସ୍ଥିତ ରହି ରୋଗୀଙ୍କୁ ଦେଖାଶୁଣା କରିବାକୁ ଖଣ୍ଡପଡ଼ା ଅଞ୍ଚଳର ଜନସାଧାରଣ ଦାବି କରିଛନ୍ତି । ନୟାଗଡ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ସେଥିପ୍ରତି ଦୃଷ୍ଟି ଦେବାକୁ ବୁଦ୍ଧିଜୀବୀ ମହଲରୁ ଦାବି ହେଉଛି । ସେହିପରି ଖଣ୍ଡପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଖାଲି ପଡିଥିବା ଡାକ୍ତର ପଦବୀ ଗୁଡ଼ିକ ପୁରଣ ଦିଗରେ ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହେଉଛି । ଖଣ୍ଡପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସାଧିକାରୀ ଡ.ଅଭିସାର ପଣ୍ଡାଙ୍କୁ ପଚାରିବାରେ ସମସ୍ୟା ସଂପର୍କରେ ସେ ଅବଗତ ଥିବା ନେଇ ସୂଚନା ଦେବା ସହ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ସମସ୍ୟା ସଂପର୍କରେ ବାରମ୍ବାର ଅବଗତ କରିଥିବା ପ୍ରକାଶ କରିଛନ୍ତି । ସ୍ୱାସ୍ଥ୍ୟ ବିଭାଗ ଉଚ୍ଚ କର୍ତ୍ତୃପକ୍ଷ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ, ଖଣ୍ଡପଡ଼ା ବିଧାୟକ ଓ କଟକ ଲୋକସଭା ସାଂସଦ ସେଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି ।

CMYK

ତିଥି :(ଦ୍ୱାଦଶୀ): (ପୁଷ୍ୟା କର୍କଟ)
ଅମୃତ ବେଳା: ଦିବା ଘ ୭।୫୯ ଗତେ ଘ୧୦।୨୩ ମଧ୍ୟେ

## ଆଜିର ଅନୁଚିନ୍ତନ

କର୍ମଯୋଗୀ ସାଧକ ସେ ସମସ୍ତ ଇନ୍ଦ୍ରିୟଙ୍କୁ ବଶୀଭୂତ କରି ମତ୍‌ପରାୟଣ ହୋଇ ବସିବା ଉଚିତ, କାରଣ ଯାହାର ଇନ୍ଦ୍ରିୟମାନେ ବଶୀଭୂତ, ତାହାର ବୁଦ୍ଧି ସ୍ଥିର ।। - ଶ୍ରୀମଦ୍ ଭଗବଦ୍ ଗୀତା

# ସମୀକ୍ଷା ଲୋଡ଼ୁଛି

ଗାଁ ଦାଣ୍ଡ, ସ୍କୁଲ, ଦେବାଳୟ, ଲୋକଙ୍କ ଘର ସାମ୍ନାରେ ନଦୀର ଗୋଳିଆ ପାଣି ସୁଅ ଛୁଟି ଚାଲିଥିବାବେଳେ ଛୋଟପିଲାଙ୍କୁ କାନ୍ଧରେ ହେଉ କି କାଖେଇ ହେଉ ଲୋକେ ସୁରକ୍ଷିତ ସ୍ଥାନକୁ ନେଇଥାନ୍ତି । ମହିଳାମାନେ ବନ୍ୟା ପ୍ଲାବିତ ନଳକୂଅରୁ ପାଣିସଂଗ୍ରହ କଷ୍ଟେମଷ୍ଟେ କରି ଘରକୁ ବୋହି ନେଇଥାନ୍ତି । ବିପନ୍ନମାନେ ନିଜ ନିଜ ଦୁଃଖ-ଦୁର୍ଦ୍ଦଶା ମୁଣ୍ଡେଇ ଚାଲୁଥିବାବେଳେ ତାହା ଅଙ୍ଗେ ନିଭାଇଥାନ୍ତି ଏବଂ ଏସବୁ ଦୃଶ୍ୟକୁ ସହରୀ ଲୋକେ ବା ବିପନ୍ନ ହୋଇ ନଥିବା ଅଞ୍ଚଳର ଲୋକେ ଟିଭି ଅବା ମୋବାଇଲ ସ୍କ୍ରିନରେ ନିର୍ବିକାର ଭାବରେ ଦେଖିଥାନ୍ତି । ସେମିତି ସହରୀ ବନ୍ୟା ବି ସହରାଞ୍ଚଳ ଲୋକ ସାମ୍ନା କରିଥାନ୍ତି । ଠାଏ ଠାଏ ଏଭଳି ସ୍ଥିତି ଥାଏ ପାଣି ଦୀର୍ଘଦିନ ଧରି ଜମି ରହିଥାଏ । ତାହାରି ଭିତରେ ଘାଣ୍ଟି ଚକଟି ହୋଇ ଗାଡ଼ି ଧରି ଲୋକେ ଯାଆସ କରିଥାନ୍ତି । କିଛିଦିନ ଦହଗଞ୍ଜ ହେବା ପରେ ପାଣି ଛାଡ଼ିଥାଏ ଓ ରାସ୍ତା ଦିଶିଥାଏ ।

ଆଜିକାଲି ସହର ନିର୍ମାଣ ଏଭଳି ହେଉଛି ଯେ ଠିକ୍ ଭାବରେ ବର୍ଷା ଜଳ ନିଷ୍କାସନ ହୋଇପାରୁନାହିଁ । ଏଭଳି ବି ସ୍ଥିତି ହେଉଛି ନର୍ଦ୍ଦମା ଜଳ ରାସ୍ତାରେ ଛୁଟୁଛି । ଅବଶ୍ୟ ଗାଁରେ ବନ୍ୟା ଜଳ ହେଉ କି ସହରାଞ୍ଚଳରେ ସହରୀ ବନ୍ୟା ହେଉ, ବିପଦ ସମୟରେ ଓଡ୍ରାଫ, ଅଗ୍ନିଶମ ବାହିନୀ, ଉଦ୍ଧାରକାରୀ ଦଳ ଓ ସାହାଯ୍ୟ କରିବାର ପ୍ରତିଶ୍ରୁତି ନେଇ ପହଞ୍ଚିଥାନ୍ତି ଜନ ପ୍ରତିନିଧି । ଆବଶ୍ୟକ ସ୍ଥଳେ, ଆଶ୍ରୟସ୍ଥଳୀ ଖୋଲାଯାଏ, ସେଠାରେ ଖାଦ୍ୟ ଓ ଔଷଧ ପହଞ୍ଚେ । କିନ୍ତୁ ପ୍ରଶାସନର ମୂଳପ୍ରସ୍ତୁତି ଅର୍ଥାତ୍ ଭିତ୍ତିଭୂମି ନେଇ ପ୍ରଶ୍ନ ଉଠେ, କାହିଁକି ଆମ ଭିତ୍ତିଭୂମି ଦୁର୍ବଳ, କାହିଁକି ଯଥାର୍ଥ ପ୍ରକଳ୍ପ କାର୍ଯ୍ୟକାରୀ ଠିକ୍ ଭାବରେ କରାଯାଉନାହିଁ । ଯଦି ପ୍ରକଳ୍ପମାନ ଠିକ୍ ଭାବରେ କରାଯାଉଥାନ୍ତା ତେବେ ଏପରି ମାନବୀୟ ଦୁର୍ଦ୍ଦଶା ହ୍ରାସରେ ନିଶ୍ଚେ ସହାୟକ ହେଉଥାନ୍ତା । ସହରୀ ବନ୍ୟା ହେଉ କି ନଦୀର ବନ୍ୟା ହେଉ ଆମ ରାଜ୍ୟ ପାଇଁ ଦଶନ୍ଧି ଦଶନ୍ଧି ଧରି ଏହା ସହଚର ପାଲଟିଛି । ନଦୀଗୁଡ଼ିକର ବନ୍ୟା ନିୟନ୍ତ୍ରଣ ଓ ଆନୁଷଙ୍ଗିକ ଭିତ୍ତିଭୂମି ପାଇଁ ସରକାରଙ୍କ ପକ୍ଷେ ଦୀର୍ଘମିଆଦି ଯୋଜନା କାର୍ଯ୍ୟକାରୀ ହେବା ଆବଶ୍ୟକ ରହିଛି ।

ଅପରପକ୍ଷେ ସହରାଞ୍ଚଳରେ ଉପୁଜିଥିବା ସମସ୍ୟାର ନିରାକରଣ ପାଇଁ ସରକାରଙ୍କ ଯୋଜନା ମଧ୍ୟରୁ ଅନ୍ୟତମ ମୁଖ୍ୟମନ୍ତ୍ରୀ ସହରୀବିକାଶ ଯୋଜନା(ଏମ୍‌ଏସ୍‌ବିୱାଇ), ଯାହା ପୂର୍ବରୁ ମୁଖ୍ୟମନ୍ତ୍ରୀ କର୍ମତତ୍ପର ଯୋଜନା ବା ମୁକ୍ତା ନାମରେ ପରିଚିତ ଥିଲା । ନାମ ପରିବର୍ତ୍ତିତ ହେଉ ପଛେ ଅସଲରେ କାମ ଲୋଡ଼ା । ଆଲୋଚ୍ୟ ଏମ୍‌ଏସ୍‌ବିୱାଇ ପାଇଁ ୬ଶହ କୋଟିରୁ ଅଧିକ ଟଙ୍କା ବ୍ୟୟ ବରାଦ ହୋଇଛି । ଏଥିଲାଗି ୬ହଜାରରୁ ଅଧିକ ପ୍ରକଳ୍ପ କାର୍ଯ୍ୟକାରୀ ହେବାକୁ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି । କୁହାଯାଉଛି ଯେ ଏବେ ବି ଏହି ଯୋଜନାରେ କିଛି ସହରର ଏନ୍‌ଏସି ଅଞ୍ଚଳ ଟଙ୍କାଟିଏ ବି ଖର୍ଚ୍ଚ କରିନାହାନ୍ତି । ଯଦି ଭୁବନେଶ୍ୱର ମହାନଗର ନିଗମ କଥା ଦେଖାଯାଏ କୁହାଯାଉଛି ଚଳିତ ଆର୍ଥିକ ବର୍ଷ ସର୍ବାଧିକ ଅର୍ଥ ମିଳିଛି । କିନ୍ତୁ ତହିଁରୁ କେତେ ଖର୍ଚ୍ଚ ହୋଇଛି ଓ ତାହାଦ୍ୱାରା କି କି ସୁଫଳ ମିଳିପାରିଛି ଏବଂ କେତେ ଅର୍ଥ ଖର୍ଚ୍ଚ ହୋଇପାରିନାହିଁ ଯଦି ହୋଇପାରିନାହିଁ ତେବେ ସେଥିଲାଗି ଅଧିକାରୀଙ୍କ ଶିଥିଳତା କି ପ୍ରକଳ୍ପ ଚୟନର ଅଭାବ ଦାୟୀ ତାହାର ଚିତ୍ର ଜନସାଧାରଣରେ ନାହିଁ । ଅଧିକାଂଶ ସହରାଞ୍ଚଳରେ ପ୍ରାକୃତିକ ଜଳାଶୟ ହେଉ କି ପୁଷ୍କରିଣୀ ବହୁଳାଂଶରେ ପରିତ୍ୟକ୍ତ ହୋଇଗଲାଣି । ଯେଉଁଠି, ବର୍ଷା ବା ସଂରକ୍ଷିତ ଜଳକୁ ଭିଜାଇ ରଖୁଥିଲା ତାହାର ଆଖପାଖରେ କଂକ୍ରିଟ ଜଙ୍ଗଲ ଗଢ଼ି ଉଠିଲାଣି । ସରକାରୀ ଯୋଜନା ସେବା ବ୍ୟବସ୍ଥା ସୁନିୟନ୍ତ୍ରିତ କରିବା ତଥା ନାଗରିକ କୈନ୍ଦ୍ରିକ କରିବାକୁ 'ଆମ ଶାସନ' ବ୍ୟବସ୍ଥା ରହିଛି । ତାହା ଜରିଆରେ ଯୋଜନାର ସୁଫଳ ଲୋକଙ୍କ ନିକଟରେ କେତେ ପହଞ୍ଚିଛି, କେତେ ପରଖା ଯାଉଛି, ତାହାର ସମୀକ୍ଷା ଲୋଡ଼ା ପଡୁଛି ।

# ସମୀକ୍ଷାର କଷଟିରେ ଭାରତର ଅଭିବୃଦ୍ଧି ତଥ୍ୟ

ଡକ୍ଟର ସୌରଭ ଗର୍ଗ ଏବଂ ଡକ୍ଟର ଭି. ଅନନ୍ତ ନାଗେଶ୍ୱରନ

"କାହିଁକି ଅର୍ଥନୀତି ସ୍ଥିର ରହିଲା ? କାରଣ ଏକକାଳୀନ ଅନେକ ସଂସ୍କାର ପରିପକ୍ୱ ହୋଇଥିଲା । କେନ୍ଦ୍ର ସରକାରଙ୍କ ପୁଞ୍ଜି ଖର୍ଚ୍ଚ ୨୦୨୨-୨୩ ପରଠାରୁ ୬୫ ପ୍ରତିଶତ ବୃଦ୍ଧି ପାଇଛି ଏବଂ ଚଳିତ ବର୍ଷ ଆହୁରି ୧୧.୫ ପ୍ରତିଶତ ବୃଦ୍ଧି ପାଇଁ ବଜେଟ୍ କରାଯାଇଛି ।

ଅଭିଷେକ ଆନନ୍ଦ, ଜୋଶ୍ ଫେଲମାନ୍ ଏବଂ ଅରବିନ୍ଦ ସୁବ୍ରମଣ୍ୟନ ପ୍ରଶ୍ନ ଉଠାଇଛନ୍ତି—ଶକ୍ତି କ୍ଷେତ୍ରରେ ଏକ ବଡ଼ ଝଟକାର ସମ୍ମୁଖୀନ ସତ୍ତ୍ୱେ ଏକ ତ୍ରୈମାସିକରେ ଭାରତର ଅର୍ଥନୀତି ୭.୮ ପ୍ରତିଶତ ହାରରେ କିପରି ବୃଦ୍ଧି ପାଇଲା ଏହା ଏକ ନ୍ୟାୟସଙ୍ଗତ ପ୍ରଶ୍ନ । ଏହାର ଉତ୍ତର ମଧ୍ୟ ଅଛି, ଏବଂ ସେହି ଉତ୍ତର କିଛି ବର୍ଷ ଧରି ସ୍ପଷ୍ଟ ଦୃଷ୍ଟିଗୋଚର ହେଉଛି ।

ସମୟ ସହିତ ଆରମ୍ଭ କରନ୍ତୁ । ଏହି ତ୍ରୟମାସିକ ଏପ୍ରିଲରୁ ଜୁନ୍ ୨୦୨୬ ପର୍ଯ୍ୟନ୍ତ ଚାଲିଥାଏ । ଇରାନ ଏବଂ ଆମେରିକା ଓ ଇସ୍ରାଏଲ ମଧ୍ୟରେ ସଂଘର୍ଷ ଏହାର ଠିକ୍ ପୂର୍ବରୁ ଶୀର୍ଷରେ ପହଞ୍ଚିଥିଲା । ତୈଳ ମୂଲ୍ୟ ବୃଦ୍ଧି ପାଇଥିଲା, ଏବଂ ଭାରତ ଏହାକୁ ଅନୁଭବ କରିଥିଲା । ତଥାପି, ସବୁଠାରୁ ତୀବ୍ର ବାଧା ମାର୍ଚ୍ଚ ଏବଂ ଏପ୍ରିଲର ପ୍ରଥମ ଦିନଗୁଡ଼ିକରେ ହ୍ରାସ ପାଇଥିଲା । ମେ ସୁଦ୍ଧା, ଚାପ ହ୍ରାସ ପାଇଥିଲା । ଜୁନ୍ ସୁଦ୍ଧା, ଏହା ପ୍ରାୟତଃ ଅତିକ୍ରମ କରିଯାଇଥିଲା । ତିନି ମାସର ଏକ ତ୍ରୟମାସିକ ଆରମ୍ଭରେ ଥିବା କିଛି କଷ୍ଟକର ସପ୍ତାହ ତ୍ରୟମାସିକ ସଂଖ୍ୟାକୁ କାଳ୍ପନିକରେ ପରିଣତ କରେ ନାହିଁ ।

ସେହି ମାସଗୁଡ଼ିକର ପ୍ରମାଣ ଗୋଟିଏ ଦିଗକୁ ସୂଚିତ କରେ । ଅଟୋ ବିକ୍ରୟ ସ୍ଥିର ଭାବରେ ବୃଦ୍ଧି ପାଇଲା । ବ୍ୟାଙ୍କ ଋଣ ବିସ୍ତାରିତ ହେଲା, ଏବଂ ରପ୍ତାନି ବୃଦ୍ଧି ପାଇଲା, ଏକ ପ୍ରତିଯୋଗିତାମୂଳକ ମୁଦ୍ରା ଦ୍ୱାରା ସହାୟତା ଲାଭ କରିଥିଲା । ହାର ହ୍ରାସ ପରେ ମଧ୍ୟ ଜିଏସଟି ସଂଗ୍ରହ ଅଧିକ ରହିଥିଲା, ଯାହା ଶେଷ ହୋଇଥିବା ବର୍ଷରେ ୮.୩ ପ୍ରତିଶତ ବୃଦ୍ଧି ପାଇଥିଲା । ୨୦୨୫-୨୬ ପର୍ଯ୍ୟନ୍ତ ତିନି ବର୍ଷ ମଧ୍ୟରେ, ମୋଟ ଜିଏସଟି ସଂଗ୍ରହ ୩୨ ପ୍ରତିଶତ ବୃଦ୍ଧି ପାଇଛି, ଯେତେବେଳେ ନାମମାତ୍ର ଜିଡିପି ୩୧.୯ ପ୍ରତିଶତ ବୃଦ୍ଧି ପାଇଛି । ସେହି ଦୁଇଟି ସଂଖ୍ୟା ସମ୍ପୂର୍ଣ୍ଣ ଭିନ୍ନ ସ୍ଥାନରୁ ଆସିଛି, ଏବଂ ସେମାନେ ପରସ୍ପରକୁ ପ୍ରାୟ ସଠିକ୍ ଭାବରେ ଟ୍ରାକ୍ କରନ୍ତି । ଜିଏସଟି ରିଟର୍ଣ୍ଣ କମ୍ପାନୀଗୁଡ଼ିକ ଦ୍ୱାରା ଦାଖଲ କରାଯାଏ । କ୍ରେଡିଟ୍ ତଥ୍ୟ ବ୍ୟାଙ୍କଗୁଡ଼ିକରୁ ଆସେ । ବାଣିଜ୍ୟ ତଥ୍ୟ ବନ୍ଦରଗୁଡ଼ିକରୁ ଆସେ । ପରିସଂଖ୍ୟାନ ମନ୍ତ୍ରଣାଳୟ ସେଥିମଧ୍ୟରୁ କୌଣସିଟି ଲେଖୁନାହିଁ ।

କାହିଁକି ଅର୍ଥନୀତି ସ୍ଥିର ରହିଲା ? କାରଣ ଏକକାଳୀନ ଅନେକ ସଂସ୍କାର ପରିପକ୍ୱ ହୋଇଥିଲା । କେନ୍ଦ୍ର ସରକାରଙ୍କ ପୁଞ୍ଜି ଖର୍ଚ୍ଚ ୨୦୨୨-୨୩ ପରଠାରୁ ୬୫ ପ୍ରତିଶତ ବୃଦ୍ଧି ପାଇଛି ଏବଂ ଚଳିତ ବର୍ଷ ଆହୁରି ୧୧.୫ ପ୍ରତିଶତ ବୃଦ୍ଧି ପାଇଁ ବଜେଟ୍ କରାଯାଇଛି । ତେଲ ମହଙ୍ଗା ହେଲେ ଏକ ଦଶନ୍ଧି ଧରି ନିର୍ମିତ ରାସ୍ତା, ବନ୍ଦର ଏବଂ ବିଦ୍ୟୁତ୍ କ୍ଷମତା କାମ କରିବା ବନ୍ଦ କରେ ନାହିଁ । ଡିଜିଟାଲ୍ ସାର୍ବଜନୀନ ଇନ୍‌ଫ୍ରାଷ୍ଟ୍ରକ୍ଚର ଅନୌପଚାରିକ ଅର୍ଥନୈତିକ କାରବାରର ଏକ ବଡ଼ ଅଂଶକୁ ଔପଚାରିକ ଏବଂ ମାପଯୋଗ୍ୟ ଅର୍ଥନୀତିର ପରିସରକୁ ଆଣିଛି । ଦେବାଳିଆ ସଂହିତା ବ୍ୟାଙ୍କ ଏବଂ କମ୍ପାନୀଗୁଡ଼ିକ ଅସୁଲ ହୋଇପାରୁନଥିବା ଋଣ ସହ କିପରି ମୁକାବିଲା କରିବେ, ସେଥିରେ ପରିବର୍ତ୍ତନ ଆଣିଛି । ରିଅଲ୍ ଇଷ୍ଟେଟ୍ ଆଇନ ଏକଦା ଅଟକି ରହିଥିବା ପ୍ରକଳ୍ପ ଏବଂ ଅସ୍ୱଚ୍ଛ ଆର୍ଥିକ କାରବାର ପାଇଁ ପରିଚିତ ଥିବା ଏହି କ୍ଷେତ୍ରକୁ ଅଧିକ ସ୍ୱଚ୍ଛ କରିଛି । ଦ ଇକୋନୋମିଷ୍ଟ ୨୦୨୩ ରେ ସେହି କାର୍ଯ୍ୟକୁ ବର୍ଣ୍ଣନା କରିଥିଲା । ଏହା ନୂଆଦିଲ୍ଲୀକୁ କୌଣସି ଅନୁଗ୍ରହ କରୁନଥିଲା ।

ତା'ପରେ ରହିଛି ତୈଳ ମୂଲ୍ୟର ଝଟକାର ମୁକାବିଲା ପାଇଁ ସରକାର ନେଇଥିବା ପଦକ୍ଷେପ । ସରକାର ତୈଳ ମୂଲ୍ୟ ବୃଦ୍ଧିର ବୋଝକୁ ଘରୋଇ ପରିବାର ଓ ବ୍ୟବସାୟଗୁଡ଼ିକ ଉପରେ ଲଦି ଦେଇନଥିଲେ । ବରଂ, ଏହାର ଖର୍ଚ୍ଚ ନିଜେ ବହନ କରିଥିଲେ । ଆର୍ଥିକ କ୍ଷେତ୍ରରେ ଉପଲବ୍ଧ ସୁଯୋଗ ବା 'ଫିସ୍କାଲ୍ ସ୍ପେସ୍'ର ଉଦ୍ଦେଶ୍ୟ ହିଁ ଏହା, ଏବଂ ଭାରତ ଏହି ଆର୍ଥିକ ସାମର୍ଥ୍ୟ ଗଢ଼ି ତୋଳିଛି । ଏହାର ପ୍ରମାଣ ୨ ସେପ୍ଟେମ୍ବରରେ ଆସିଲା । ଜାପାନ କ୍ରେଡିଟ୍ ରେଟିଂ ଏଜେନ୍ସି ଏକ ସ୍ଥିର ଦୃଷ୍ଟିକୋଣ ସହିତ ଭାରତର ରେଟିଂ ବିବିବି+ ରୁ ଏ- କୁ ବୃଦ୍ଧି କରିଛି ଏବଂ ଦେଶର ସୀମାକୁ ଏ କୁ ଉଠାଇଛି । ଭାରତ ତିନି ଦଶନ୍ଧିରୁ ଅଧିକ ସମୟ ଧରି 'ଏ' ରେଟିଂ ରଖିନାହିଁ । ଏଜେନ୍ସି ଡିଜିଟାଲ୍ ସାର୍ବଜନୀନ ଭିତ୍ତିଭୂମି, ଜିଏସଟି, ଦେବାଳିଆ କୋଡ୍ ଏବଂ ମୋଟ ଅନାଦାୟ ଋଣ ଅନୁପାତକୁ ୧.୮ ପ୍ରତିଶତକୁ ହ୍ରାସ ପାଇଥିବା ଭଳି ପଦକ୍ଷେପଗୁଡ଼ିକୁ ବିଶେଷ ଭାବେ ଉଲ୍ଲେଖ କରିଛି । ଏହା ମଧ୍ୟ ଉଲ୍ଲେଖ କରିଛି ଯେ କେନ୍ଦ୍ର ଆର୍ଥିକ ବର୍ଷ ୨୫ ରେ ଜିଡିପି ର ୪.୭ ପ୍ରତିଶତରୁ ଆର୍ଥିକ ବର୍ଷ ୨୬ ରେ ୪.୪ ପ୍ରତିଶତକୁ ହ୍ରାସ କରିଛି, ଏବଂ ଉଚ୍ଚ ପୁଞ୍ଜି ଖର୍ଚ୍ଚ ବଜାୟ ରଖିଛି । ଟୋକିଓରେ ଏକ ରେଟିଂ କମିଟିର ଦିଲ୍ଲୀରେ କାହାକୁ ଖୁସି କରିବାର କୌଣସି କାରଣ ନାହିଁ । ସେମାନେ ସେହି ସଂସ୍କାରଗୁଡ଼ିକୁ ହିଁ ବିଶ୍ଳେଷଣ କରିଛନ୍ତି ଏବଂ ସେହି ଏକା ନିଷ୍କର୍ଷରେ ପହଞ୍ଚିଛନ୍ତି ।

ଏବେ ସମାଲୋଚନାର ମୂଳ କଥାକୁ ଆସନ୍ତୁ । ଯଦି ଏହି ସୂଚକଗୁଡ଼ିକ ଆଜି ୭.୮ ପ୍ରତିଶତକୁ ଯଥାର୍ଥ କରନ୍ତି, ତେବେ ଲେଖକମାନେ ପଚାରନ୍ତି ଯେ ପୂର୍ବ ବର୍ଷଗୁଡ଼ିକରେ ସମାନ ଅଭିବୃଦ୍ଧି ଦୁର୍ବଳ ସୂଚକଗୁଡ଼ିକ ସହିତ କାହିଁକି ଆସିଥିଲା ? ମୂଳ କଥା ହେଉଛି ଯେ ଅଭିବୃଦ୍ଧି ସର୍ବଦା ସମାନ ଜିନିଷ ଦ୍ୱାରା ପରିଚାଳିତ ହେବା ଉଚିତ । ଏହା ହେବା ଆବଶ୍ୟକ ନୁହେଁ । ଏହି ପ୍ରଶ୍ନର ମୂଳ ଧାରଣା ହେଉଛି, ଅର୍ଥନୈତିକ ଅଭିବୃଦ୍ଧି ସବୁବେଳେ ସମାନ କାରଣ ଦ୍ୱାରା ହିଁ ହୋଇଥାଏ । କିନ୍ତୁ ଏହା ଅବଶ୍ୟ ତାହା ନୁହେଁ । ରପ୍ତାନି ଏବଂ ଔପଚାରିକ ଋଣ ଦ୍ୱାରା ଚାଳିତ ଏକ ତ୍ରୈମାସିକର ଚିତ୍ର, ଘରୋଇ ଖର୍ଚ୍ଚ କିମ୍ବା ସରକାରୀ ପୁଞ୍ଜି ନିବେଶ ଦ୍ୱାରା ଚାଳିତ ଏକ ବର୍ଷର ଚିତ୍ର ସହ ସମାନ ହେବା ଆବଶ୍ୟକ ନୁହେଁ । ପୂର୍ବ ବର୍ଷଗୁଡ଼ିକର ନିଜସ୍ୱ ଚାଳକ ଥିଲା, ଯାହା ସେତେବେଳେ ଦୃଶ୍ୟମାନ ହୋଇଥିଲା । ୨୦୨୪-୨୫ ପର୍ଯ୍ୟନ୍ତ, ସେୟାର ବଜାର ଜୋରଦାର ବୃଦ୍ଧି ପାଇଥିଲା, ଏବଂ ଅନେକ ଭାରତୀୟ ନିବେଶ କରିବା ଆରମ୍ଭ କରିଥିଲେ । ୨୦୨୨-୨୩ ଏବଂ ୨୦୨୪-୨୫ ମଧ୍ୟରେ ପରିବାରର ନେଟ୍ ଆର୍ଥିକ ସଞ୍ଚୟ ୬୦ ପ୍ରତିଶତରୁ ଅଧିକ ବୃଦ୍ଧି ପାଇଥିଲା । ଅଣ-ବ୍ୟାଙ୍କ ଏବଂ ପ୍ରଯୁକ୍ତିବିଦ୍ୟା-ସକ୍ଷମ ଋଣଦାତାମାନେ ଦ୍ରୁତ ଗତିରେ ବିସ୍ତାରିତ ହୋଇଥିଲେ । ବାଣିଜ୍ୟିକ କ୍ଷେତ୍ରକୁ ମୋଟ ସମ୍ବଳ ପ୍ରବାହ ତିନି ବର୍ଷ ମଧ୍ୟରେ ୭୨ ପ୍ରତିଶତ ବୃଦ୍ଧି ପାଇଛି, ଅଣ-ବ୍ୟାଙ୍କ ଅଂଶ ୯୬ ପ୍ରତିଶତ ବୃଦ୍ଧି ପାଇଛି । ସେଗୁଡ଼ିକ ପ୍ରକୃତ ଚାଳକ ଥିଲେ ଯାହା କେବଳ ଭିନ୍ନ ଥିଲେ ।

ମାର୍ଚ୍ଚ ୨୦୨୩ ରୁ ମାର୍ଚ୍ଚ ୨୦୨୬ ମଧ୍ୟରେ ଅଣୁ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗଗୁଡ଼ିକୁ ବକେୟା ଋଣ ୬୬.୬ ପ୍ରତିଶତ ବୃଦ୍ଧି ପାଇଛି । ଏପରିକି ୨୦୨୬ ଜୁଲାଇରେ ମଧ୍ୟ ଏହି ଋଣ ପ୍ରାୟ ୨୫ ପ୍ରତିଶତ ହାରରେ ବଢୁଥିଲା । ସାଧାରଣତଃ କୁହାଯାଏ ଯେ ଶକ୍ତି କ୍ଷେତ୍ରର ଝଟକାରେ କ୍ଷୁଦ୍ର ଉଦ୍ୟୋଗଗୁଡ଼ିକ ସବୁଠାରୁ ଅଧିକ ପ୍ରଭାବିତ ହୋଇଥିଲେ ।

ଏପରି ଯୁକ୍ତି ପ୍ରଦାନ କରାଯାଉଛି ଯେ ସରକାରକୁ ଉତ୍ତମ ଭାବରେ ପ୍ରଦର୍ଶିତ କରିବା ପାଇଁ ପରିସଂଖ୍ୟାନ ମନ୍ତ୍ରଣାଳୟ ରହିଛି । ରେକର୍ଡ ଏହାକୁ ସମର୍ଥନ କରେ ନାହିଁ । ୨୦୨୩-୨୪ ପାଇଁ, ମନ୍ତ୍ରଣାଳୟ ଅଭିବୃଦ୍ଧି ଆକଳନକୁ ୯.୨ ପ୍ରତିଶତ (ପୁରୁଣା ଶୃଙ୍ଖଳା ଅଧୀନରେ) ରୁ ୭.୩ ପ୍ରତିଶତକୁ ସଂଶୋଧନ କରିଛି । ଏହା ପ୍ରାୟ ଦୁଇ ପ୍ରତିଶତ ପଏଣ୍ଟ, ସ୍ୱେଚ୍ଛାକୃତ ଭାବରେ ହ୍ରାସ କରିଛି । ଅନ୍ୟାନ୍ୟ ଅଭିଯୋଗ କ୍ଷେତ୍ରରେ ମଧ୍ୟ ହିସାବ-କିତାବ ସେହି ଅଭିଯୋଗକୁ ସମର୍ଥନ କରୁନାହିଁ ।

୨୦୨୪-୨୫ରେ, ନୂତନ ଶୃଙ୍ଖଳା ଅଧୀନରେ ନାମମାତ୍ର ଜିଡିପି ଅଭିବୃଦ୍ଧି ପୁରୁଣା ଅପେକ୍ଷା କମ୍ ଆସିଥିଲା, ୯.୮ ପ୍ରତିଶତ ତୁଳନାରେ ୯.୪ ପ୍ରତିଶତ, ଯଦିଓ ପ୍ରକୃତ ଅଭିବୃଦ୍ଧି ବୃଦ୍ଧି ପାଇଥିଲା । ନାମମାତ୍ର ଜିଡିପି ହେଉଛି ସରକାରଙ୍କ ଆର୍ଥିକ ଲକ୍ଷ୍ୟ ପାଇଁ ଆଧାର । ଏହା ହେଉଛି ସେହି ସଂଖ୍ୟା ଯାହାକୁ ସରକାର ସବୁଠାରୁ ଅଧିକ କରିବାକୁ ଚାହାଁନ୍ତି । ଯଦି କୌଣସି ମନ୍ତ୍ରଣାଳୟ ତଥ୍ୟକୁ ନିଜ ସୁବିଧା ଅନୁଯାୟୀ ଗଢ଼ି ତୋଳୁଥାନ୍ତା, ତେବେ ତାହା ନିଜ ପାଇଁ କ୍ଷତିକାରକ ହିସାବ କରିନଥାନ୍ତା । ୨୦୨୪-୨୫ ଏବଂ ୨୦୨୫-୨୬—ଏହି ଦୁଇ ବର୍ଷକୁ ମିଶାଇ ଦେଖିଲେ, ନୂଆ ଶୃଙ୍ଖଳା ଅନୁଯାୟୀ ହାରାହାରି ବାସ୍ତବ ଅଭିବୃଦ୍ଧି ହାର ୭.୦ ପ୍ରତିଶତରୁ ବଢ଼ି ୭.୫ ପ୍ରତିଶତ ହୋଇଛି । ଅର୍ଥାତ୍ ମାତ୍ର ଅଧା ପ୍ରତିଶତ ପଏଣ୍ଟର ବୃଦ୍ଧି । ତିନି ବର୍ଷ ଧରି, ୨୦୨୩-୨୪ ରୁ ୨୦୨୫-୨୬ ପର୍ଯ୍ୟନ୍ତ, ଏବଂ ନୂତନ ସିରିଜରେ ହାରାହାରି ଅଭିବୃଦ୍ଧି ପୁରୁଣା ଅପେକ୍ଷା କମ୍, ୭.୪ ପ୍ରତିଶତ ଯାହା ୭.୭ ପ୍ରତିଶତ ଥିଲା ।

ପୂର୍ବବର୍ତ୍ତୀ ବର୍ଷଗୁଡ଼ିକର ରେକର୍ଡ ମଧ୍ୟ ଆମ ସମ୍ମୁଖରେ ରହିଛି—ଘରୋଇ ସଞ୍ଚୟ, ଋଣର ଅଭିବୃଦ୍ଧି, ଅର୍ଥନୀତିକୁ ସମ୍ବଳର ପ୍ରବାହ, ଟିକସ ଆଦାୟ ଏବଂ ବଢୁଥିବା ନିବେଶକଙ୍କ ଆଧାର । କେବଳ ହାତଗଣତି କିଛି ସୂଚକକୁ ବାଛି ଦେଖିଲେ ଅତୀତର ଚିତ୍ର ଦୁର୍ବଳ ଲାଗିପାରେ । କିନ୍ତୁ ସମସ୍ତ ସୂଚକକୁ ଏକାଠି ବିଚାର କଲେ, ତାହା ଆଦୌ ଦୁର୍ବଳ ନୁହେଁ ।

ଭାରତ ଏକ ବଡ଼ ଆର୍ଥିକ ଝଟକାକୁ ସଫଳତାର ସହ ସାମ୍ନା କରି ଅଭିବୃଦ୍ଧିର ଧାରା ବଜାୟ ରଖିଛି—ଗତ ଏକ ଦଶନ୍ଧି ଧରି ଗଢ଼ି ଉଠିଥିବା କ୍ଷମତା ଏବଂ ନିଜ ଉଦ୍ୟମରେ ସୃଷ୍ଟି କରିଥିବା ଆର୍ଥିକ ସାମର୍ଥ୍ୟର ଆଧାରରେ । ଏହା କୌଣସି ପରିସାଂଖ୍ୟାନିକ କାରସାଦି ନୁହେଁ; ଏହା ଏକ ବାସ୍ତବ ଫଳାଫଳ ।

(ଲେଖକମାନେ ଭାରତର ପରିସଂଖ୍ୟାନ ଏବଂ କାର୍ଯ୍ୟକ୍ରମ କାର୍ଯ୍ୟାନ୍ୱୟନ ମନ୍ତ୍ରଣାଳୟର ସଚିବ, ଭାରତ ସରକାରଙ୍କ ମୁଖ୍ୟ ଅର୍ଥନୈତିକ ପରାମର୍ଶଦାତା)

# ଉପାୟ ନିଜ ହାତରେ...

ଡ. ସୁରେଶ କୁମାର ନାୟକ

ସାଧାରଣତଃ ପିଲାମାନେ ପାଠପଢ଼ା ପ୍ରତି ଅଧିକ ମନୋନିବେଶ କରିଥାଆନ୍ତି । ତା ସହ ନିଜ ଭିତରେ ରହିଥିବା ପ୍ରତିଭାକୁ ପ୍ରଦର୍ଶନ କରିବାକୁ ମଧ୍ୟ ଚେଷ୍ଟା କରନ୍ତି । ଅନେକ ସମୟରେ ସେମାନେ ଏ କ୍ଷେତ୍ରରେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହୋଇଥାଆନ୍ତି । ଏହି ସମୟରେ ସେମାନଙ୍କର ମାତାପିତା, ପରିବାର ସଦସ୍ୟ ଏପରିକି ସ୍କୁଲର ଶିକ୍ଷୟିତ୍ରୀ ଶିକ୍ଷକ ସେମାନଙ୍କୁ ସହଯୋଗ କରିଥାନ୍ତି । କିନ୍ତୁ ସେମାନେ ଯଦି ନିଜେ ଏହାର ସମାଧାନର ଉପାୟ ଚିନ୍ତା କରିବେ ତେବେ କେତେକାଂଶରେ ସଫଳ ହୋଇପାରିବେ । କେତେକ ପିଲା ସମସ୍ୟାର ସମ୍ମୁଖୀନ ହେବା ମାତ୍ରେ ଭାଙ୍ଗି ପଡ଼ନ୍ତି । ଏ ନେଇ ସେମାନଙ୍କ ମନରେ ନକାରାତ୍ମକ ଭାବନା ସୃଷ୍ଟି ହୁଏ । ସେ ସେ ସମୟରେ ତାଙ୍କର ମନୋବଳକୁ ଦୃଢ଼ ରଖିବା ଜରୁରୀ । କାରଣ ନକାରାତ୍ମକ ଚିନ୍ତାଧାରା ଆଗକୁ ଆଗେଇବାକୁ ଦେଇ ନଥାଏ । ତେବେ ନିଜ ସମସ୍ୟାର ସମାଧାନ ସେମାନେ କିପରି ନିଜେ କରିପାରିବେ ସେ ବିଷୟରେ ଅବଗତ ହେବା ଆବଶ୍ୟକ ।

ସର୍ବପ୍ରଥମେ ପିଲାଟିର ବୁଝିବା ଶକ୍ତି ଦିଗ ଦେଖନ୍ତୁ । କୌଣସି ସମସ୍ୟାର ସମାଧାନ କରିବା ପୂର୍ବରୁ ସେହି ସମସ୍ୟା ବିଷୟରେ ଭଲ ଭାବରେ ଅବଗତ ହେବା ଆବଶ୍ୟକ । ତେବେ ଏହାର ସମାଧାନର ପନ୍ଥା ବାହାରି ପାରିବ । ସମସ୍ୟା ବିଷୟରେ ପ୍ରଥମେ ନିଜେ ଠିକ୍ ଭାବରେ ଜାଣନ୍ତୁ । ଏହା କ'ଣ ପାଇଁ ସୃଷ୍ଟି ହୋଇଛି ଏବଂ ଏହାକୁ କିପରି ସମାଧାନ କରାଯାଇପାରିବ । ସମସ୍ୟାକୁ ନେଇ ଏଣୁତେଣୁ ଆଦୌ ଭାବନ୍ତୁ ନାହିଁ । ଏହାକୁ ଭଲ ଭାବରେ ବୁଝିପାରିଲେ ନିଜେ କେତେକାଂଶରେ ଏହାର ସମାଧାନର ସୂତ୍ର ବାହାର କରିପାରିବେ ।

ଆଉ ଗୋଟିଏ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି କେବଳ ପିଲାଟିକୁ ନୁହେଁ ବରଂ ନିଜକୁ ଉତ୍ସାହିତ କରନ୍ତୁ । ପିଲାମାନେ ଯଦି କୌଣସି ସମସ୍ୟାର ସମ୍ମୁଖୀନ ହୁଅନ୍ତି ତେବେ ସେହି ସମୟରେ ଭାଙ୍ଗି ପଡ଼ିବା ଠିକ ନୁହେଁ । ପ୍ରତିଟି କ୍ଷେତ୍ରରେ ନିଜ ଉପରେ ଭରସା ରଖନ୍ତୁ । ନିଜେ ନିଜକୁ ଉତ୍ସାହିତ କରନ୍ତୁ । ଏହାଦ୍ୱାରା ମନରେ ସକାରାତ୍ମକ ଭାବନା ସୃଷ୍ଟି ହୋଇଥାଏ । ପିଲାଟି ଯଦି ଏଭଳି ସମୟରେ ନିଜ ମନକୁ ଦୃଢ଼ ରଖିପାରିଲା ତେବେ ସମସ୍ୟାଟି ତାକୁ ବୋଝ ଲାଗିବ ନାହିଁ । ଅନେକ କ୍ଷେତ୍ରରେ ଦେଖାଯାଏ ପିଲାମାନେ ଧୈର୍ଯ୍ୟହରା ହୋଇଯାଇଥାନ୍ତି । ପିଲାମାନଙ୍କର ଯେତେବେଳେ ବୁଝିବା ଶକ୍ତି ଆସିଯାଏ, ସେମାନେ ନିଜ ନିଜ କାମ ନିଜେ କରିବାକୁ ଆଗଭର ହୋଇଥାଆନ୍ତି । ଏହି ସମୟରେ ଗୋଟିଏ ଜିନିଷର ଆବଶ୍ୟକତା ରହିଛି । ତାହାହେଲା ଧୈର୍ଯ୍ୟ । କାରଣ ପ୍ରତିଟି କାମରେ ଅଧୈର୍ଯ୍ୟ ହୋଇପଡ଼ିଲେ ସବୁକିଛି ଓଲଟପାଲଟ ହୋଇଯାଏ । ପିଲାଟିବେଳୁ ସେମାନେ ଯଦି ଧୈର୍ଯ୍ୟର ସହ କାମ କରନ୍ତି, ତେବେ ସେମାନଙ୍କ ଆତ୍ମବିଶ୍ୱାସ ପୂର୍ବାପେକ୍ଷା ଦୃଢ଼ ହୋଇଥାଏ । ଠିକ୍ ସେହିପରି ଯଦି ସେମାନେ କିଛି ସମସ୍ୟାର ସମ୍ମୁଖୀନ ହୁଅନ୍ତି ତେବେ ତାହାକୁ ନିଜେ ସମାଧାନ କରିବା ପୂର୍ବରୁ ଧୈର୍ଯ୍ୟ ଦରକାର । ଯଦି ସେତେବେଳେ ଅଧୈର୍ଯ୍ୟ ହୋଇପଡ଼ିବେ ତେବେ ଚିନ୍ତା କରିଥିବା କଥାକୁ କାମରେ ଲଗାଇ ପାରିବେ ନାହିଁ । ତେଣୁ ପ୍ରତିଟି ସମସ୍ୟାର ସମାଧାନ ଧୈର୍ଯ୍ୟର ସହ କଲେ ସେଥିରୁ ପିଲାମାନେ ମୁକୁଳି ପାରିବେ । ପିଲାମାନେ ଅଧିକ ଶିକ୍ଷା ପାଇଥାନ୍ତି ସେମାନଙ୍କ ବାଲ୍ୟବନ୍ଧୁ, ସାଙ୍ଗସାଥୀଙ୍କ ଠାରୁ । ସାଧାରଣତଃ ପିଲାମାନେ ସାଙ୍ଗସାଥୀ ପରିସର ବଢ଼ାଇବାକୁ ଚେଷ୍ଟା କରିଥାନ୍ତି । ଏହି ସମୟରେ ସବୁବେଳେ ଏଭଳି ପିଲାଙ୍କ ସହ ସାଙ୍ଗ ହୁଅନ୍ତୁ ଯାହାଙ୍କ ନିକଟରୁ କିଛି ଭଲ କଥା ଶିଖିପାରିବେ । ଯଦି କିଛି ସମସ୍ୟାର ସମ୍ମୁଖୀନ ହୋଇଛନ୍ତି ତେବେ ଏ ବିଷୟରେ ସାଙ୍ଗସାଥୀଙ୍କ ଠାରୁ ସମାଧାନର ସୂତ୍ର ବାହାର କରିପାରନ୍ତି । ହେଲେ ତାପୂର୍ବରୁ ସେହି ସୂତ୍ର ବିଷୟରେ ଭଲ ଭାବରେ ଚିନ୍ତା କରନ୍ତୁ । ତାହା ଆପଣଙ୍କ ସମସ୍ୟା ପାଇଁ କେତେ ଉପଯୋଗୀ ଭଲ ଭାବରେ ଅବଗତ ହେବା ପରେ ହିଁ ତାକୁ ଆପଣେଇବା ଭଲ ।

ପିଲାଟିର ଜୀବନ ଗତିପଥ ଆଗେଇ ନେବାରେ ଏବଂ ସେମାନଙ୍କ ବୌଦ୍ଧିକ ବିକାଶ ପାଇଁ ଆତ୍ମ ବିଶ୍ୱାସ ବଡ଼ ପୁଞ୍ଜି । ପିଲାମାନେ କୌଣସି କ୍ଷେତ୍ରରେ ଆଗେଇବା ସମୟରେ ନିଜର ଆତ୍ମବିଶ୍ୱାସ ଦୃଢ଼ ରହିବା ଜରୁରୀ । ପାଠପଢ଼ିବା ସମୟରେ ଏହାର ଭୂମିକା ଆହୁରି ବଢ଼ିଯାଇଥାଏ । ତେବେ ଯେତେବେଳେ କୌଣସି ସମସ୍ୟାର ସମ୍ମୁଖୀନ ହେଉଛ ସେତେବେଳେ ପ୍ରଥମେ ନିଜର ଆତ୍ମବିଶ୍ୱାସ ଦୃଢ଼ ରଖିବାକୁ ଚେଷ୍ଟା କର । ଆଉ ଥଣ୍ଡା ମନରେ ଚିନ୍ତା କରି ଏ ସମ୍ପର୍କରେ ସମାଧାନର ଉପାୟ ବାହାର କରିହେବ । ପିଲାମାନେ ରାତାରାତି ଜିନିଏସ ହୋଇଯିବେ ଏହାର ସେମିତି କିଛି ମାନେ ନାହିଁ । ଆଗାମୀ ସକାଳର ଭବିଷ୍ୟତ କୁହାଯାଉଥିବା ପିଲାମାନଙ୍କ ଭିତରେ ପିଲାବେଳୁହିଁ ମାନବୀୟ ମୂଲ୍ୟବୋଧ, ନୈତିକତା, ସଦାଚାର, ଅଧ୍ୟବସାୟ, ସାଧୁତା, ଦେଶପ୍ରୀତି ଓ ସମାଜ କଲ୍ୟାଣ ପାଇଁ ତାର ମନ ଯେପରି ସମର୍ପିତ ହୁଏ ସେ ଦିଗ ପ୍ରତି ପ୍ରେରିତ କରନ୍ତୁ ।

କଟକ, ମୋ : ୯୪୩୭୨୨୫୫୯୨

# ସାଂଘାଇ ସହଯୋଗ ସଂଗଠନର ଶିଖର ସମ୍ମିଳନୀ

ଡ. ପ୍ରମୋଦ କୁମାର ପଣ୍ଡା

"ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି ସମ୍ମିଳନୀରେ ଅଂଶ ଗ୍ରହଣ କରିଥିଲେ । ଚୀନ ରାଷ୍ଟ୍ରପତି ଶି ଜିନପିଙ୍ଗ ଓ ରୁଷିଆ ରାଷ୍ଟ୍ରପତି ଭ୍ଲାଦିମୀର ପୁଟିନଙ୍କ ସହ ତାଙ୍କର ଟ୍ରାୟୋକା, ରଷିୟ ଭାଷାରେ ତିନି ଶକ୍ତିଶାଳୀ ଘୋଡ଼ାର ଯୋଡି, ଗତବର୍ଷ ଭଳି ଖୁବ୍ ଚର୍ଚ୍ଚିତ ହୋଇଥିଲା । ତିନି ବୈଶ୍ୱିକ ରାଜନେତାଙ୍କ ତ୍ରିକୋଣୀୟ ହ୍ୟାଣ୍ଡ ସେକ ଆମେରିକା ସମେତ ସମଗ୍ର ବିଶ୍ୱକୁ "ଭାରତ ପଶ୍ଚିମୀ ଦେଶମାନଙ୍କର ସହଯୋଗୀ, ଅନୁଗାମୀ ନୁହେଁ"ର ବାର୍ତ୍ତା ପ୍ରଦାନ କରିଛି ।

ବିସ୍ମିତ ଲାଗିପାରେ, କିନ୍ତୁ ସତ । ଜି-୭, ଜି - ୨୦, ବ୍ରିକ୍ସ ଭଳି ବିଶ୍ୱର ୩୦୦ ରୁ ଅଧିକ ଅନ୍ତର୍ଜାତୀୟ ସଂଗଠନ ମଧ୍ୟରୁ ସାଂଘାଇ ସହଯୋଗ ସଂଗଠନ ଏପରି ଏକମାତ୍ର ସଂଗଠନ ଯେଉଁଠି ଉଭୟ ଦ୍ୱନ୍ଦୀ - ପ୍ରତିଦ୍ୱନ୍ଦୀ ଏକାଠି ହୁଅନ୍ତି, ଗୋଟିଏ ମଞ୍ଚରେ ବସନ୍ତି, ସମ୍ବେଦନଶୀଳ ଓ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପସ୍ଥାପିତ ହୁଏ, ଆଲୋଚନା - ପର୍ଯ୍ୟାଲୋଚନା, ବିଚାର - ବିମର୍ଶ ଚାଲେ, ନିଜସ୍ୱ ସୁଚିନ୍ତିତ ମତାମତ ପ୍ରଦାନ କରନ୍ତି ଓ ସବାଶେଷରେ ସର୍ବସମ୍ମତ ନିଷ୍କର୍ଷରେ ମଧ୍ୟ ଉପନୀତ ହୁଅନ୍ତି । ଯେପରିକି ଭାରତ - ପାକିସ୍ତାନ । ଏହି ଦୁଇ ଦେଶ ପାରମ୍ପରିକ ଶତ୍ରୁ । ଭାରତ - ଚୀନ ମଧ୍ୟରେ ବହୁଦିନ ହେଲା ସୀମା ବିବାଦ ଲାଗି ରହିଛି । ରୁଷିଆ - ଚୀନ ମଧ୍ୟରେ ସମ୍ପର୍କ ସର୍ବଦା ସ୍ଥିର ନଥାଏ । କିର୍ଗିଜସ୍ତାନ - ତାଜକିସ୍ତାନର ସୀମା, ପାଣି ଓ ଜମି ବିବାଦ କିଛି ନୂଆ ନୁହେଁ । କିର୍ଗିଜସ୍ତାନ - ଉଜବେକିସ୍ତାନ ମଧ୍ୟରେ ପୁରୁଣା ବିବାଦ ଓ ଗଭୀର ଅବିଶ୍ୱାସ ଲାଗିରହିଛି । ମଧ୍ୟ ଏସିଆୀୟ ଦେଶ ନା ଚୀନ ଉପରେ ଅଧିକ ନିର୍ଭରଶୀଳ ହେବାକୁ ଚାହାନ୍ତି ନା ରୁଷିଆକୁ ଅତ୍ୟଧିକ ଭରସା । ଏହା ସତ୍ତ୍ୱେ ଦଶ ଗୋଟି ଦେଶକୁ ନେଇ ଗଠିତ ସାଂଘାଇ ସହଯୋଗ ସଂଗଠନ, ଏସସିଓକୁ ଜି - ୭ ଭଳି ଶକ୍ତିଶାଳୀ ମନେ କରାଯାଇଥାଏ । ଜି - ୭ଦେଶମାନଙ୍କର ଜନସଂଖ୍ୟା ବିଶ୍ୱ ଜନସଂଖ୍ୟାର ୧୦% ହୋଇଥିବା ବେଳେ ଏସସିଓ ରାଷ୍ଟ୍ର ମାନଙ୍କର ମିଳିତ ଜନସଂଖ୍ୟା ବିଶ୍ୱ ଜନସଂଖ୍ୟାର ୪୨% ଅଟେ । ଉଭୟ ଜି - ୭ ଓ ଏସସିଓ ଦେଶମାନଙ୍କ ଜିଡିପି ବୈଶ୍ୱିକ ଜିଡିପି ର ୪୪% ରହିଛି । ତୈଳ ସଂସାଧନରେ ଏସସିଓ ଜି - ୭ ଅପେକ୍ଷା ଅଧିକ ଶକ୍ତିଶାଳୀ । ଜି - ୭ ଦେଶମାନଙ୍କରେ ବିଶ୍ୱର ୧୪% ତେଲ ରହିଛି । କିନ୍ତୁ ବିଶ୍ୱ ତୈଳ ସଂସାଧନର ୨୦% ଏସସିଓ ଦେଶମାନଙ୍କ ପାଖରେ ।

ସେହିପରି ପରମାଣୁ ଶକ୍ତିରେ ମଧ୍ୟ ଏସସିଓ ଜି - ୭ ଠାରୁ ଆଗୁଆ । ଉଭୟ ସଂଗଠନ ମଧ୍ୟରେ ଯଥାକ୍ରମେ ବିଶ୍ୱର ୪% ଓ ୩% ପରମାଣୁ ଶକ୍ତି ଅଛି । ଦିନ ଥିଲା ଯେତେବେଳେ ପଶ୍ଚିମୀ ଦେଶ, ବିଶେଷ କରି ଆମେରିକା, ଏସିଆରେ ଏକ ସଂଗଠନ ଗଠିତ ହେବା କଥାକୁ ଅସମ୍ଭବ କହୁଥିଲା । ଆଜି କିନ୍ତୁ ଏହା ସମ୍ଭବ ହୋଇପାରିଛି । ସତ୍ୟ ହୋଇଛି ।

୧୯୯୬ ମସିହାରେ ଚୀନ, ରୁଷିଆ, କାଜଗିସ୍ତାନ, କିରଗିସ୍ତାନ ଏବଂ ତାଜିକିସ୍ତାନକୁ ନେଇ ସାଂଘାଇ - ୫ ଗଠିତ ହୋଇଥିଲା । ଧୀରେ ଧୀରେ ଏହାର ସମ୍ପ୍ରସାରଣ ହେବାକୁ ଲାଗିଲା । ଜୁନ ୧୫, ୨୦୦୧ ମସିହାରେ ସାଂଘାଇ ସହଯୋଗ ସଂଗଠନ ଗଠିତ ହେଲା । ଜୁନ ୯, ୨୦୧୭ ସନରେ ଭାରତ ଏହି ସଂଗଠନରେ ସ୍ଥାୟୀ ସଦସ୍ୟ ଦେଶ ରୂପେ ସାମିଲ ହେଲା । ଚୀନର ସୁପାରିସ କ୍ରମେ ପାକିସ୍ତାନକୁ ମଧ୍ୟ ସେହିଦିନ ଏସସିଓରେ ସ୍ଥାୟୀ ସଦସ୍ୟତା ମିଳିଲା । ସମ୍ପ୍ରତି ଭାରତ, ଚୀନ, ରୁଷିଆ, ପାକିସ୍ତାନ, ଇରାନ, କାଜାଗିସ୍ତାନ, କିର୍ଗିଜସ୍ତାନ, ତାଜିକିସ୍ତାନ, ଉଜବେଗିସ୍ତାନ ଓ ବେଲାରୁଷ ଏହି ସଂଗଠନର ସ୍ଥାୟୀ ସଦସ୍ୟ ରାଷ୍ଟ୍ର । ଏହାର ମୁଖ୍ୟ କାର୍ଯ୍ୟାଳୟ ଚୀନ ବେଜିଂ ରେ ଅବସ୍ଥିତ । ଉଜବେଗିସ୍ତାନର ତାସକେ□ ଠାରେ ଏହାର ଅନ୍ୟ ଏକ କାର୍ଯ୍ୟାଳୟ ରହିଛି । କ୍ଷେତ୍ରୀୟ ଆତଙ୍କବାଦ ଓ ଉଗ୍ରବାଦକୁ ସମୂଳେ ପ୍ରତିହତ କରିବା ଲକ୍ଷ୍ୟରେ ଏସସିଓ ଗଠିତ ହୋଇଥିଲା । କିନ୍ତୁ ଦୁଃଖର ବିଷୟ ଅଦ୍ୟାବଧି ଆତଙ୍କବାଦର ପରିଭାଷାକୁ ନେଇ ଏହି ସଂଗଠନର ସଦସ୍ୟ ଦେଶମାନଙ୍କ ମଧ୍ୟରେ ସହମତି ହୋଇପାରିନାହିଁ । ଯାଠୁ ଆହୁରି ପରିତାପର ବିଷୟ ୧୯୮୦ ମସିହାରୁ ଯେଉଁ ଦେଶ ଆତଙ୍କୀ ସଂଗଠନମାନଙ୍କ ପାଳନ ପୋଷଣ କରିଆସୁଛି, ଅନେକ ଆତଙ୍କୀ ସଂଗଠନମାନଙ୍କୁ ଶରଣ ଦେଉଛି, ସେହି ଦେଶ ଅନ୍ତଃରାଷ୍ଟ୍ରୀୟ ମଞ୍ଚରେ ବସି ଆତଙ୍କବାଦ ବିରୁଦ୍ଧରେ ଫମ୍ପା ଭାଷଣବାଜି କରୁଛି । ବୈଶ୍ୱିକ ଆତଙ୍କବାଦରେ ଲିପ୍ତ ଥିବା, ଆଫଗାନିସ୍ତାନକୁ ଟାର୍ଗେଟ କରୁଥିବା, ଜମ୍ମୁ ଓ କାଶ୍ମୀରକୁ ଟାର୍ଗେଟ କରୁଥିବା ଏବଂ ଦେଶ ଭିତରେ ନିଜ ନିଜ ମଧ୍ୟରେ ସଂଘର୍ଷ କରୁଥିବା ଆତଙ୍କୀ ଗୋଷ୍ଠୀ ପାକିସ୍ତାନର ଶରଣାର୍ଥୀ, ଛାତ୍ରଛାୟା ତଳେ । ଏମିତିରେ କେବଳ ଆତଙ୍କବାଦୀ ଗୋଷ୍ଠୀ ନୁହେଁ, ଆତଙ୍କବାଦ ଇକୋସିଷ୍ଟମ ସମାପ୍ତ ହେବା ଜରୁରୀ ଅଟେ ।

ସାଂଘାଇ ସହଯୋଗ ସଂଗଠନ ପ୍ରତିବର୍ଷ ତାର ବାର୍ଷିକ ଶିଖର ସମ୍ମିଳନୀ ଆୟୋଜନ କରିଥାଏ । ଗତବର୍ଷ ଏହା ଚୀନର ତିଆନଜିନ ସହରରେ ଅନୁଷ୍ଠିତ ହୋଇଥିଲା । ଏବର୍ଷ ଏହାର ୨୬ତମ ବାର୍ଷିକ ଶିଖର ସମ୍ମିଳନୀ କିର୍ଗିଜସ୍ତାନର ବିସ୍କେକ ସହରରେ ୩୧.୮.୨୦୨୬ ଓ ୧.୯.୨୦୨୬ ରେ ଆୟୋଜିତ ହୋଇଯାଇଛି । ସମସ୍ତ ଦଶଗୋଟି ସ୍ଥାୟୀ ସଦସ୍ୟ ଦେଶର ରାଷ୍ଟ୍ର ମୁଖ୍ୟ ଏଥିରେ ଅଂଶଗ୍ରହଣ କରିଛନ୍ତି । ଭାରତର ରାଜଧାନୀ ଦିଲ୍ଲୀରୁ କିର୍ଗିଜସ୍ତାନର ଦୂରତା ପ୍ରାୟ ୧୬୦୦ କିଲୋମିଟର । ଏହା ଏକ ସମ୍ପୂର୍ଣ୍ଣ ଭୂମି ଆବଦ୍ଧ କ୍ଷେତ୍ର, ଦେଶ । ଏହାର କୌଣସି ସୀମାରେ ସମୁଦ୍ର ନାହିଁ । ଏହାର ଚତୁର୍ଦ୍ଦିଗରେ ଚୀନ, କାଜଗିସ୍ତାନ, ଉଜବେଗିସ୍ତାନ ଏବଂ ତାଜିକିସ୍ତାନ ରହିଛି । ଚୀନ ଓ ମଧ୍ୟ ଏସିଆ ମଧ୍ୟରେ ସ୍ଥିତ କିର୍ଗିଜସ୍ତାନ ବ୍ୟାପାର ଓ ଯାତାୟତ ପାଇଁ ଏକ ମହତ୍ୱପୂର୍ଣ୍ଣ ଦେଶ । ଏହାର କ୍ଷେତ୍ରଫଳ ୧,୯୯,୯୫୧ ବର୍ଗ କିଲୋମିଟର । ଆମ ଦେଶର ଗୁଜରାଟ ପାଖାପାଖି । ଜନସଂଖ୍ୟା ଦୃଷ୍ଟିରୁ ଏହା ଭାରତର ହିମାଚଳ ପ୍ରଦେଶ ଭଳି । ରାଜଧାନୀ ଦିଲ୍ଲୀର ଅଧା । ୭୫,୪୨,୦୦୦ । ଏହାର ନବେ ଭାଗ ପାର୍ବତ୍ୟାଞ୍ଚଳ । ତେଣୁ ଏହାକୁ ପାହାଡ଼ର ଭୂମି ମଧ୍ୟ କୁହାଯାଇଥାଏ । ଆଠ ଦଶକ ଯାଏଁ କିର୍ଗିଜସ୍ତାନ ସୋଭିଏତ ସଂଘର ଅଂଶ ଥିଲା । ୧୯୯୧ ରେ ଏହା ଏକ ସ୍ୱତନ୍ତ୍ର ରାଷ୍ଟ୍ର ରୂପେ ମାନ୍ୟତା ଲାଭ କଲା । ଯଦିଓ ଏହା ଏକ ମୁସଲିମ ବହୁଳ ଦେଶ ଏବଂ ଏହାର ୯୦% ଜନସଂଖ୍ୟା ମୁସଲମାନ ତଥାପି ଏହା ଏକ ଧର୍ମନିରପେକ୍ଷ ରାଷ୍ଟ୍ର ।

ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି ସମ୍ମିଳନୀରେ ଅଂଶ ଗ୍ରହଣ କରିଥିଲେ । ଚୀନ ରାଷ୍ଟ୍ରପତି ଶି ଜିନପିଙ୍ଗ ଓ ରୁଷିଆ ରାଷ୍ଟ୍ରପତି ଭ୍ଲାଦିମୀର ପୁଟିନଙ୍କ ସହ ତାଙ୍କର ଟ୍ରାୟୋକା, ରଷିୟ ଭାଷାରେ ତିନି ଶକ୍ତିଶାଳୀ ଘୋଡ଼ାର ଯୋଡି, ଗତବର୍ଷ ଭଳି ଖୁବ୍ ଚର୍ଚ୍ଚିତ ହୋଇଥିଲା । ତିନି ବୈଶ୍ୱିକ ରାଜନେତାଙ୍କ ତ୍ରିକୋଣୀୟ ହ୍ୟାଣ୍ଡ ସେକ ଆମେରିକା ସମେତ ସମଗ୍ର ବିଶ୍ୱକୁ "ଭାରତ ପଶ୍ଚିମୀ ଦେଶମାନଙ୍କର ସହଯୋଗୀ, ଅନୁଗାମୀ ନୁହେଁ"ର ବାର୍ତ୍ତା ପ୍ରଦାନ କରିଛି ।

ଗତବର୍ଷ ଆମେରିକୀ ରାଷ୍ଟ୍ରପତି ଡୋନାଲଡ ଟ୍ରମ୍ପ ତିନି ବିଶ୍ୱ ନେତାଙ୍କୁ ଏକତ୍ର ଦେଖି "ଆମେ ଭାରତକୁ ରୁଷିଆ ଏବଂ ଚୀନ ମଧ୍ୟରେ ହରେଇ ଦେଇଛୁ" ବୋଲି ମନ୍ତବ୍ୟ ରଖିଥିଲେ । ଦେଖାଯାଉ ଏଥର ତାଙ୍କ କଣ ଓ କିପରି ପ୍ରତିକ୍ରିୟା ଆସୁଛି । ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ଚୀନ ଓ ରୁଷିଆ ରାଷ୍ଟ୍ରପତିଙ୍କ ସହ ଦର୍ଶନ କରି ପାକିସ୍ତାନ ମଧ୍ୟ ଅତ୍ୟନ୍ତ ଦୁଃଖରେ ମ୍ରିୟମାଣ । ଏକବର୍ଷ ମଧ୍ୟରେ ରୁଷ ରାଷ୍ଟ୍ରପତିଙ୍କ ସହ ମୋଦୀଙ୍କ ଏହା ଥିଲା ତୃତୀୟ ସାକ୍ଷାତ । ସେପ୍ଟେମ୍ବର ୨୦୨୫ ରେ ଉଭୟ ନେତାଙ୍କ ଚୀନ ତିଆନଜିନରେ ପ୍ରଥମ ସାକ୍ଷାତ ହୋଇଥିଲା । ଡିସେମ୍ବର ୨୦୨୫ରେ ଭ୍ଲାଦିମୀର ପୁଟିନ ଭାରତ ଗସ୍ତରେ ଆସିଥିଲେ । ଏହା ଥିଲା ତାଙ୍କର ଦ୍ୱିତୀୟ ସାକ୍ଷାତ । ବିସ୍କେକ ସହରରେ ଏସସିଓର ରୌପ୍ୟ ଜୟନ୍ତୀ ଶିଖର ସମ୍ମିଳନୀରେ ଉଭୟେ ପୁଣି ଏକତ୍ର ହୋଇଥିଲେ ଯାହା ତାଙ୍କର ତୃତୀୟ ସାକ୍ଷାତ ଥିଲା । ପାକିସ୍ତାନକୁ ଏହି ଦୁଃଖ ଅନ୍ତତଃ ଆଉ କିଛି ଦିନ ସହ୍ୟ କରିବାକୁ ପଡ଼ିବ । କାରଣ ଆସନ୍ତା ୧୨, ୧୩ ତାରିଖରେ ରାଷ୍ଟ୍ରପତି ପୁଟିନ ବ୍ରିକ୍ସ ଶିଖର ସମ୍ମିଳନୀରେ ଯୋଗ ଦେବାକୁ ଭାରତ ଆସୁଛନ୍ତି । ଏହା ଉଭୟ ନେତାଙ୍କ ବର୍ଷେ ଭିତରେ ଚତୁର୍ଥ ସାକ୍ଷାତ ହେବ । ପକ୍ଷାନ୍ତରେ ପାକିସ୍ତାନ ପ୍ରଧାନମନ୍ତ୍ରୀ ଶାହାବାଜ ସରିଫ ରୁଷ ରାଷ୍ଟ୍ରପତିଙ୍କ ସହ ସାକ୍ଷାତ ତ ଦୂର କଥା, କଥାବାର୍ତ୍ତା ହେବାର ଅବସର ମଧ୍ୟ ପାଉନାହାନ୍ତି । ଗତବର୍ଷ ଚୀନରେ ରାଷ୍ଟ୍ରପତି ପୁଟିନଙ୍କୁ ଦେଖା କରିବା ପାଇଁ ସେ ଖୁବ ବ୍ୟସ୍ତବିବ୍ରତ ଥିଲେ । ସେପ୍ଟେମ୍ବର ୨୦୨୫ ରୁଷିଆ - ପାକିସ୍ତାନ ଦ୍ୱିପାକ୍ଷିକ କଥାବାର୍ତ୍ତା ବେଳେ ପାକିସ୍ତାନକୁ ଭାରତ ଭଳି ଅବସର ମିଳିବା କଥା ରୋକି ନ ପାରି କହିଦେଇଥିଲେ । ଡ଼ିସେମ୍ବର ୨୦୨୫ ରେ ତୁର୍କମେନିସ୍ତାନର ଏକ ଶିଖର ସମ୍ମିଳନୀ ଚାଲିଥିବା ବେଳେ ପୁଟିନଙ୍କୁ ଭେଟିବା ପାଇଁ ଅନେକ ସମୟ ବାହାରେ ଅପେକ୍ଷା କରି ସରିଫ ସାହେବ ଖୁବ୍ ହିନସ୍ତା ହୋଇଥିଲେ । ସମ୍ପର୍କ ଔପଚାରିକତା ନୁହଁ, ବରଂ ଭରସାରେ ତିଷ୍ଟେ ଏହା ପ୍ରଧାନମନ୍ତ୍ରୀ ଶାହାବାଜ ସରିଫଙ୍କୁ କିଏ ବୁଝେଇବ ? ଆଉ ସିଏ ନିଜେ ଯଦି ବୁଝିବାକୁ ଅସମର୍ଥ କଣ ବି କରିପାରିବେ ? ଅତିବେଶିରେ ଅରିଜିନାଲ ଫଟୋ ଏଡିଟ କରି ପୋଷ୍ଟ କରିପାରିବେ । ନିଜକୁ ଚୀନ ଏବଂ ରୁଷିଆର ପରମ ମିତ୍ର ଦେଖାଇବାକୁ ଭାରତର ପ୍ରଧାନମନ୍ତ୍ରୀ ମନ୍ତ୍ରୀ ମୋଦିଙ୍କ ଫଟୋକୁ ଗାଏବ କରିପାରିବେ । ପୁଣି ଯେତେବେଳେ ସ୍ୱୟଂ ନରେନ୍ଦ୍ର ମୋଦୀ ବିସ୍କେକ ସମ୍ମିଳନୀର ଅସଲ ଫଟୋ ପୋଷ୍ଟ କରିବେ, ସେତେବେଳେ ନେଡି ଗୁଡ଼ କହୁଣିକି ବହିସାରିଥିବ । ହୀନସ୍ତା ହୋଇସାରିଥିବେ । ତାଙ୍କ ଅସଲ ଚାଲ, ଚେହେରା ଏବଂ ଚରିତ୍ର ପଦାରେ ପଡ଼ିସାରିଥିବ । ଛାଡ଼ନ୍ତୁ, ପୋଡ଼ା କାଠକୁ ଯେତେ ଘସିଲେ କଣ ଧଳା ହେବ ନା ହୋଇଛି ?

ବିସ୍କେସ ଏସସିଓ ଶିଖର ସମ୍ମିଳନୀରେ ସଦସ୍ୟ ରାଷ୍ଟ୍ରମାନେ ନିଜ ନିଜର ମତ ଓ ମନ୍ତବ୍ୟ ରଖିଥିଲେ । କେବଳ ଭାରତ ଏପରି ଏକ ରାଷ୍ଟ୍ର ଥିଲା ଯିଏ ଆତଙ୍କବାଦ ପ୍ରସଙ୍ଗ ଉତ୍ଥାପନ କରିଥିଲା । ତାର ମୂଳୋତ୍ପାଟନ ପାଇଁ ଗମ୍ଭୀର ଥିଲା । ଚୀନ ଓ ରୁଷିଆ ଡ଼ଲାର ର ପ୍ରଭାବକୁ ଚ୍ୟାଲେଞ୍ଜ ଦେବା ପାଇଁ ପ୍ରସ୍ତାବ ରଖିଥିଲେ । ଇରାନ ମଧ୍ୟ - ପ୍ରାଚ୍ୟ ଯୁଦ୍ଧ ଓ ଆମେରିକାର ନୀତି ଉପରେ ଆଲୋଚନା କରିଥିଲା । ଅନ୍ୟ ଦେଶ ଆର୍ଥିକ ସହଯୋଗ ଉପରେ ଜୋର ଦେଇଥିଲେ ।

ସମ୍ବଲପୁର,ମୋ-୭୯୭୮୨୮୩୧୯୦

## ନ୍ୟାୟ ନ ମିଳିଲେ ସପରିବାର ଆତ୍ମହତ୍ୟା ଧମକ


ରାୟଗଡ଼ା,(ନିପ୍ର): ପ୍ରଶାସନ ଓ ପୁଲିସ ନିକଟରେ ବାରମ୍ବାର ଗୁହାରି କରି ମଧ୍ୟ ନ୍ୟାୟ ନ ମିଳିବାରୁ ଚରମ ପଦକ୍ଷେପ ନେବାକୁ ଧମକ ଦେଇଛନ୍ତି ଜଣେ ଅଭିଯୋଗକାରୀ। ଜମିବାଡ଼ି ବିବାଦକୁ କେନ୍ଦ୍ର କରି ନିଜ ପରିବାର ଉପରେ ଆକ୍ରମଣ ଓ ଧମକ ଦିଆଯାଉଥିବା ଅଭିଯୋଗ ଆଣି ରାୟଗଡ଼ା ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିରରେ କୀଟନାଶକ ବୋତଲ ଧରି ପହଞ୍ଚିଥିଲେ ଶେଷଖାଲ ଥାନା ଅନ୍ତର୍ଗତ ଜେମାଦେଇପେଣ୍ଠ ଗ୍ରାମର ଏଡଲା ଗାଙ୍ଗଲୁ। ନ୍ୟାୟ ନ ମିଳିଲେ ସପରିବାର କୀଟନାଶକ ପିଇ ଜୀବନ ହାରିବେ ବୋଲି ସେ



ଚେତାବନୀ ଦେଇଥିଲେ। ସୂଚନା ଅନୁଯାୟୀ, ଜେମାଦେଇପେଣ୍ଠ ପଞ୍ଚାୟତର ସଦର ଗ୍ରାମରେ ଗାଙ୍ଗଲୁଙ୍କ ପରିବାର ପ୍ରାୟ ୪୦ରୁ ୫୦ ବର୍ଷ ଧରି ସରକାରୀ ଜମିରେ ଚାଷବାସ କରି ଜୀବିକା ନିର୍ବାହ କରିଆସୁଥିବା ଅଭିଯୋଗ ହୋଇଛି। ଗାଙ୍ଗଲୁଙ୍କ କହିବା ଅନୁସାରେ, ସେ ତାଙ୍କ ସ୍ତ୍ରୀ, ପୁଅ ଓ ଦୁଇ ଝିଅଙ୍କୁ ନେଇ ଏହି ଜମି ଉପରେ ନିର୍ଭରଶୀଳ ଥିଲେ। ତେବେ ଗାଁର କିଛି ବ୍ୟକ୍ତି ଉକ୍ତ ଜମି ଉପରେ ନଜର ପକାଇ ତାହା ହଡ଼ପ କରିବାକୁ ଉଦ୍ୟମ କରୁଥିବା ଗାଙ୍ଗଲୁ ଅଭିଯୋଗ କରିଛନ୍ତି। ଏହି ବିବାଦକୁ ନେଇ ଗାଙ୍ଗଲୁ ଓ ତାଙ୍କ ସ୍ତ୍ରୀ ଏଡଲା ଲକ୍ଷ୍ମୀଙ୍କ ଉପରେ ସଂଘବଦ୍ଧ ଭାବେ ଆକ୍ରମଣ କରାଯାଇଥିବା ନେଇ ଲକ୍ଷ୍ମୀ ଶେଷଖାଲ ଥାନାରେ ଲିଖିତ ଅଭିଯୋଗ କରିଥିବା ସେ କହିଛନ୍ତି। ତାଙ୍କର ଅଭିଯୋଗ ଅନୁଯାୟୀ, ଘଟଣା ପରେ ମଧ୍ୟ ପୁଲିସ ପକ୍ଷରୁ ଆଶାନୁରୂପ କାର୍ଯ୍ୟାନୁଷ୍ଠାନ ନିଆଯାଇନଥିଲା। ଏହାପରେ ବିପକ୍ଷ ଗୋଷ୍ଠୀ ପକ୍ଷରୁ ତାଙ୍କ ସ୍ତ୍ରୀ ଓ ଝିଅମାନଙ୍କୁ ଦୁଷ୍କର୍ମ ଏବଂ ହତ୍ୟା କରିବାର ଧମକ ଦିଆଯାଉଥିବା ଗାଙ୍ଗଲୁ ଅଭିଯୋଗ କରିଛନ୍ତି। ନ୍ୟାୟ ନ ମିଳିଲେ ସେଠାରେ ହିଁ ପରିବାର ସହ କୀଟନାଶକ ପିଇଦେବେ ବୋଲି କହି ସେ ବୋତଲଟି ବାହାର କରିଥିଲେ।

## ସ୍କାଉଟ ଗାଇଡ଼ଙ୍କୁ ସମ୍ମାନିତ କଲେ ଥାନାଧିକାରୀ

ଆସିକା,(ନିପ୍ର): ଆସିକା ଥାନା ଅଧିକାରୀ ମାନପତ୍ର ଦେଇ ସମ୍ମାନିତ କରିଛନ୍ତି ଆସିକା ଗାୟତ୍ରୀ ନଗର ସ୍ଥିତ ରାମକୃଷ୍ଣ ଆଦର୍ଶ ବିଦ୍ୟାମନ୍ଦିର ସ୍କାଉଟ ଓ ଗାଇଡ଼ମାନଙ୍କୁ। ପ୍ରକାଶ ଥାଉକି ରାମକୃଷ୍ଣ ଆଦର୍ଶ ବିଦ୍ୟାମନ୍ଦିରର ରାମକୃଷ୍ଣ ସ୍କାଉଟ ଓ ଶାରଦା ଗାଇଡ଼ କମ୍ପାନୀ ପକ୍ଷରୁ ରଥଯାତ୍ରା, ମହାବାରୁଣୀ ସ୍ନାନ,ମହାଶିବରାତ୍ରି,ମେରୁ ଯାତ୍ରା,ସାଧାରଣ ନିର୍ବାଚନ, ବୁଦତୋଟା ସଫେଇ କାର୍ଯ୍ୟକ୍ରମ ଆଦି ସମୟରେ ଆସିକା ଥାନା ପକ୍ଷରୁ ନିର୍ଦ୍ଦେଶ କ୍ରମେ ଲୋକ ମାନଙ୍କ ସେବା କାର୍ଯ୍ୟରେ ନିସ୍ୱାର୍ଥପର ଭାବେ ନିଜକୁ ନିୟୋଜିତ କରିଥିବା



ଯୋଗୁଁ ଆସିକା ଥାନା ଅଧିକାରୀ ସୁଧୀର କୁମାର ସାହୁ ବିଦ୍ୟାଳୟର ୪୦ରୁ ଉର୍ଦ୍ଧ ସ୍କାଉଟ, ଗାଇଡ଼ ସମେତ ସ୍କାଉଟ ମାଷ୍ଟର କମଳେନ୍ଦୁ ହୋତା,ଗାଇଡ଼ କ୍ୟାପଟେନ କାଦମ୍ବିନୀ ହୋତା, ଲିନା କୁମାରୀ ସ୍ୱାଇଁଙ୍କୁ ମାନପତ୍ର ଦେଇ ସମ୍ମାନିତ କରିଛନ୍ତି। ଏହି ମାନପତ୍ର ଗ୍ରହଣ କରିବା ପରେ ବିଦ୍ୟାଳୟ ପ୍ରଧାନାଚାର୍ଯ୍ୟ ଅନ୍ନପୂର୍ଣ୍ଣା ଆଚାର୍ଯ୍ୟା ଓ ଅନ୍ୟ ଗୁରୁଜୀ ଗୁରୁମା ଯଥା ରାଜେଶ କୁମାର ସ୍ୱାଇଁ ଅଜୟ କୁମାର ପଟ୍ଟନାୟକ, ଅନ୍ତର୍ଯ୍ୟାମି ସାହୁ, ସଙ୍ଗୀତା ପାତ୍ର, ସୁନୀତା କୁମାରୀ ମହାପାତ୍ର,କେ ମାଧବି ଆଚାରୀ,ସନ୍ତୋଷୀ ସାହୁ, ରୋଶନୀ ଲେଙ୍କା, ଟି ସାଧନା ଦାସ, ସଂଗୀତ ପାତ୍ର, ମୋନାଲିସା ପାଣିଗ୍ରାହୀ, ମୃନାଳି ଦେବି ଗୁରୁମା ଓ ବିଦ୍ୟାଳୟ ପରିଚାଳନା କମିଟି ଓ ଅଭିଭାବକ ମାନଙ୍କ ମଧ୍ୟରେ ଖୁସିର ଲହରୀ ଖେଳି ଯାଇଛି।

## ଘର ପାଇଁ ବର୍ଷ ବର୍ଷ ଧରି ଅପେକ୍ଷା, ବର୍ଷାରେ ଭାଙ୍ଗିଲା ୪ ଘର

### ସରକାରୀ ଆବାସ ଯୋଜନାରୁ ବଞ୍ଚିତ ଅଭିଯୋଗ, ପଲିଥିନ ତଳେ ଅସହାୟ ପରିବାର

ରାଉରକେଲା,(ନିପ୍ର): ନୂଆଗାଁବାସୀ ବର୍ଷ ବର୍ଷ ଧରି ସରକାରୀ ଘର ପାଇଁ ଆବେଦନ କରିଆସୁଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ଆବାସ ମିଳିନଥିବା ଅଭିଯୋଗ ହୋଇଛି। ମେନମେନା ପଞ୍ଚାୟତ ଅନ୍ତର୍ଗତ ରଣାକଟା ଗିରଜାଟଲା ଅଞ୍ଚଳରେ ସରକାରୀ ଆବାସ ଅପେକ୍ଷାରେ ଥିବା ଇଲିୟାନି ବୁଡ, ଯାକୁବ ଯୋଯୋ, ସାବିତ୍ରୀ ବଡାଇକ ଓ ବାନ୍ଧନୁ ନାଏକଙ୍କ ପରିବାର ଏବେ ଦୟନୀୟ ପରିସ୍ଥିତିରେ ଦିନ କାଟୁଛନ୍ତି। ପ୍ରଧାନମନ୍ତ୍ରୀ ଆବାସ ଓ ଅନ୍ତୋଦୟ ଗୃହ ଯୋଜନାରୁ ଆଜି ପର୍ଯ୍ୟନ୍ତ ବଞ୍ଚିତ । ବୟସ ଅଧିକ ହୋଇଥିବାରୁ ବାରମ୍ବାର ବ୍ଲକର ଦ୍ୱାରସ୍ଥ ହୋଇପାରୁ ନାହାନ୍ତି ।



ପ୍ରବଳ ବର୍ଷା ଯୋଗୁଁ ଗୋଟିଏ ଦିନରେ ଏହି ଅଞ୍ଚଳର ୪ଟି ଘର ଭାଙ୍ଗି ପଡ଼ିଥିବା ଜଣାପଡ଼ିଛି। ଘର ଭାଙ୍ଗିଯିବା ପରେ ପରିବାରଗୁଡ଼ିକ ବାସହୀନ ହୋଇ ପଡ଼ିଛନ୍ତି। ସରପଞ୍ଚଙ୍କୁ ଅଭିଯୋଗ କରିବା ପରେ ହାତିବାରୀ ଆରଆଇଙ୍କ ନିକଟରୁ ପଲିଥିନ ଆଣି ତାହାକୁ ଟାଙ୍ଗି ଅସ୍ଥାୟୀ ଭାବେ ରହୁଥିବା ଅଭିଯୋଗ ହୋଇଛି।

ରଣାକଟା ଗାଁରେ କେବଳ ଆବାସ ସମସ୍ୟା ନୁହେଁ, ଅନେକ ମୌଳିକ ସମସ୍ୟା ରହିଥିବା ଗ୍ରାମବାସୀ କହିଛନ୍ତି। ଏହି ଗାଁର ୭୬ ବର୍ଷୀୟ ବୃଦ୍ଧା ପ୍ୟାରୀ ଯୋଯୋ ଗତ ଦୁଇ ବର୍ଷ ଧରି ରୋଗାକ୍ରାନ୍ତ ଅବସ୍ଥାରେ ପଲି ତଳେ ରହୁଥିବା ସତ୍ତ୍ୱେ ଆବଶ୍ୟକ ସ୍ୱାସ୍ଥ୍ୟସେବାରୁ ବଞ୍ଚିତ ଥିବା ଅଭିଯୋଗ ହୋଇଛି। ଏହି ଗ୍ରାମକୁ କୈଣସି ଏଏନ୍‌ଏମ ଆସିନାହାନ୍ତି କିମ୍ବା ଗ୍ରାମ୍ୟଭ୍ରାମ୍ୟମାଣ ଗାଡି ଆସି ନାହିଁ।

ଏନେଇ ମେନମେନା ସରପଞ୍ଚ କହିଛନ୍ତି, "ଆବାସ ପାଇଁ ତାଲିକା ପରେ ତାଲିକା ଦିଆଯାଉଛି। ତେବେ ଏପର୍ଯ୍ୟନ୍ତ କୌଣସି କାର୍ଯ୍ୟ ହୋଇପାରିନାହିଁ।"

ଅନ୍ୟପକ୍ଷରେ ଏହି ଘଟଣା ସମ୍ପର୍କରେ ବିଡିଓଙ୍କୁ ପଚାରିବାରୁ ଘଟଣାର ଅତିଶୀଘ୍ର ତଦନ୍ତ କରାଯାଇ ଆବଶ୍ୟକ ପଦକ୍ଷେପ ଓ କାର୍ଯ୍ୟକାରୀ ବ୍ୟବସ୍ଥା ନିଆଯିବ ବୋଲି ସେ କହିଛନ୍ତି। ବର୍ଷା ଋତୁରେ ମୁଣ୍ଡ ଗୁଞ୍ଜିବାକୁ ସୁରକ୍ଷିତ ଛାତ ନ ଥିବା ଏହି ପରିବାରଗୁଡ଼ିକୁ ତୁରନ୍ତ ସରକାରୀ ଆବାସ ଯୋଗାଇବା ସହ ଅସୁସ୍ଥ ବୃଦ୍ଧାଙ୍କୁ ଆବଶ୍ୟକ ସ୍ୱାସ୍ଥ୍ୟସେବା ଯୋଗାଇଦେବାକୁ ଗ୍ରାମବାସୀଙ୍କ ସମେତ ବିଭିନ୍ନ ମହଲରେ ଦାବି ହୋଇଛି।

## ବସ୍‌ଷ୍ଟାଣ୍ଡକୁ ବସ୍ ନ ଗଡ଼ିବା ନେଇ ଦାବିପତ୍ର

ଜଟଣୀ,(ନି.ପ୍ର) : ଝରଣା କଲ୍ୟାଣ ମଣ୍ଡପ ଠାରେ ଜଟଣୀ ବିକାଶ ପରିଷଦର ଜରୁରୀ ବୈଠକ ଅନୁଷ୍ଠିତ ହୋଇଯାଇଛି । ଜଟଣୀ ନୂଆ ବସଷ୍ଟାଣ୍ଡକୁ ବସ ନ ଗଡ଼ିଲେ ପ୍ରଥମେ ଜିଲାପାଳଙ୍କୁ ଦାବିପତ୍ର ଏବଂ ପରେ ଆନ୍ଦୋଳନ ହେବ ବୋଲି ବୈଠକରେ ସର୍ବ ସମ୍ମତ ନିଷ୍ପତ୍ତି ନିଆଯାଇଥିବା ଜଣାପଡ଼ିଛି। ଏହି ବୈଠକରେ ପରିଷଦର ସାଧାରଣ ସମ୍ପାଦକ ସୁଦର୍ଶନ ସୁନ୍ଦରରାୟ ସଭା ପରିଚାଳନା କରିଥିଲେ । ଜଟଣୀର ବିକାଶ କରିବା ଜଟଣୀ ବିକାଶ ପରିଷଦର ମୂଳ ଲକ୍ଷ୍ୟ। ଜଟଣୀର ବହୁ ସମସ୍ୟା ରହିଛି। ମୂଳ ସମସ୍ୟା ମଧ୍ୟରେ ୨୦୦୦ରେ ହରିଭାଇନା ଛକରେ ସ୍ଥାପିତ ବସଷ୍ଟାଣ୍ଡ ଚାଲୁ ନାହିଁ । ବସଷ୍ଟାଣ୍ଡ ଖତ ଖାଇବାକୁ ବସିଲାଣି। ହେଲେ ବସଷ୍ଟାଣ୍ଡକୁ ବସ୍ ଗଡୁ ନଥିବା ଜଟଣୀବାସୀ ଅଭିଯୋଗ କରି ଆସୁଛନ୍ତି। ଯାତ୍ରୀ ହଇରାଣ ହେଉଛନ୍ତି । ବାଟଘାଟରେ ପିଲା ଛୁଆ ଧରି ବସ୍ ଧରୁଛନ୍ତି। ପ୍ରଶାସନ ଚୁପ୍ ହୋଇ ବସି ରହିଛି । ଗଣେଶ ପୂଜା ପୂର୍ବରୁ ବସଷ୍ଟାଣ୍ଡକୁ ବସ ଚଳାଚଳର ବ୍ୟବସ୍ଥା କରା ନଗଲେ ବିକାଶ ପରିଷଦ ପକ୍ଷରୁ ପ୍ରଥମେ ଜିଲାପାଳଙ୍କୁ ଦାବି ପତ୍ର ପ୍ରଦାନ କରା ଯିବ। ପରେ ବିକାଶ ପରିଷଦ ଆନ୍ଦୋଳନକୁ ଓହ୍ଲାଇବ ବୋଲି ବୈଠକରେ



ନିଷ୍ପତି ନିଆ ଯାଇଥିଲା। ପରମ୍ପରା ଅନୁସାରେ ଗଣେଶ ପୂଜା ଉତ୍ସବରେ ୧୯ ଏବଂ ୨୦ ଦୁଇ ଦିନ ଧରି ବିକାଶ ପରିଷଦର କାର୍ଯ୍ୟକର୍ତ୍ତା ପ୍ରତି ପୂଜା ମଣ୍ଡପକୁ ଯାଇ ଗଜାନନଙ୍କୁ ହାଣ୍ଡି ଭୋଗ ଅର୍ପଣ କରିବା ସହ ପୂଜା କମିଟିର କାର୍ଯ୍ୟକର୍ତ୍ତାଙ୍କୁ ସମ୍ବର୍ଦ୍ଧିତ କରିବା ଲାଗି ନିଷ୍ପତ୍ତି ହୋଇଥିଲା। ପରିଷଦର କାର୍ଯ୍ୟକାରୀ ସଭାପତି ରାଜେନ୍ଦ୍ର ପ୍ରସାଦ ପଟ୍ଟନାୟକ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ପରିଷଦର କାର୍ଯ୍ୟକର୍ତା। ତ୍ରିଲୋଚନ ପ୍ରଧାନ,କଣ୍ଟାବାଡ଼ ସରପଞ୍ଚ ରାଜ କିଶୋର ସାହୁ, ଡ଼.ସୁଶାନ୍ତ କୁମାର ରାଉତ,ଲୁଫେନ ରାୟ,କୈଳାସ ଚନ୍ଦ୍ର ମହାପାତ୍ର,ସୁନୀଲ କୁମାର ରାଉତରାୟ,ପୂର୍ବତଟ ରେଳ ଶ୍ରମିକ ୟୁନିୟନ ସାଧାରଣ ସମ୍ପାଦକ ବାବୁ ପାଟସାହାଣୀ,ଆଇନଜୀବି ଅରୁଣ କୁମାର ସାହୁ,ଅକ୍ଷୟ କୁମାର ଦାସ,ବାବୁ ହୋତା,କାଉନସିଲର ଶଶାଙ୍କ ରାୟ ଓ ବିଷ୍ଣୁ ସାହୁ ପ୍ରମୁଖ ବକ୍ତବ୍ୟ ରଖିଥିଲେ । ଜଟଣୀର ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରା ଯାଇଥିଲା।

## ଅବସରପ୍ରାପ୍ତ ସାମ୍ବାଦିକଙ୍କ ପାଇଁ ଶୀଘ୍ର ପେନସନ୍ ଯୋଜନା ଦାବି

ବ୍ରହ୍ମପୁର,(ନିପ୍ର): ରାଜ୍ୟର ଅବସରପ୍ରାପ୍ତ ଓ ଅବସର ନେବାକୁ ଥିବା ସାମ୍ବାଦିକମାନଙ୍କ ପାଇଁ ତୁରନ୍ତ ପେନସନ୍ ଯୋଜନା ଲାଗୁ କରିବାକୁ ସିନିୟର ଜର୍ନାଲିଷ୍ଟସ୍ ଆସୋସିଏସନ୍ ଅଫ୍ ଓଡ଼ିଶା ପୁଣିଥରେ ଦାବି କରିଛି। ଏଥିସହ ଓଡ଼ିଶା ହାଇକୋର୍ଟଙ୍କ ଅନୁକୂଳ ନିର୍ଦ୍ଦେଶ ଅନୁଯାୟୀ ଆଉ ବିଳମ୍ବ ନକରି ଆବଶ୍ୟକ ପଦକ୍ଷେପ ନେବାକୁ ରାଜ୍ୟ ସରକାରଙ୍କୁ ସଂଘ ଅନୁରୋଧ କରିଛି।

ଦେଶର ପ୍ରାୟ ୧୯ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ଅବସରପ୍ରାପ୍ତ ଗଣମାଧ୍ୟମ କର୍ମୀଙ୍କ ପାଇଁ ପେନସନ୍ ଯୋଜନା କିମ୍ବା ଅନୁରୂପ ଆର୍ଥିକ ସହାୟତା ପ୍ରଚଳିତ ରହିଛି। ଦୀର୍ଘ ବର୍ଷ ଧରି ସେବା ପ୍ରଦାନ କରିଥିବା ସାମ୍ବାଦିକମାନଙ୍କ ଅବସର ପରବର୍ତ୍ତୀ ସାମାଜିକ ସୁରକ୍ଷାର ଆବଶ୍ୟକତାକୁ ସ୍ୱୀକାର କରି ଏହି ବ୍ୟବସ୍ଥା କରାଯାଇଛି। ତେବେ ଓଡ଼ିଶାରେ ଏଯାବତ୍ ସାମ୍ବାଦିକମାନଙ୍କ ପାଇଁ ସ୍ୱତନ୍ତ୍ର ଅବସରକାଳୀନ ପେନସନ୍ ଯୋଜନା ଲାଗୁ ହୋଇନାହିଁ।

ଏସ୍‌ଜେଏଓ ସଭାପତି କାହ୍ନୁଚରଣ ନନ୍ଦ କହିଛନ୍ତି ଯେ, ସାମ୍ବାଦିକମାନେ ନିଜ ଜୀବନର ଉତ୍ପାଦନଶୀଳ ସମୟକୁ ଜନସାଧାରଣଙ୍କୁ ସୂଚନା ପ୍ରଦାନ, ନାଗରିକ ସମସ୍ୟାକୁ ସାମ୍ନାକୁ ଆଣିବା ଏବଂ ଗଣତାନ୍ତ୍ରିକ ଅନୁଷ୍ଠାନକୁ ସୁଦୃଢ଼ କରିବାରେ ନିୟୋଜିତ କରିଥାନ୍ତି। ଅବସର ପରେ ସେମାନଙ୍କୁ ଆର୍ଥିକ ଅନିଶ୍ଚିତତା ମଧ୍ୟରେ ଛାଡ଼ି ଦିଆଯିବା ଉଚିତ ନୁହେଁ।

୨୦୨୨ ମସିହାରୁ ଏହି ଦାବି ନେଇ ସଂଘ ରାଜ୍ୟ ସରକାରଙ୍କ ସହ ଆଲୋଚନା ଓ ଯୋଗାଯୋଗ ଜାରି ରଖିଥିବା ବେଳେ ପରେ ବରିଷ୍ଠ ସାମ୍ବାଦିକମାନଙ୍କୁ ପେନସନ୍ ସୁବିଧା ପ୍ରଦାନ ପାଇଁ ଓଡ଼ିଶା ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲା। ଚଳିତ ବର୍ଷ ଜୁନ୍ ମାସରେ ହାଇକୋର୍ଟ ରାଜ୍ୟ ସରକାରଙ୍କୁ ତିନି ମାସ ମଧ୍ୟରେ ଏ ସମ୍ପର୍କରେ ନୀତିଗତ ନିଷ୍ପତ୍ତି ନେବାକୁ କହିଥିଲେ। ୬୦ ବର୍ଷ ଓ ତଦୁର୍ଦ୍ଧ୍ୱ ବୟସର ସାମ୍ବାଦିକମାନଙ୍କୁ ମାସିକ ପେନସନ୍ ପ୍ରଦାନ ନେଇ ପ୍ରସ୍ତାବ ସରକାରଙ୍କ ସକ୍ରିୟ ବିଚାରାଧୀନ ଥିବା ହାଇକୋର୍ଟ ଦର୍ଶାଇଥିଲେ ବୋଲି କାହ୍ନୁ ଚରଣ ନନ୍ଦ କହିଛନ୍ତି। ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ଏସ୍‌ଜେଏଓ ସୂଚନା ଓ ଲୋକସମ୍ପର୍କ ବିଭାଗକୁ ଆବଶ୍ୟକ ପ୍ରଶାସନିକ ପ୍ରକ୍ରିୟା ଆରମ୍ଭ କରିବା ସହ ଯୋଗ୍ୟ ଅବସରପ୍ରାପ୍ତ ସାମ୍ବାଦିକମାନଙ୍କୁ ଏହି ସୁବିଧା ପ୍ରଦାନ ପାଇଁ ଏକ ବ୍ୟବସ୍ଥା ପ୍ରସ୍ତୁତ କରିବାକୁ ଦାବି କରିଛି। ଅବସରପ୍ରାପ୍ତ ସାମ୍ବାଦିକମାନଙ୍କ ପାଇଁ ପେନସନ୍ ଯୋଜନା ଶୀଘ୍ର ଲାଗୁ କରିବା ଦିଗରେ ରାଜ୍ୟ ସରକାର ସକାରାତ୍ମକ ପଦକ୍ଷେପ ନେବେ ବୋଲି ଏସ୍‌ଜେଏଓ ପ୍ରତିନିଧିମାନେ ଆଶା ପ୍ରକାଶ କରିଛନ୍ତି।

## ଦାଦନ ଖଟିବାକୁ ଯାଇ ଶ୍ରମିକଙ୍କ ମୃତ୍ୟୁ

ପାରଳାଖେମୁଣ୍ଡି,(ନିପ୍ର): ଗଜପତି ଜିଲ୍ଲାରୁ ଦାଦନଖଟିବାକୁ ବାହାରକୁ ଯାଇ ପୁଣି ଜଣେ ଯୁବ ଶ୍ରମିକଙ୍କ ମୃତ୍ୟୁ ହୋଇଛି। ରାୟଗଡ଼ ବ୍ଲକ ଅନ୍ତର୍ଗତ ମୁନିସିଂ ଗ୍ରାମର ଚନ୍ଦ୍ର ଗମାଙ୍ଗ (୧୯) ହାଇଦ୍ରାବାଦର ଏକ କମ୍ପାନୀରେ କାମ କରୁଥିବା ବେଳେ ବିଦ୍ୟୁତ୍ ଆଘାତରେ ପ୍ରାଣ ହରାଇଥିବା ସୂଚନା ମିଳିଛି। ହାଇଦ୍ରାବାଦରେ ବିଦ୍ୟୁତ୍ ଆଘାତରେ ୧୯ ବର୍ଷୀୟ ଯୁବକଙ୍କ ମୃତ୍ୟୁ, ଶବ ଆଣିବାକୁ ପରିବାର ନିକଟରେ ନାହିଁ ସମ୍ବଳ ପରିବାରର ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନଥିବାରୁ ଚନ୍ଦ୍ରଙ୍କ ମୃତଦେହକୁ ଗାଁକୁ ଆଣିବା ପାଇଁ ପରିବାର ଅସମର୍ଥ ହୋଇପଡ଼ିଛି ଘଟଣା ପରେ ପରିବାର ଲୋକେ ଭାଙ୍ଗିପଡ଼ିଥିବା ବେଳେ ଗ୍ରାମରେ ମଧ୍ୟ ଶୋକର ଛାୟା ଖେଳିଯାଇଛି। ଚନ୍ଦ୍ରଙ୍କ ମୃତଦେହ ହାଇଦ୍ରାବାଦରୁ ଗାଁକୁ ଆଣିବା ପାଇଁ ଆବଶ୍ୟକ ଅର୍ଥ ପରିବାର ନିକଟରେ ନାହିଁ। ତେଣୁ ପ୍ରଶାସନ ତୁରନ୍ତ ହସ୍ତକ୍ଷେପ କରି ମୃତଦେହ ଗାଁକୁ ଆଣିବାରେ ସହଯୋଗ କରିବାକୁ ପରିବାର ଓ ଗ୍ରାମବାସୀ ଅନୁରୋଧ କରିଛନ୍ତି। ଏହି ଘଟଣା ପୁଣି ଗଜପତିର ଗରିବ ପରିବାରର ଯୁବକମାନେ ଜୀବିକା ପାଇଁ ଦାଦନ ଯାଇ କିପରି ବିପଦର ସମ୍ମୁଖୀନ ହେଉଛନ୍ତି, ତାହାର ଦୃଷ୍ଟାନ୍ତ ସାମ୍ନାକୁ ଆଣିଛି।

## ଡାବୁଗାଁ : ମନରେଗାର ସାମାଜିକ ସମୀକ୍ଷା ଓ ବ୍ଲକସ୍ତରୀୟ ଜନଶୁଣାଣି ଶିବିର

ଡାବୁଗାଁ,(ନିପ୍ର): ଡାବୁଗାଁ ବ୍ଲକ ସମ୍ମିଳନୀ କକ୍ଷରେ ବ୍ଲକ ସ୍ତରୀୟ ସାମାଜିକ ସମୀକ୍ଷା ଜନଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ନବରଙ୍ଗପୁର ଅତିରିକ୍ତ ଜିଲ୍ଲାପାଳ ବିଶ୍ୱଜିତ୍ ବର୍ମନ୍ ଯୋଗ ଦେଇ କିପାରି ଲୋକେ ବାହାରକୁ ଦାଦନ ନ ଯାଇ ନିଜ ଅଞ୍ଚଳରେ କାର୍ଯ୍ୟ ପାଇବେ ସେହି ବିଷୟରେ ଆଲୋଚନା କରିଥିଲେ । କାର୍ଯ୍ୟକ୍ରମରେ ମଞ୍ଚାସୀନ ଥିଲେ ଡାବୁଗାଁ ବ୍ଲକ ଅଧ୍ୟକ୍ଷା ବୀଣା ମାଝୀ,ଡାବୁଗାଁ ବିଡିଓ ସମିର ପାତ୍ର, ଜୋନ -୧ ଜିଲା ପରିଷଦ ସଭ୍ୟ ଗୁପ୍ତ ବିଶୋଇ, ଜୋନ -୨ ଜିଲା ପରିଷଦ ସଭ୍ୟ ଧନସିଂ ଭତ୍ରା, ଡାବୁଗାଁ ବ୍ଲକ ବିଜେଡ଼ି ସଭାପତି ସୁରେନ୍ଦ୍ର ମିଶ୍ର ପ୍ରମୁଖ । ଜୁନାପାଣି ପଞ୍ଚାୟତର ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ବଡଓଲମା ଓ ନନ୍ଦପୁରା ପଞ୍ଚାୟତରେ ମୃତ ବ୍ୟକ୍ତିଙ୍କ ନାମରେ ଟଙ୍କା ପଠାଯାଇଥିଲା, ପରେ ସରକାରଙ୍କ ଆକାଉଣ୍ଟକୁ ନିଆଯାଇଥିଲା ବୋଲି କୁହାଯାଇଛି। କିପରି ମୃତ ବ୍ୟକ୍ତିଙ୍କୁ ଟଙ୍କା ପଠାଯାଇଥିଲା ସେ ନେଇ ଆଲୋଚନା ହେବା ପରେ ଉକ୍ତ ଯୋଜନାରେ ସମ୍ପୃକ୍ତ ଥିବା ଅଧିକାରୀଙ୍କୁ ପଚରାଯାଇ ଆଗାମୀ ଦିନରେ ଯଦି ଏପରି ଘଟଣା ସାମ୍ନାକୁ ଆସେ ତାହେଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଅତିରିକ୍ତ ଜିଲ୍ଲାପାଳ କହିଥିଲେ। ବଡଓଲମା ବିଦ୍ୟାଳୟ ୱାଲର କାର୍ଯ୍ୟ ୭୫ପ୍ରତିଶତ କାମ ସରିଯାଇଥିବା ବେଳେ ବଳକା ୨୫ପ୍ରତିଶତ



କାମ ହୋଇପାରିନାହିଁ ନେଇ ଆଲୋଚନା ହୋଇଥଲା । ଚଚରାଗୁଡ଼ା ପଞ୍ଚାୟତରେ ବିଗତ ୬ମାସ ମଧ୍ୟରେ ଉକ୍ତ ଯୋଜନାରେ ଜବକାର୍ଡଧାରୀଙ୍କୁ କାର୍ଯ୍ୟ ନଦେବା ଓ କାର୍ଯ୍ୟରେ ଅନିୟମିତତା ହୋଇଥିବା କାର୍ଯ୍ୟ ଉପରେ ଅନୁଧ୍ୟାନ କରିଥିଲେ । ଜବାଗୁଡ଼ାରେ ବିନା ପିଓ ଓ ସରପଞ୍ଚଙ୍କ ଦସ୍ତଖତରେ ଟଙ୍କା ପଠାଯିବା ନେଇ ବିଗିଡି ଥିଲେ ଅତିରିକ୍ତ ଜିଲ୍ଲାପାଳ, ପିଇଓଙ୍କ ମନମୁଖି କାର୍ଯ୍ୟକଳାପ ଯୋଗୁଁ ତାଙ୍କୁ କାରଣ ଦର୍ଶାଇବା ପାଇଁ କହିଥିଲେ । ସେହିପାରି ଡାବୁଗାଁର ବିଭିନ୍ନ ପଞ୍ଚାୟତରେ ଉକ୍ତ ଯୋଜନାରେ ହୋଇଥିବା କାର୍ଯ୍ୟ ଉପରେ ଅନିୟମିତତା ଓ ତାହାର କିପରି ଆଗାମୀ ଦିନରେ ବ୍ୟତିକ୍ରମ ହେବନାହିଁ ସେନେଇ ଆଲୋଚନା ହୋଇଥଲା। କାର୍ଯ୍ୟକ୍ରମକୁ ଜିଲ୍ଲା ସାମାଜିକ ଅଧିକାରୀ ବୈଭସୁତ ଚଲାଣ ସମସ୍ତ ସମସ୍ୟା ଉପରେ ଆଲୋଚନା କରିଥିଲେ।

## ସ୍ୱାମୀ ଲକ୍ଷ୍ମଣାନନ୍ଦ ହିନ୍ଦୁ ସୁରକ୍ଷା ପାଇଁ ଥିଲେ ପ୍ରେରଣାର ଉତ୍ସ

ହିଞ୍ଜିଳିକାଟୁ,(ନିପ୍ର): ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ,ପତଞ୍ଜଳି ଯୋଗୋଶାଖାର ବାର୍ଷିକ ଉତ୍ସବ ବିଶେଷ ଅବସରରେ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ଶତବାର୍ଷିକୀ ଜନ୍ମଜୟନ୍ତୀ ଓ ଜନ୍ମାଷ୍ଟମୀ ତିଥିର ବଳିଦାନ ଦିବସ ଉପଲକ୍ଷେ ସମର୍ପିତ ସ୍ୱୟଂସେବକ ଓ ଆଞ୍ଚଳିକ ସମାଜସେବୀ ବ୍ୟକ୍ତିବିଶେଷମାନଙ୍କ ଉପସ୍ଥିତିରେ ମହାନ୍ ସନ୍ଥ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ସ୍ମୃତିଚାରଣ ସଭା ସମେତ ସମୂହ ଦୀପଦାନ ଭଳି ସୁନ୍ଦର କାର୍ଯକ୍ରମ ଅନୁଷ୍ଠିତ କରାଯାଇଥିଲା । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ମହନ୍ତ ହରିହର ଦାସ ମହାରାଜ, ମୁଖ୍ୟ ବକ୍ତା ସୂର୍ଯ୍ୟ ନାରାୟଣ ପାଣିଗ୍ରାହି, ସମ୍ମାନିତ ଅତିଥି ପତଞ୍ଜଳି ଯୋଗ ଶାଖା କାର୍ଯ୍ୟବାହ ଉମାଚରଣ ପାଢୀ ଏବଂ ସମାଜସେବୀ ସନ୍ତୋଷ କୁମାର ସାବତ ପ୍ରମୁଖ ଯୋଗ ଦେଇ ସ୍ୱାମୀଜୀଙ୍କ ସେବା ଓ ସାଧନା ତଥା ହିନ୍ଦୁ ସମାଜ ଓ ହିନ୍ଦୁ ସୁରକ୍ଷା ପାଇଁ ସେ କିପରି ପ୍ରେରଣାର ଉତ୍ସ ଓ ମହତ୍ତ୍ୱପୂର୍ଣ୍ଣ ଥିଲେ ତାହା ଆଲୋଚନା କରାଯାଇଥିଲା । ସେ ବିଶ୍ୱ ହିନ୍ଦୁ ପରିଷଦର କେନ୍ଦ୍ରୀୟ ଦାୟିତ୍ୱ ନିର୍ବାହନ କରିବା ସମୟରେ ଓଡ଼ିଶାର କନ୍ଧମାଳ ଜିଲ୍ଲାରେ ଚାଲିଥିବା ବିଭିନ୍ନ ଧର୍ମାନ୍ତିକରଣର ପ୍ରବାହକୁ ନିଜ ଯୋଗସାଧନା ଓ ଆଧ୍ୟାତ୍ମିକତାର ଅପୂର୍ବ ବଳ ଦ୍ୱାରା ଦୃଢ ଦମନ କରିପାରିଥିଲେ। ଯେଉଁଥିପାଇଁ ସେ ଅନେକ ବାର ମରଣାନ୍ତକ ଆକ୍ରମଣର ଶିକାର ହେଇ ମଧ୍ୟ ସରଳ ହିନ୍ଦୁ ଆଦିବାସୀ ମାନଙ୍କୁ ମୌଳିକ ଧର୍ମ ବଜାୟ ରଖିବାରେ ସହାୟକ ହୋଇଥିଲେ ।

## ଖଣ୍ଡପଡ଼ା ବ୍ଲକରେ ବିଡିଓଙ୍କ ଜନଶୁଣାଣି ଶିବିର

କଣ୍ଟିଲୋ,(ନି.ପ୍ର): ନୟାଗଡ ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ଖଣ୍ଡପଡ଼ା ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ବିଡିଓ ଅଙ୍କୁର ଅଭିଳାଷଙ୍କ ଅଧ୍ୟକ୍ଷତାରେ ପ୍ରଥମ ଜନଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଜନଶୁଣାଣି ଶିବିର ଆରମ୍ଭ ହୋଇଥିଲା।ଶିବିରରେ ତହସିଲଦାର ବିଶ୍ୱବିଶ୍ରୁତ ତ୍ରିପାଠୀ,ଖଣ୍ଡପଡ଼ା ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଅଭିଷେକ ମିଶ୍ର,ପ୍ରାଣୀ ଚିକିତ୍ସାଧିକାରୀ ବିଶ୍ୱରଞ୍ଜନ ରାଉତ,ଗ୍ରାମ ପଞ୍ଚାୟତ ସଂପ୍ରସାରଣ ଅଧିକାରୀ ଅନିତ କୁମାର ବଡ଼ସେଟ୍ଟ,ଖଣ୍ଡପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସାଧିକାରୀ ଡ.ଅଭିସାର ପଣ୍ଡାଙ୍କ ସମେତ କୃଷି ବିଭାଗ,ଗ୍ରାମ୍ୟ ଉନ୍ନୟନ ବିଭାଗ,ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ,କ୍ଷୁଦ୍ର ଜଳସେଚନ ବିଭାଗ, ଜଳସେଚନ





ବିଭାଗ ସମେତ ବିଭିନ୍ନ ବିଭାଗରେ କାର୍ଯ୍ୟରତ ମୁଖ୍ୟ ଅଧିକାରୀ ଓ ବ୍ଲକ ପ୍ରଶାସନର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହି ଜନସାଧାରଣଙ୍କ ଅଭିଯୋଗ ଗୁଡିକ ଉପରେ ଶୁଣାଣି କରିଥିଲେ।ଶିବିରରେ ସର୍ବମୋଟ ୨୦ ଟି ଅଭିଯୋଗପତ୍ର ଗ୍ରହଣ କରାଯିବା ସହ ସମସ୍ତ ଅଭିଯୋଗର ଶୁଣାଣି କରାଯାଇଥିବା ବ୍ଲକ ପ୍ରଶାସନ ସୂତ୍ରରୁ ଜଣାପଡିଛି। ଖଣ୍ଡପଡା ବ୍ଲକ ଅଧୀନ ବିଭିନ୍ନ ପଞ୍ଚାୟତ ଓ ଖଣ୍ଡପଡା ସହରାଞ୍ଚଳରୁ ଅଭିଯୋଗକାରୀମାନେ ଶିବିରରେ ଉପସ୍ଥିତ ଥିଲେ। ପ୍ରକାଶଥାଉକି ନୟାଗଡ ଜିଲ୍ଲାପାଳ ମଧୁମିତା ରଥଙ୍କ ନିର୍ଦ୍ଦେଶକ୍ରମେ ସପ୍ତାହର ପ୍ରତ୍ୟେକ ସୋମବାର ଖଣ୍ଡପଡ଼ା ବ୍ଲକ ସମ୍ମିଳନୀ କକ୍ଷରେ ବିଡିଓଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଜନଶୁଣାଣୀ ଶିବିର ଅନୁଷ୍ଠିତ ହେବ ବୋଲି ପ୍ରଶାସନ ସୂତ୍ରରୁ ଜଣାପଡିଛି।

## ସ୍କୁଲକୁ ଯାଉଥିବାବେଳେ ଛାତ୍ରଙ୍କୁ ତୀର ମାରିଲା ଦୁର୍ବୃତ୍ତ,ଅଳ୍ପକେ ବର୍ତ୍ତିଲେ

ରେଢ଼ାଖୋଲ,(ନିପ୍ର): ବିଦ୍ୟାଳୟକୁ ପାଠ ପଢ଼ିବାକୁ ଯାଉଥିବା ଜଣେ ଚତୁର୍ଥ ଶ୍ରେଣୀ ନାବାଳକ ଛାତ୍ରଙ୍କୁ ପଛପଟୁ ତୀର ମାରି ହତ୍ୟା ଉଦ୍ୟମ ହୋଇଥିବା ଏକ ଲୋମହର୍ଷଣକାରୀ ଘଟଣା ସାମ୍ନାକୁ ଆସିଛି । ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ଉପଖଣ୍ଡ ନାକଟିଦେଉଳ ଥାନା କେଉଟବେର୍ଣ୍ଣି ଗାଁ ରେ ଘଟିଛି ଅଭାବନୀୟ ଘଟଣା। ଘରୁ ବାପାଙ୍କ ସାଙ୍ଗରେ ବାଇକ୍ ଯୋଗେ ସ୍କୁଲକୁ ଯାଉଥିବା ବେଳେ ଛାତ୍ରକୁ ତୀର ମାରିଥିଲା ଦୁର୍ବୃତ୍ତ । କିନ୍ତୁ ଭାଗ୍ୟବଶତଃ ଧରିଥିବା ସ୍କୁଲ ବ୍ୟାଗ ଯୋଗୁଁ ବର୍ତ୍ତିଗଲା ଛାତ୍ରଟିର ଜୀବନ ।

ସୂଚନା ଅନୁଯାୟୀ, କେଉଟବେର୍ଣ୍ଣି ଗ୍ରାମର ଅମୂଲ୍ୟ ଧଳଙ୍କ ପୁଅ ତଥା କେଉଟବେର୍ଣ୍ଣି ପ୍ରାଥମିକ ବିଦ୍ୟାଳୟର ୪ର୍ଥ ଶ୍ରେଣୀରେ ପାଠ ପଢୁଥିବା ଛାତ୍ର ସୌମ୍ୟରଞ୍ଜନ ଧଳ ବାପାଙ୍କ ସାଥିରେ ଏକ ମୋଟର ସାଇକେଲରେ ସ୍କୁଲକୁ ସ୍କୁଲ ଯାଉଥିବା ସମୟରେ ଜଣେ ଦୁର୍ବୃତ୍ତ ହଠାତ୍ ପଛପଟୁ ତୀର ମାରିଥିବା ସୂଚନା ମିଳିଛି। ତେବେ ଭାଗ୍ୟବଶତଃ ଛାତ୍ର ଜଣକ ସ୍କୁଲ ବ୍ୟାଗରେ ତୀର ବାଜି ଅଳ୍ପକେ ବଞ୍ଚିଯାଇଥିବା ବେଳେ ମାରିଥିବା ତୀରଟି ବ୍ୟାଗ୍‌ର ଗୋଟିଏ ପାର୍ଶ୍ୱରେ ଗଳି ବାହାରି ପଡିଥିବା ଦେଖିବାକୁ ମିଳିଛି । ଫଳରେ ଏକ ବଡ଼ଧରଣର ବିପଦରୁ ଛାତ୍ର ଜଣଙ୍କ ଜୀବନ ଅଳ୍ପକେ ବର୍ତ୍ତିଯାଇଛି । ଏନେଇ ନାକଟିଦେଉଳ ଥାନାରେ ଏକ ଲିଖିତ ମାମଲା ସୂତ୍ରରୁ ଜଣାପଡିଛି ଯେ ଗାଁର ମୁଚି ସାହୁ ଓ ଅମୂଲ୍ୟ ଧଳଙ୍କ ମଧ୍ୟରେ ପୂର୍ବରୁ ଶତ୍ରୁତା ଲାଗିରହିଛି ।




ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଏହି ଆକ୍ରମଣ ଘଟିଥିବା ନେଇ ଛାତ୍ରଟିର ବାପା ଅମୂଲ୍ୟ ଧଳ ଗ୍ରାମର ମୁଚି ସାହୁଙ୍କ ନାମରେ ଅଭିଯୋଗ କରିଛନ୍ତି । ଦିନବେଳେ ସ୍କୁଲ୍ ସମୟରେ ଏଭଳି ଆକ୍ରମଣ କାରଣରୁ ସ୍କୁଲର ଛାତ୍ରଛାତ୍ରୀ, ଶିକ୍ଷକ, ଗାଁ ଲୋକ ଏବଂ ଅଭିଭାବକଙ୍କ ମଧ୍ୟରେ କୋକୁଆ ଭୟ ସୃଷ୍ଟି ହୋଇଛି। ଘଟଣା। ସମ୍ପର୍କରେ ଖବର ପାଇ ନାକଟିଦେଉଳ ପୋଲିସ ତତକ୍ଷଣାତ୍ ପହଞ୍ଚି ପରିସ୍ଥିତି ଅନୁଧ୍ୟାନ କରିବା ସହ ତଦନ୍ତ କରି ସ୍କୁଲ ବ୍ୟାଗରେ ଲାଗିଥିବା ତୀର ଓ ଅଭିଯୋଗ ହୋଇଥିବା ବ୍ୟକ୍ତିଙ୍କୁ ଆଣି ପଚରାଉଚରା କରୁଥିବା ସୂଚନା ମିଳିଛି । ଘଟଣାର ତଦନ୍ତ ପରେ କେଉଁ କାରଣରୁ ଏଭଳି ତୀର ମରାଯାଇଛି ତଦନ୍ତ ପରେ ଜଣାପଡ଼ିବ ବୋଲି ପୋଲିସ କହିଛି ।

## ମନୁଷ୍ୟ -ହାତୀ ସହାବସ୍ଥାନ ପାଇଁ ସଚେତନତା ତାଲିମ

କେନ୍ଦୁଝର,(ନିପ୍ର): କେନ୍ଦୁଝର ସଦର ବ୍ଲକର ମୈଦାନକେଲ ପଂଚାୟତ, କେରି ଗ୍ରାମରେ ଆଜି ଏକ ଦିବସୀୟ 'ମନୁଷ୍ୟ -ହାତୀ ସହାବସ୍ଥାନ ଦକ୍ଷତା ବୃଦ୍ଧି ତାଲିମ ଅନୁଷ୍ଠିତ ହୋଇଯାଇଛି । କେନ୍ଦୁଝର ଡେଭଲପମେଣ୍ଟ ଟ୍ରଷ୍ଟ ଓ ଓଡିଶା ସରକାରଙ୍କ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର କେନ୍ଦୁଝର ବନଖଣ୍ଡ ମିଳିତ ସହଯୋଗରେ ଆୟୋଜିତ ତାଲିମରେ ବାନାରଖି ସୁଶ୍ରୀ ସୁଚିତ୍ରାସିନୀ ସାହୁ ଓ କେଡି ଟ୍ରଷ୍ଟ ପ୍ରତିଷ୍ଠାତା ପରିବେଶବିତ ଗଛ ମଣିଷ ଭକ୍ତ ବତ୍ସଳ ମହାନ୍ତି ତାଲିମ ପ୍ରଦାନକରି ଥିଲେ। ସଠିଆପଡା, ବଡ଼ପଶି, କେରି, ମୈଦାନକେଲ, ହରିହରପୁର, ବାସୁଦେବପୁର, ବାଘୁଆସାଇ, ଜଗନ୍ନାଥପୁର, ତଳପଦା ଓ ଛେମୁଡ଼ିବିଲ ଆଦି ଗ୍ରାମରୁ ୮୩ ଜଣ ଆଦିବାସୀ ଓ ବନବାସୀ ଭାଇ ଭଉଣୀ ଅଂଶ ଗ୍ରହଣ କରିଥିଲେ । ତାଲିମ ଦାତା ଭକ୍ତ ବତ୍ସଳ ମହାନ୍ତି ତାଲିମର ଆରମ୍ଭରେ ସମସ୍ତ ଅଂଶ ଗ୍ରହଣ କାରିଙ୍କୁ ହାତୀର ସୁରକ୍ଷା ଏବଂ ହାତୀ -ମଣିଷ ସହାବସ୍ଥାନ ପାଇଁ ଗଣ ଶପଥପାଠ କରାଇଥିଲେ । ସେ କହିଲେ ଛୁଆ ହାତୀ ମାନଙ୍କୁ ଛାଡି ଦେଲେ ବଡ଼ ହାତୀ ମାନେ ଠିଆହୋଇ ଶୋଇଥାନ୍ତି । ହାତୀ ପଲରେ ବଡ଼ ମାଈ



ହାତୀ ଦଳର ନେତୃତ୍ୱ ନେଇ ଥାଏ । ହାତୀ ଦିନକୁ ପ୍ରାୟ ୧୮ଘଣ୍ଟା ଖାଆନ୍ତି। ହାତୀପଲ ପଛରେ ଦନ୍ତା ହାତୀ ରହି ଥାଏ । ହାତୀ ଦୌଡ଼ାଇଲେ, ତା ଉପରକୁ ଗାମୁଛା, ଟିସାର୍ଟ, ନିଜ ପାଖରେ ଥିବା ଲୁଗାକୁ ହାତୀ ଆଗକୁ ଫୋପାଡ଼ିଦେଲେ, ତାର ନଜର ବଦଳିଯାଇ ଥାଏ । ହାତୀ ସବୁବେଳେ ତାର ଛାତି ଓ ପେଟକୁ ସୁରକ୍ଷା ଦେଇଥାଏ । ହାତୀ ଉପରୁ ତଳକୁ ଦୌଡ଼ି ପାରିବ ନାହିଁ । ହାତୀ ବୋବାଇଲେ, ଶୁଣ୍ଢ ଛାତି ଭିତରକୁ ନେଇ ଗଲେ, କୁଲା ଭଳି କାନ ନ ହଲାଇ ସ୍ଥିର କରିଦେଲେ, ଆଗ ଗୋଡ଼ରେ ମାଟି ରାମ୍ପୁଡ଼ିବାର ଲକ୍ଷଣ ଦେଖିଲେ ଜାଣିବା ହାତୀ ଆକ୍ରମଣ ପାଇଁ ପ୍ରସ୍ତୁତ ହେଉଛି । ଯେକୌଣସି ମୁହୂର୍ତ୍ତରେ ହାତୀ ଆକ୍ରମଣ କରିବ । ହାତୀ ଛୁଆ ଛୁଇଁଲେ, ମାଆ ହାତୀ ରାଗିଯାଏ ଏବଂ ଗୋଠରେ ହାତୀ ଛୁଆକୁ ନେଇ ନ ଥାଏ । ସବୁ ବେଳେ ହାତୀ ଠାରୁ ୨୦୦ ମିଟର ଦୂରେଇ ରହିବାକୁ ବୁଝାଇଥିଲେ। ରାତିରେ ହାତୀମାନଙ୍କୁ ନ ଖେଦିବା ପାଇଁ ପରାମର୍ଶ ଦେଇ ଥିଲେ । କେରିଗ୍ରାମ ଯୁବ ସମାଜସେବୀ ବେଣୁଧର ମହାନ୍ତ, କେଡ଼ି ଟ୍ରଷ୍ଟ ବିକାଶ ଅଧିକାରୀ ଭାଗିରଥି ମହାନ୍ତି, ପ୍ରଗତି ଫାଉଣ୍ଡେସନର ମନୋଜ କୁମାର ମହାନ୍ତ,ମାଇଁ ଭାରତ ସ୍ୱେଚ୍ଛାସେବୀ ସମୀର ପତ୍ର, ସିଆରପାଇଁ ହୈମବତୀ ମହାନ୍ତ, ବର୍ଷାରାଣୀ ମହାନ୍ତ, ରଞ୍ଜୁ ଲତା ମହାନ୍ତ ଏବଂ ଗଜସାଥି, ଅଙ୍ଗନୱାଡ଼ି କର୍ମୀ, ଆଶା ମାଆ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରି ଥିଲେ। ତାଲିମ ସମୟରେ 'ମନୁଷ୍ୟ -ହାତୀ ସହାବସ୍ଥାନ ମାର୍ଗଦର୍ଶିକା ବଣ୍ଟନ କରାଯାଇଛି । ବନ ବିଭାଗ ତରଫରୁ ଗୋବରଗ୍ୟାସ, ଉନ୍ନତ ଚୁଲା, ଶସ୍ୟ ସଂରକ୍ଷଣ ଡ୍ରମ ଆଦି ହିତାଧିକାରୀଙ୍କୁ ବଣ୍ଟନ କରାଯବ ବୋଲି ବନରକ୍ଷୀ କହିଥିଲେ ।

## ଆରାବଳୀ ପାହାଡ଼ ମାମଲା

# ନଭେମ୍ବର ୩୦ ସୁଦ୍ଧା ରିପୋର୍ଟ ଦେବାକୁ କମିଟିକୁ ନିର୍ଦ୍ଦେଶ ଦେଲେ ସିଜେଆଇ



ନୂଆଦିଲ୍ଲୀ,୭।୯: ଆରାବଳୀ ପାହାଡ଼ର ସଂଜ୍ଞା ନିରୂପଣ ନେଇ ଗଠିତ ହାଇ ପାୱାର୍ଡ କମିଟି ଉପରେ ଖପ୍ପା ସିଜେଆଇ ସୂର୍ଯ୍ୟକାନ୍ତ । ସମୟସୀମା ବୃଦ୍ଧି ଆବେଦନକୁ ସୁପ୍ରିମକୋର୍ଟଙ୍କ ସିଜେଆଇ ସୂର୍ଯ୍ୟକାନ୍ତ ସିଧାସଳଖ ପ୍ରତ୍ୟାଖ୍ୟାନ କରିବା ସହ ନିରାଶା ପ୍ରକାଶ କରିଛନ୍ତି । କମିଟି ଆଗାମୀ ୨୦୨୭ ଫେବୃଆରୀ ୨୮ ତାରିଖ ପର୍ଯ୍ୟନ୍ତ ସମୟସୀମା ବୃଦ୍ଧି ପାଇଁ ନିବେଦନ କରିଥିଲା, ଯାହାକୁ ଖାରଜ କରି ସିଜେଆଇ କହିଛନ୍ତି ଯେ ଏହା ତ ସିଧାସଳଖ ମୋ ଅବସର ପରର ତାରିଖ ମାଗିବା ଭଳି କଥା। ଯଦି କମିଟି କାର୍ଯ୍ୟ କରିବାକୁ ସକ୍ଷମ ନୁହେଁ, ତେବେ କୋର୍ଟ ଏକ ନୂଆ କମିଟି ଗଠନ କରିବେ ବୋଲି ସେ କଡ଼ା ଚେତାବନୀ ଦେଇଛନ୍ତି। ସୋମବାର ଏହି ମାମଲାର ଶୁଣାଣି ସମୟରେ ସିଜେଆଇ ସୂର୍ଯ୍ୟକାନ୍ତ, ଜଷ୍ଟିସ ଜୟମାଲ୍ୟ ବାଗଚୀ ଏବଂ ଜଷ୍ଟିସ ଭି. ମୋହନାଙ୍କ ବେଞ୍ଚ କମିଟିକୁ ଦିନରାତି କାମ କରି ଦୁଇ ମାସ ଅର୍ଥାତ ୨୦୨୬ ନଭେମ୍ବର ୩୦ ସୁଦ୍ଧା ଅନ୍ତିମ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ପୂର୍ବରୁ ଏହି ପ୍ୟାନେଲର ରିପୋର୍ଟ ଅଗଷ୍ଟ ୩୧ ସୁଦ୍ଧା ଦାଖଲ ହେବାର ଥିଲା। ଅରାବଳୀ ପାହାଡ଼ ଏବଂ ପର୍ବତମାଳାର ସଂଜ୍ଞା ନିରୂପଣ ଏବଂ ସୁରକ୍ଷା ସମ୍ପର୍କିତ ସମସ୍ୟାର ସମାଧାନ ପାଇଁ କୋର୍ଟଙ୍କ ନିର୍ଦ୍ଦେଶରେ ଏହି ବିଶେଷଜ୍ଞ ପ୍ୟାନେଲ ଗଠନ କରାଯାଇଥିଲା। ବେଞ୍ଚ୍ କମିଟିକୁ ନିର୍ଦ୍ଦେଶ ଦେଇଛନ୍ତି ଯେ ସେମାନେ ରାଜସ୍ଥାନ ଓ ଗୁଜରାଟର ଆଦିବାସୀ ସମ୍ପ୍ରଦାୟ ସମେତ ସମସ୍ତ ପକ୍ଷଙ୍କ ସହ ଆଲୋଚନା କରନ୍ତୁ ଏବଂ ଆବଶ୍ୟକ ସ୍ଥଳେ କିଛି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଅନ୍ତରୀଣ ରିପୋର୍ଟ ଦାଖଲ କରନ୍ତୁ, ଯାହାଦ୍ୱାରା କୋର୍ଟ ନିର୍ଦ୍ଦିଷ୍ଟ ପ୍ରଶ୍ନଗୁଡ଼ିକର ପୃଥକ ଭାବେ ସମାଧାନ କରିପାରିବେ। ମାମଲାର ପରବର୍ତ୍ତୀ ଶୁଣାଣି ୨୦୨୬ ଡିସେମ୍ବର ୨ ତାରିଖରେ ହେବ। ପ୍ରକାଶଯୋଗ୍ୟ ଯେ, ସିଜେଆଇ ସୂର୍ଯ୍ୟକାନ୍ତ ୨୦୨୫ ନଭେମ୍ବର ୨୪ରେ ଦାୟିତ୍ୱ ଗ୍ରହଣ କରିଥିଲେ ଏବଂ ୨୦୨୭ ଫେବୃଆରୀ ୯ରେ ଅବସର ଗ୍ରହଣ କରିବେ। ସିଜେଆଇ ସୂର୍ଯ୍ୟକାନ୍ତଙ୍କ ଅବସର ପରେ ଜଷ୍ଟିସ ବିକ୍ରମ ନାଥ ପରବର୍ତ୍ତୀ ପ୍ରଧାନ ବିଚାରପତି ହେବାର ସମ୍ଭାବନା ରହିଛି ।


## ବିଧାନସଭାରେ ଚେତାବନୀ ଦେଲେ ମୁଖ୍ୟମନ୍ତ୍ରୀ ବିଜୟ

# ମହିଳାଙ୍କ ବିରୋଧରେ ଅପମାନଜନକ ଭାଷାକୁ ସହ୍ୟ କରିବି ନାହିଁ



ଚେନ୍ନାଇ,୭।୯: ତାମିଲନାଡୁ ବିଧାନସଭା ଅଧିବେଶନ ସମୟରେ ସୋମବାର ମୁଖ୍ୟମନ୍ତ୍ରୀ ଯୋଶେଫ ବିଜୟ ବିରୋଧୀ ଦଳଗୁଡ଼ିକ ଉପରେ ବର୍ଷିଛନ୍ତି। ବିଜୟ ବିଧାନସଭାରେ କହିଛନ୍ତି, ଲୋକମାନେ ଆନ୍ନା, ଏମଜିଆର, ଏନଟିଆର ଏବଂ ବର୍ତ୍ତମାନ ବିଜୟଙ୍କ ଭଳି ନେତାଙ୍କୁ ଜନାଦେଶ ଦେଇଛନ୍ତି। ମହିଳାମାନେ ମୋ ବିଜୟର ମୁଖ୍ୟ କାରଣ ଏବଂ ମୁଁ ସେମାନଙ୍କ ବିରୋଧରେ ଅପମାନଜନକ ଭାଷାକୁ ସହ୍ୟ କରିବି ନାହିଁ। ରାଜନୈତିକ ସମାଲୋଚନା ତୀବ୍ର ହୋଇପାରେ, କିନ୍ତୁ ମହିଳାଙ୍କ ବିରୋଧରେ କୌଣସି ଅପମାନଜନକ ମନ୍ତବ୍ୟ ଦେବା ଉଚିତ୍ ନୁହେଁ। ସେ ଡିଏମକେ ବିରୋଧରେ ଗମ୍ଭୀର ଅଭିଯୋଗ ଆଣି କହିଛନ୍ତି, ପୂର୍ବତନ ମନ୍ତ୍ରୀ ସେନ୍ଥିଲ ବାଲାଜୀ ଏବଂ ତାଙ୍କ ସହଯୋଗୀମାନେ ତାମିଲନାଡୁ ରାଜ୍ୟ ମାର୍କେଟିଂ ନିଗମ(ଟାସମାକ୍)ର ପ୍ରତ୍ୟେକ ଦୋକାନରୁ ୧୦ ରୁ ୧୦୦ ଟଙ୍କା ପର୍ଯ୍ୟନ୍ତ ବଟି ଆଦାୟ କରୁଥିଲେ। ସେମାନେ କରୁର ଗ୍ୟାଙ୍ଗ ଭାବରେ ଜଣାଶୁଣା ଥିଲେ। ସେମାନେ ଯୋଜନାବଦ୍ଧ ଭାବରେ ଦୁର୍ନୀତି କରୁଥିଲେ। ଡିଏମକେ ଯେଉଁଠାରେ ରହିବ ସେଠାରେ ଖରାପ ହେବା ନିଶ୍ଚିତ। ଡିଏମକେ ମୋତେ ୩ଟି ବିଭାଗର ଫାଇଲ ଖୋଲିବାକୁ ଚ୍ୟାଲେଞ୍ଜ କରିଛି। ମୁଁ ଏ ବିଷୟରେ କହିଥିଲି ଯେ ଡିଏମକେ ସରକାର ସମୟରେ ଏଥିରେ ଦୁର୍ନୀତି ହୋଇଥିଲା। ତଥାପି, ଏହା ପୂର୍ବରୁ ମୁଁ ୧୯୮୮ ମସିହାରେ ଗଠିତ ସରକାରିଆ କମିସନର ରିପୋର୍ଟ ପଢ଼ିବାକୁ ଚାହୁଁଛି, ଯାହା ଡିଏମକେ ସରକାରଙ୍କ ଦୁର୍ନୀତି ଉପରେ ଗଠିତ ହୋଇଥିଲା। କମିସନ ଅଭିଯୋଗ କରିଥିଲେ ଯେ, ପୂର୍ବତନ ମୁଖ୍ୟମନ୍ତ୍ରୀ କରୁଣାନିଧି ମୁଖ୍ୟମନ୍ତ୍ରୀ ଭାବରେ ତାଙ୍କ ପଦବୀର ଅପବ୍ୟବହାର କରିଥିଲେ। ଇଡି ଏହା ମଧ୍ୟ ଅଭିଯୋଗ କରିଛି ଯେ, ଡିଏମକେ ଦଳୀୟ ପାଣ୍ଠି ମାଧ୍ୟମରେ ଦୁର୍ନୀତିରେ ଲିପ୍ତ ଥିଲା। ଇଡି କହିଛି ଯେ ପୂର୍ବ ସରକାରରେ ମୁଖ୍ୟମନ୍ତ୍ରୀ ଏମକେ ଷ୍ଟାଲିନ, ଉପମୁଖ୍ୟମନ୍ତ୍ରୀ ଉଦୟନିଧି ଷ୍ଟାଲିନ ଏବଂ ମନ୍ତ୍ରୀ ସେନ୍ଥିଲ ବାଲାଜୀ ଦଳୀୟ ପାଣ୍ଠି ନାମରେ ଟଙ୍କା ସଂଗ୍ରହ କରିଥିଲେ। ମୁଖ୍ୟମନ୍ତ୍ରୀ ବିଜୟ କହିଛନ୍ତି ଯେ ଜଣେ ଡିଏମକେ ନେତା କହିଥିଲେ ଯେ ଯେଉଁମାନେ ତାଙ୍କୁ ଭୋଟ ଦେଇ ନାହାଁନ୍ତି ସେମାନେ ମରିବା ଉଚିତ୍। ଏମାନେ ସେହି ଲୋକ ଯେଉଁମାନେ ତାଙ୍କୁ ୫୦ ବର୍ଷ ଧରି ଭୋଟ ଦେଇ ଆସୁଥିଲେ

## ଦକ୍ଷିଣ କୋରିଆକୁ ଇରାନର ଚେତାବନୀ




ନୂଆଦିଲ୍ଲୀ,୭।୯: ଆମେରିକା ଏବଂ ଇରାନ ମଧ୍ୟରେ ଜାରି ରହିଥିବା ଯୁଦ୍ଧ ଓ ଉତ୍ତେଜନା ମଧ୍ୟରେ ଇରାନ ଏବେ ଦକ୍ଷିଣ କୋରିଆକୁ ସ୍ପଷ୍ଟ ଚେତାବନୀ ଦେଇଛି । ଆମେରିକାର ଚାପରେ ଆସି ଇରାନ ବିରୋଧୀ ସାମରିକ କାର୍ଯ୍ୟାନୁଷ୍ଠାନ କିମ୍ବା ଉପସ୍ଥିତିକୁ ସମର୍ଥନ କଲେ ଏହାର ଗମ୍ଭୀର ପରିଣାମ ଭୋଗିବାକୁ ପଡ଼ିବ ବୋଲି ଇରାନ ଚେତାବନୀ ଦେଇଛି । ଇରାନ ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ଇସମାଇଲ ବାଘାଇ ସୋସିଆଲ ମିଡିଆରେ ଏକ ପୋଷ୍ଟ ସେୟାର କରି କହିଛନ୍ତି ଯେ ଇରାନ ଏବଂ କୋରିଆ ଗଣରାଜ୍ୟ (ଦକ୍ଷିଣ କୋରିଆ) ମଧ୍ୟରେ ୬୪ ବର୍ଷରୁ ଅଧିକ ସମୟର ପୁରୁଣା ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କ ରହିଛି, ଯାହା ପାରସ୍ପରିକ ସମ୍ମାନ ଆଧାରରେ ଗଢ଼ିଉଠିଛି। ତେବେ ବର୍ତ୍ତମାନର ସଙ୍କଟଜନକ ପରିସ୍ଥିତିରେ, ଯେତେବେଳେ ଇରାନୀ ଜନସାଧାରଣ ଆମେରିକୀୟ ଆକ୍ରମଣର ସମ୍ମୁଖୀନ ହେଉଛନ୍ତି, ସେତେବେଳେ ପାରସ୍ୟ ଉପସାଗର କିମ୍ବା ହର୍ମୁଜ୍ ପ୍ରଣାଳୀରେ ଅନ୍ୟ କୌଣସି ଦେଶର ସାମରିକ ଉପସ୍ଥିତି କିମ୍ବା ଅପରେସନକୁ ଆମେରିକାର ସିଧାସଳଖ ସମର୍ଥନ ଭାବେ ବିବେଚନା କରାଯିବ । ସେ ଆହୁରି ମଧ୍ୟ କହିଛନ୍ତି ଯେ କୌଣସି ସାର୍ବଭୌମ ଏବଂ ଦାୟିତ୍ୱବାନ ରାଷ୍ଟ୍ର ଆମେରିକାର ଚାପ ଏବଂ ଧମକ ନିକଟରେ ମୁଣ୍ଡ ନନୁଆଁଇ ଇରାନ ବିରୋଧୀ ଅପରାଧ ଓ ଆକ୍ରମଣାତ୍ମକ କାର୍ଯ୍ୟରୁ ଦୂରେଇ ରହିବା ଉଚିତ । ଅନ୍ୟପଟେ, ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇରାନକୁ ସାହାଯ୍ୟ କରୁଥିବା କିମ୍ବା ସମର୍ଥନ ଦେଉଥିବା ଦେଶଗୁଡ଼ିକ ଉପରେ ଚାପ ପକାଇବା ସହ ସେମାନଙ୍କୁ ଭାରୀ କ୍ଷତି ସହିବାକୁ ପଡ଼ିବ ବୋଲି ପୂର୍ବରୁ ଚେତାବନୀ ଦେଇସାରିଛନ୍ତି। ଏହି ପରିପ୍ରେକ୍ଷୀରେ ଇରାନର ଏହି ବକ୍ତବ୍ୟ ଅନ୍ତର୍ଜାତୀୟ ସ୍ତରରେ ସାମରିକ ଓ କୂଟନୈତିକ ଉତ୍ତେଜନାକୁ ଆହୁରି ବୃଦ୍ଧି କରିଛି ।

## ନେପାଳ ବନ୍ୟା: ମୃତ୍ୟୁ ସଂଖ୍ୟା ୧୩୫୫କୁ ବୃଦ୍ଧି

କାଠମାଣ୍ଡୁ,୭।୯: ନେପାଳର ପ୍ରଳୟଙ୍କରୀ ବନ୍ୟାରେ ମୃତ୍ୟୁ ସଂଖ୍ୟା ୧୩୫୫କୁ ବୃଦ୍ଧି ପାଇଛି। ପ୍ରାୟ ୫ ହଜାର ଏବେ ବି ନିଖୋଜ ଅଛନ୍ତି । ସେପଟେ ୧୩ ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କୁ ସୁରକ୍ଷିତ ଉଦ୍ଧାର କରାଯାଇଛି। ନେପାଳ ସରକାରଙ୍କ ସୂଚନା ମୁତାବକ, ବିଭିନ୍ନ ସ୍ଥାନରୁ ଅଚିହ୍ନା ମୃତଦେହ ଓ ଶରୀରର ଅବଶେଷ ସମେତ ମୋଟ ୧,୩୫୫ଟି ମୃତଦେହ ଉଦ୍ଧାର କରାଯାଇଛି। ଯେଉଁଥିରୁ ୯୮ଟି ମୃତଦେହ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି। ବନ୍ୟା ପ୍ରକୋପରେ ପ୍ରାୟ ୪,୯୯୬ ଜଣ ନିଖୋଜ ଥିବା ସୂଚନା ମିଳିଛି। ସେଥିବାରୁ ବିଦେଶୀ ନାଗରିକ ସଂଖ୍ୟା ରହିଛି ୫୮୯ । ଏହାସହ ପ୍ରାୟ ୧୦୦ ଜଣ ସୁରକ୍ଷା କର୍ମୀ ଓ ସରକାରୀ ଅଧିକାରୀ ନିଖୋଜ ଅଛନ୍ତି । ବିଭିନ୍ନ ଅଞ୍ଚଳରେ ଆହତ ହୋଇଥିବା ୬,୬୭୨ ଜଣ ଲୋକଙ୍କୁ ଚିକିତ୍ସା ଯୋଗାଇ ଦିଆଯାଉଛି । ବନ୍ୟା ପ୍ରଭାବିତ ଅଞ୍ଚଳରେ ଜୀବନ ରକ୍ଷା ପାଇଁ ବଡ଼ ଧରଣର ଅପରେସନ ଜାରି ରହିଛି ।

## ଫ୍ରିଜରୁ ମିଳିଲା ମହିଳାଙ୍କ କଟା ମୁଣ୍ଡ, ସ୍ୱାମୀ ଗିରଫ



ଗୁଆହାଟୀ,୭।୯: ଗୁଆହାଟୀରେ ଅତି ଭୟଙ୍କର କାଣ୍ଡ ଘଟିଛି। ଜଣେ ୨୫ ବର୍ଷୀୟା ମହିଳାଙ୍କ ମୃତଦେହ ତାଙ୍କ ଆପାର୍ଟମେଣ୍ଟ ଘରୁ ମିଳିଛି। ଉକ୍ତ ମହିଳା ଜଣକ ଗତ କିଛି ମାସ ତଳେ ବିବାହ କରିଥିଲେ। ତାଙ୍କ ସ୍ୱାମୀ ତାଙ୍କୁ ହତ୍ୟା କରି ତାଙ୍କ ମର ଶରୀରକୁ ଏହି ଘରେ ରଖିବା ସହ ତାଙ୍କ ମୁଣ୍ଡକୁ କାଟି ଫ୍ରିଜରେ ରଖିଥିଲା। ଅଙ୍ଗୁଳିଗୁଡ଼ିକ ବି ସେ କାଟି ଦେଇଥିଲା। ତେବେ ୨ ଦିନ ପର୍ଯ୍ୟନ୍ତ ପାଖ ପଡ଼ୋଶୀ ଉଭୟ ମହିଳା ଓ ତାଙ୍କ ସ୍ୱାମୀଙ୍କୁ ଘରୁ ବାହାରକୁ ନ ବାହାରିବା ଦେଖି ପୁଲିସରେ ଜଣାଇଥିଲେ। ସେମାନେ ମଧ୍ୟ ଦମ୍ପତିଙ୍କୁ ଫୋନ୍ ଲଗାଇଥିଲେ କିନ୍ତୁ ସେମାନଙ୍କ ଫୋନ୍ ଲାଗିନଥିଲା। ଘରୁ ପଚା ଗନ୍ଧ ବାହାରିବା ପରେ ସେମାନେ ପୁଲିସରେ ଜଣାଇଥିଲେ। ପୁଲିସ ଆପାର୍ଟମେଣ୍ଟରେ ପହଞ୍ଚିବାପରେ ଘର କବାଟ ଭାଙ୍ଗି ମହିଳାଙ୍କ ମର ଶରୀର ପାଇଥିଲା। ମର ଶରୀରଟି ପଚି ଆସିବା ସହ ଅଙ୍ଗୁଳିଗୁଡ଼ିକ ଅଧା କଟିଥିଲା। ତାଙ୍କ ମୁଣ୍ଡ ନ ଥିଲା। ପୁଲିସ ପରେ ଘରେ ଥିବା ଫ୍ରିଜରେ ଏକ ପଲିଥିନରୁ ମହିଳାଙ୍କ ମୁଣ୍ଡ ପାଇଥିଲା। ମହିଳାଙ୍କୁ ରିୟା ତାଲୁକ୍‌ଦାର ଭାବେ ଚିହ୍ନଟ କରାଯାଇଛି। ମହିଳାଙ୍କ ସ୍ୱାମୀ ରାମାନୁଜନ ଗୋସ୍ୱାମୀ ପ୍ରଥମେ ଫେରାର୍ ଥିଲା। ତେବେ ରବିବାର ସେ ପୁଲିସ ନିକଟରେ ଆତ୍ମସମର୍ପଣ କରିଛି। ପୁଲିସ ଏହି ଘଟଣାରେ ଅଧିକ ତଦନ୍ତ ଜାରି ରଖିବା ସହ ଅଭିଯୁକ୍ତ ସ୍ୱାମୀଙ୍କୁ ଜେରା କରୁଛି।

## ପାକିସ୍ତାନରେ ସଡ଼କ ଦୁର୍ଘଟଣା: ୧୬ ମୃତ

ନୂଆଦିଲ୍ଲୀ,୭।୯ : ପାକିସ୍ତାନର ପଞ୍ଜାବ ଓ ସିନ୍ଧ ପ୍ରଦେଶରେ ଘଟିଥିବା ଦୁଇଟି ପୃଥକ୍ ସଡ଼କ ଦୁର୍ଘଟଣାରେ ୧୬ ଜଣଙ୍କର ପ୍ରାଣହାନି ଘଟିଥିବା ବେଳେ ୭୦ରୁ ଅଧିକ ଲୋକ ଗୁରୁତର ଆହତ ହୋଇଛନ୍ତି । ସୋମବାର ସ୍ଥାନୀୟ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଏହି ସୂଚନା ଦିଆଯାଇଛି । ଲାହୋରଠାରୁ ପ୍ରାୟ ୬୦୦ କିଲୋମିଟର ଦୂର ରହିମ୍ ୟାର୍ ଖାନ୍ ଜିଲ୍ଲାର ସର୍ଦ୍ଦାର ଗଡ଼ ଅଞ୍ଚଳରେ ଏକ ବାହାଘର ଯାତ୍ରୀଙ୍କୁ ନେଇ ଯାଉଥିବା ଟ୍ରାକ୍ଟର ଟ୍ରଲିକୁ ଦ୍ରୁତଗାମୀ ଟ୍ରେଲର ଧକ୍କା ଦେଇଥିଲା । ଏହି ଦୁର୍ଘଟଣାରେ ୭ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୫୦ରୁ ଊର୍ଦ୍ଧ୍ୱ ଲୋକ ଆହତ ହୋଇଛନ୍ତି । ଆହତମାନଙ୍କୁ ଶେଖ ଜାୟେଦ୍ ମେଡିକାଲ କଲେଜ ହସ୍ପିଟାଲରେ ଭର୍ତ୍ତି କରାଯାଇଛି, ଯେଉଁଥିରୁ ୫ ଜଣଙ୍କ ଅବସ୍ଥା ଅତ୍ୟନ୍ତ ସଙ୍କଟାପନ୍ନ ରହିଛି । ଦ୍ୱିତୀୟ ଦୁର୍ଘଟଣାଟି ସିନ୍ଧ ପ୍ରଦେଶର ଜାକୋବାବାଦ ଜିଲ୍ଲାରେ ଘଟିଛି । ଲାହୋର ଅଭିମୁଖେ ଯାଉଥିବା ଏକ ଯାତ୍ରୀବାହୀ ବସ୍ ଦ୍ରୁତ ଗତି ଯୋଗୁଁ ନିୟନ୍ତ୍ରଣ ହରାଇ ରାସ୍ତାକଡ଼ ଗଛକୁ ପିଟି ହୋଇଯାଇଥିଲା । ଏହି ଦୁର୍ଘଟଣାରେ ୯ ଜଣଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଥିବା ବେଳେ ୨୦ରୁ ଅଧିକ ଆହତ ହୋଇଛନ୍ତି । ସ୍ଥାନୀୟ ହସ୍ପିଟାଲରେ ଚିକିତ୍ସିତ ଆହତଙ୍କ ମଧ୍ୟରୁ ୪ ଜଣଙ୍କ ଅବସ୍ଥା ଗୁରୁତର ଥିବା ଜଣାପଡ଼ିଛି ।

## ଦିଲ୍ଲୀ କୋଠା ଭୁଶୁଡ଼ିବା ଘଟଣା

# ପିଜି ମାଲିକ ରାଜସ୍ଥାନରୁ ଗିରଫ, ଦିଲ୍ଲୀ ମହାନଗର ନିଗମର ୫ ଅଧିକାରୀ ନିଲମ୍ବିତ



ନୂଆଦିଲ୍ଲୀ,୭।୯: ଦିଲ୍ଲୀର ସତ୍ୟ ନିକେତନ ଅଞ୍ଚଳରେ ରବିବାର ଅପରାହ୍ଣରେ ୫ ମହଲା କୋଠା ଭୁଶୁଡ଼ି ପଡ଼ିବା ଯୋଗୁ ୭ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ଅନେକ ଆହତ ହୋଇ ଚିକିତ୍ସିତ ହେଉଛନ୍ତି। ଭୁଶୁଡ଼ି ପଡ଼ିଥିବା ପିଜି (ପେୟିଂ ଗେଷ୍ଟ) ହଷ୍ଟେଲମାଲିକ ହରିରାମ ଗୁପ୍ତାଙ୍କୁ ଦିଲ୍ଲୀ ପୁଲିସ ସୋମବାର ରାଜସ୍ଥାନର ଭିୱାଡିରୁ ଗିରଫ କରିଛି। ଦିଲ୍ଲୀ ପୁଲିସ ପୂର୍ବରୁ ହରିରାମ ଗୁପ୍ତା ଓ ଅନ୍ୟମାନଙ୍କ ବିରୋଧରେ କୋଠା ଭୁଶୁଡ଼ିବା ଘଟଣାରେ ଏତଲା ରୁଜୁ କରିଥିଲା। ଅଭିଯୁକ୍ତଙ୍କ ନାଁରେ ହତ୍ୟା, କୋଠାର ରକ୍ଷଣାବେକ୍ଷଣରେ ଅବହେଳା ଓ ଅନ୍ୟମାନଙ୍କ ଜୀବନକୁ ବିପଦରେ ପକାଇବା ଭଳି ଧାରାରେ ଅଭିଯୋଗ ରହିଛି। ଦିଲ୍ଲୀ ପୁଲିସ ହଷ୍ଟେଲ ମାଲିକଙ୍କୁ ଧରିବାକୁ ୧୦ଟି ଟିମ୍ ଗଠନ କରିଥିଲା। ଏହାସହିତ କୋଠା ମାଲିକଙ୍କ ନାଁରେ ଲୁକ୍ ଆଉଟ୍ ନୋଟିସ ମଧ୍ୟ ଜାରି ହୋଇଥିଲା। ଦିଲ୍ଲୀ ମହାନଗର ନିଗମ (ଏମସିଡି) ସୋମବାର ଦକ୍ଷିଣ ଜୋନ୍ ଡେପୁଟି କମିସନର ରାକେଶ କୁମାର, ଦକ୍ଷିଣ ଜୋନର ଅଧୀକ୍ଷଣ ଯନ୍ତ୍ରୀ ରଣବୀର ସିଂହ, କାର୍ଯ୍ୟନିର୍ବାହୀ ଯନ୍ତ୍ରୀ (କୋଠା) ଲଳିତ କୁମାର ଗୋଏଲ, ସହକାରୀ ଯନ୍ତ୍ରୀ (କୋଠା) ସୁନୀଲ ଚୌହାନ ଓ କନିଷ୍ଠ ଯନ୍ତ୍ରୀ (କୋଠା) ଆଶିଷ କୁମାରଙ୍କୁ ନିଲମ୍ବନ କରିଛି।

### ଦିଲ୍ଲୀର ସବୁ ପିଜି ହଷ୍ଟେଲରେ ଯାଞ୍ଚ କରିବାକୁ ହାଇକୋର୍ଟଙ୍କ ନିର୍ଦ୍ଦେଶ

ନୂଆଦିଲ୍ଲୀ,୭।୯: ଦକ୍ଷିଣ ଦିଲ୍ଲୀର ସତ୍ୟ ନିକେତନରେ ରବିବାର ଏକ ୫ ମହଲା କୋଠା ଭୁଶୁଡ଼ି ୭ ଜଣଙ୍କ ମୃତ୍ୟୁ ଘଟଣାକୁ ନେଇ ଦିଲ୍ଲୀ ହାଇକୋର୍ଟ କଠୋର ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ସୋମବାର ମାମଲାର ଶୁଣାଣି କରି ହାଇକୋର୍ଟ ଦିଲ୍ଲୀ ନଗର ନିଗମ (ଏମସିଡି)କୁ ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରିବାକୁ କହିଛନ୍ତି। ଭୁଶୁଡ଼ିଥିବା କୋଠା ଆବଶ୍ୟକ ଅନୁମତି ନେଇ ନିର୍ମାଣ ହୋଇଥିଲା କି ନାହିଁ, ତାହା ଯାଞ୍ଚ କରିବା ସହ ନିୟମ ଉଲ୍ଲଂଘନ ହୋଇଥିଲେ ଦାୟୀ ଅଧିକାରୀଙ୍କ ଉତ୍ତରଦାୟିତ୍ୱ ଧାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହି ମାମଲାରେ ସତ୍ୟ ନିକେତନର ପେଇଂ ଗେଷ୍ଟ୍ (ପିଜି) ବ୍ୟବସ୍ଥା ଉପରେ ମଧ୍ୟ ହାଇକୋର୍ଟ ପ୍ରଶ୍ନ ଉଠାଇଛନ୍ତି। ଦିଲ୍ଲୀର ସମସ୍ତ ପିଜି ହଷ୍ଟେଲର ଯାଞ୍ଚ କରି ସେଗୁଡ଼ିକର ନିର୍ମାଣ ନିୟମ ଓ ଅନୁମତି ଅନୁସାରେ ହୋଇଛି କି ନାହିଁ, ତାହାର ରିପୋର୍ଟ ଦେବାକୁ ଏମସିଡିକୁ କୁହାଯାଇଛି। ଏହାସହ ପିଜିରେ କେତେ ଛାତ୍ର ରହୁଛନ୍ତି, ସେ ସମ୍ପର୍କିତ ତଥ୍ୟ ମଧ୍ୟ ମଗାଯାଇଛି। ଶୁଣାଣି ବେଳେ ଅଦାଲତ କହିଛନ୍ତି, ଛାତ୍ରମାନେ ଫ୍ଲାଟ୍ ଭଡ଼ା ନେଇ ମଧ୍ୟ ରହୁଛନ୍ତି। ତେଣୁ କେଉଁ ଭଡ଼ା ଘର ପିଜି ଭାବେ ବ୍ୟବହାର ହେଉଛି, ତାହା କିପରି ଚିହ୍ନଟ କରାଯିବ ବୋଲି କୋର୍ଟ ପ୍ରଶ୍ନ କରିଛନ୍ତି। ପିଜି ପାଇଁ ନିର୍ଦ୍ଦିଷ୍ଟ ନିୟମ ନ ଥିଲେ ସରକାର ତାହା ପ୍ରସ୍ତୁତ କରିବା ଉଚିତ ବୋଲି କୋର୍ଟ କହିଛନ୍ତି। ପିଜିର ଆକାର, ବିଦ୍ୟୁତ୍ ବ୍ୟବସ୍ଥା ଓ ସୁରକ୍ଷା ଭଳି ବିଷୟରେ ନିୟମ ରହିବା ଆବଶ୍ୟକ ବୋଲି ଅଦାଲତ ମତ ଦେଇଛନ୍ତି। ଅନୁମତିଠାରୁ ଅଧିକ ମହଲା ନିର୍ମାଣ କରାଯାଉଥିବା ନେଇ ମଧ୍ୟ କୋର୍ଟ ଚିନ୍ତା ପ୍ରକାଶ କରିଛନ୍ତି। ୨ ମହଲା ପାଇଁ ଅନୁମତି ନେଇ ୭ ମହଲା ନିର୍ମାଣ କରାଯିବା ଭଳି ଅଭିଯୋଗ ଯଦି ସତ ହୁଏ, ତେବେ ଏପରି ଅନିୟମିତତା ଦୁର୍ଘଟଣାର କାରଣ ହୋଇପାରେ। ଦେଶର ବିଭିନ୍ନ ସ୍ଥାନରୁ ଉଚ୍ଚଶିକ୍ଷା ପାଇଁ ଦିଲ୍ଲୀ ଆସୁଥିବା ଯୁବକଯୁବତୀଙ୍କ ପାଇଁ ଅଧିକ ହଷ୍ଟେଲ୍ ନିର୍ମାଣ ଉପରେ ନିବେଶ କରିବା ଦେଶର ଭବିଷ୍ୟତ ପାଇଁ ନିବେଶ ସଦୃଶ ବୋଲି ଅଦାଲତ କହିଛନ୍ତି। ସରକାରଙ୍କ ପକ୍ଷରୁ ଛାତ୍ରାବାସ ସୁବିଧା ବଢ଼ାଇବା ପାଇଁ ସଲିସିଟର ଜେନେରାଲ୍‌ଙ୍କୁ କେନ୍ଦ୍ର ସରକାରଙ୍କ ନିକଟରେ ବିଷୟ ଉଠାଇବାକୁ କୁହାଯାଇଛି। ଘଟଣା ନେଇ କେନ୍ଦ୍ର, ଦିଲ୍ଲୀ ସରକାର, ଏମସିଡି ଓ ଜାତୀୟ ମାନବାଧିକାର କମିସନ୍ (ଏନ୍‌ଏଚ୍‌ଆର୍ସି)ଠାରୁ ରିପୋର୍ଟ ମଗାଯାଇଛି। ଉଦ୍ଧାର କାର୍ଯ୍ୟକୁ ଦୁଇଗୁଣ କରି ଅଧିକ ଜୀବନ ବଞ୍ଚାଇବାକୁ କୋର୍ଟ ଆଶା ପ୍ରକାଶ କରିଛନ୍ତି। ଏହି ମାମଲାର ପରବର୍ତ୍ତୀ ଶୁଣାଣି ସେପ୍ଟେମ୍ବର ୨୬ରେ ହେବ।

## ଚେନ୍ନାଇରେ ବିମାନର ଜରୁରୀକାଳୀନ ଅବତରଣ: ଅଳ୍ପକେ ବର୍ତ୍ତିଗଲେ ୧୮୬ ଯାତ୍ରୀ

ନୂଆଦିଲ୍ଲୀ,୭।୯: କୁଆଲାଲମ୍ପୁରରୁ ଚେନ୍ନାଇ ଅଭିମୁଖେ ଆସୁଥିବା ମାଲେସିଆ ଏୟାରଲାଇନ୍ସର ବିମାନ ଏମଏଚ ୦୧୫୬ ଏକ ବଡ଼ ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତି ଯାଇଛି। ମଝି ଆକାଶରେ ବିମାନର ଦ୍ୱିତୀୟ ଇଞ୍ଜିନରେ ଯାନ୍ତ୍ରିକ ତ୍ରୁଟି ଦେଖାଦେବାରୁ ବିମାନଟିକୁ ଜରୁରୀକାଳୀନ ଅବତରଣ କରାଯାଇଛି। ଏହି ବିମାନରେ ମୋଟ ୧୮୬ ଜଣ ଯାତ୍ରୀ ଥିଲେ। ସୂଚନା ଅନୁଯାୟୀ, ବିମାନଟି ଆକାଶରେ ଥିବା ସମୟରେ ହଠାତ୍ ଏହାର ଦ୍ୱିତୀୟ ଇଞ୍ଜିନରେ ବୈଷୟିକ ତ୍ରୁଟି ଦେଖାଦେଇଥିଲା। ପାଇଲଟ୍ ବିପଦକୁ ଅନୁଭବ କରି ତୁରନ୍ତ ଚେନ୍ନାଇ ବିମାନବନ୍ଦର କର୍ତ୍ତୃପକ୍ଷଙ୍କ ସହ ଯୋଗାଯୋଗ କରିଥିଲେ। ପରିସ୍ଥିତିର ଗମ୍ଭୀରତାକୁ ଦୃଷ୍ଟିରେ ରଖି ବିମାନବନ୍ଦରରେ ହାଇ-ଆଲର୍ଟ ଜାରି କରାଯାଇଥିଲା। ରନୱେ ନିକଟରେ ଆମ୍ବୁଲାନ୍ସ, ଅଗ୍ନିଶମ ବାହିନୀ ଏବଂ ସିଆଇଏସଏଫ ଟିମକୁ ପ୍ରସ୍ତୁତ ରଖାଯାଇଥିଲା।

## ୧.୧୦ ଲକ୍ଷ କୋଟି ଟଙ୍କାର ପ୍ରତିରକ୍ଷା କ୍ରୟକୁ ମଞ୍ଜୁରି



ନୂଆଦିଲ୍ଲୀ,୭।୯: ଭାରତ ନିଜର ସାମରିକ ଶକ୍ତିକୁ ଆହୁରି ମଜବୁତ କରିବା ପାଇଁ ଏକ ବଡ଼ ପଦକ୍ଷେପ ନେଇଛି। ପ୍ରତିରକ୍ଷା ମନ୍ତ୍ରଣାଳୟ ସେନା, ନୌସେନା ଏବଂ ବାୟୁସେନା ପାଇଁ ପ୍ରାୟ ୧.୧୦ ଲକ୍ଷ କୋଟି ମୂଲ୍ୟର ପ୍ରତିରକ୍ଷା କ୍ରୟ ପ୍ରସ୍ତାବକୁ ଅନୁମୋଦନ କରିଛି। ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହଙ୍କ ଅଧ୍ୟକ୍ଷତାରେ ପ୍ରତିରକ୍ଷା ଅଧିଗ୍ରହଣ ପରିଷଦ (DAC) ଏହି ପ୍ରସ୍ତାବଗୁଡ଼ିକୁ ଆକ୍ସେପଟାନ୍ସ ଅଫ୍ ନେସେସିଟି (AoN) ଅର୍ଥାତ ନୀତିଗତ/ପ୍ରାଥମିକ ପ୍ରଶାସନିକ ଅନୁମୋଦନ ଦିଆଯାଇଛି। ଏହି ନିଷ୍ପତ୍ତିର ଲକ୍ଷ୍ୟ ତିନି ସଶସ୍ତ୍ର ବାହିନୀର ଯୁଦ୍ଧ କ୍ଷମତା, ନିରୀକ୍ଷଣ, ଗତିଶୀଳତା ଏବଂ ଆଧୁନିକ ଯୁଦ୍ଧ ପ୍ରସ୍ତୁତିକୁ ସୁଦୃଢ଼ କରିବା। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଏହି କ୍ରୟର ପ୍ରାୟ ୯୮ ପ୍ରତିଶତ ଭାରତୀୟ ଶିଳ୍ପରୁ କରାଯିବାକୁ ଲକ୍ଷ୍ୟ ରଖାଯାଇଛି। ଏହାର ଅର୍ଥ ହେଉଛି ଏହି ପ୍ରମୁଖ ପ୍ରତିରକ୍ଷା ପ୍ୟାକେଜ ଦେଶର ପ୍ରତିରକ୍ଷା ଉତ୍ପାଦନ ଶିଳ୍ପକୁ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଲାଭ ଦେବ ବୋଲି ଆଶା କରାଯାଉଛି। ସେନା ପାଇଁ ବହୁ ଗୁରୁତ୍ୱପୂର୍ଣ୍ଣ ଉପକରଣ କିଣିବାକୁ ମଞ୍ଜୁରି ଦିଆଯାଇଛି। ଏଥିରେ କେମିକାଲ, ବାୟୋଲୋଜିକାଲ, ରେଡିଓଲଜିକାଲ ଓ ନ୍ୟୁକ୍ଲିୟର ରିକନସ୍ଟେ ବାହନ, ହାଇ ମୋବିଲିଟି ଭେଇକିଲ, ସେଲଫ୍-ପ୍ରିପେଡ୍ ମେକାନିକାଲ ମାଇନ୍ ଲେୟାର, ଆଡଭାନ୍ସଡ ଲାଇଟ୍ ହେଲିକପ୍ଟର, ଟ୍ରଲ୍ ଟ୍ୟାଙ୍କ ଓ ସର୍ବତ୍ର ବ୍ରିଜ୍ ସିଷ୍ଟମ ସାମିଲ ରହିଛି। ସିବିଆରଏନ୍ ବାହନ ଏଭଳି ଅଞ୍ଚଳ ବିଷୟରେ ଜାଣିବା ପାଇଁ ଓ ନଜର ରଖିବାରେ ସାହାଯ୍ୟ କରିବ। ସେନାର ମୋବିଲିଟି ଓ ଲଜିଷ୍ଟିକକୁ ଭଲ କରିପାରିବ। ଭାରତୀୟ ନୌସେନା ପାଇଁ ଅରୁନ୍ଧ୍ରା ରାଡାର କିଣିବାର ମଞ୍ଜୁରୀ ମିଳିଛି। ଏହି ରାଡାର ବିଭିନ୍ନ ନାଭାଲ ଏୟାର ଷ୍ଟେସନ୍ସ ଉପରେ ବ୍ୟବହାର ହେଉଥିବା ପୁରୁଣା ଏୟାର ରୁଟ୍ ସର୍ଭିଲାନ୍ସ ରାଡାରର ସ୍ଥାନ ନେବ।

## ପଶ୍ଚିମବଙ୍ଗରେ ମହାଷ୍ଟମୀ ଦିନ ମଦ ବନ୍ଦ

କୋଲକାତା,୭।୯: ଚଳିତ ବର୍ଷ ଦୁର୍ଗା ପୂଜାରେ ପଶ୍ଚିମବଙ୍ଗରେ ମହାଷ୍ଟମୀ ଦିନ ମଦ ନିଷିଦ୍ଧ ହେବ। ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀ ମହାଷ୍ଟମୀ ଦିନ ମଦ ବିକ୍ରି ସମ୍ପୂର୍ଣ୍ଣ ନିଷିଦ୍ଧ ହେବ ବୋଲି ଘୋଷଣା କରିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି, ଦୁର୍ଗା ପୂଜା ଦିନ ଶ୍ରଦ୍ଧାଳୁମାନେ ମା' ଦୁର୍ଗାଙ୍କୁ ପୁଷ୍ପାଞ୍ଜଳି ଦେଉଥିବାବେଳେ ସମସ୍ତ ମଦ ଦୋକାନ ଏବଂ ବାର୍ ବନ୍ଦ ରହିବା ଉଚିତ। ଅଷ୍ଟମୀ ଦିନ ମଦ ବିକ୍ରି ହେବନାହିଁ। ଉଲ୍ଲେଖଯୋଗ୍ୟ ପଶ୍ଚିମବଙ୍ଗରେ ନୂଆ ସରକାର ଆଗାମୀ ଦୁର୍ଗା ପୂଜା ଉତ୍ସବ ପାଇଁ କେତେକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଘୋଷଣା କରିଥିବାବେଳେ ଆଜି ପୁଣି ମହାଷ୍ଟମୀରେ ମଦ ବନ୍ଦ ହେବ ବୋଲି ଘୋଷଣା କରାଯାଇଛି। ସେହିପରି ମୂର୍ତ୍ତି ବିସର୍ଜନ ସମୟରେ ଡିଜେ ମ୍ୟୁଜିକ୍ ବାଜି ପାରିବନି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

## ମୁଁ ଶିକ୍ଷିତ ଅଞ୍ଚଳ ଅପେକ୍ଷା ଅପରାଧିକ ଅଞ୍ଚଳରୁ ଅଧିକ ଭୋଟ୍ ପାଇଛି: ନୀତିନ ଗଡକରୀ



ନୂଆଦିଲ୍ଲୀ,୭।୯ : ପ୍ରାୟତଃ ନିଜର ସ୍ୱଷ୍ଟବାଦୀତା ପାଇଁ ଶିରୋନାମା ପାଲଟିଥିବା କେନ୍ଦ୍ରମନ୍ତ୍ରୀ ନୀତିନ ଗଡକରୀ ଏବେ ପୁଣି ଚର୍ଚ୍ଚାରେ ଅଛନ୍ତି । ସେ କହିଛନ୍ତି ଯେ, ନିର୍ବାଚନ ସମୟରେ ତାଙ୍କୁ ଧନୀ କିମ୍ବା ଶିକ୍ଷିତ ଲୋକଙ୍କ ପ୍ରାଧାନ୍ୟ ଥିବା ଅଞ୍ଚଳ ଅପେକ୍ଷା ଅପରାଧିକ କାର୍ଯ୍ୟକଳାପ, ଅଣ୍ଡରୱାର୍ଲ୍ଡ ସହ ଜଡ଼ିତ ଏବଂ ରେଡଲାଇଟ୍ ଏରିଆ ପାଇଁ ଜଣାଶୁଣା ଅଞ୍ଚଳରୁ ଅଧିକ ଭୋଟ୍ ମିଳିଛି । ମୁଁ ଶିକ୍ଷିତ କ୍ଷେତ୍ରରୁ ୭୦ ରୁ ୭୫ ପ୍ରତିଶତ ଭୋଟ୍ ପାଇଛି । ଯେତେବେଳେ ଅପରାଧୀ ଏବଂ ଅଣ୍ଡରୱାର୍ଲ୍ଡ ସହ ଜଡ଼ିତ ଅଞ୍ଚଳରୁ ୯୨ ପ୍ରତିଶତ ଭୋଟ ପାଇଛି। ସେ ସ୍ୱଷ୍ଟ କରିଛନ୍ତି ଯେ ଏହାର ଅର୍ଥ ନୁହେଁ ଯେ ଅପରାଧୀମାନେ ତାଙ୍କ କାମକୁ ସମର୍ଥନ କରନ୍ତି। ସେ ସ୍ୱଷ୍ଟ କରିଛନ୍ତି, ଏହାକୁ ଭୁଲ୍ ବ୍ୟାଖ୍ୟା କରନ୍ତୁ ନାହିଁ। ଭୋଟ ସଂଖ୍ୟାକୁ ଏପରି ବ୍ୟାଖ୍ୟା କରାଯିବା ଉଚିତ୍ ନୁହେଁ ଯେ ତାଙ୍କର ଅପରାଧିକ ପ୍ରବୃତ୍ତି ଥିବା ଲୋକଙ୍କ ସହିତ ବ୍ୟକ୍ତିଗତ ସମ୍ପର୍କ ଅଛି କିମ୍ବା ସେ ସେମାନଙ୍କ କାର୍ଯ୍ୟକଳାପକୁ ସମର୍ଥନ କରନ୍ତି । ଗଡକରୀ ବ୍ୟାଖ୍ୟା କରିଛନ୍ତି ଯେ, ସେ ଏହି ଅଞ୍ଚଳଗୁଡ଼ିକରେ ରାସ୍ତା ନିର୍ମାଣ କରିଛନ୍ତି, ଭିତ୍ତିଭୂମି ପ୍ରକଳ୍ପ ନିର୍ମାଣ କରିଛନ୍ତି ଏବଂ ଅନେକ ସାମାଜିକ କାର୍ଯ୍ୟ କରିଛନ୍ତି, ଏବଂ ଏହି ବିକାଶମୂଳକ ପଦକ୍ଷେପଗୁଡ଼ିକ ହିଁ ସେଠାକାର ଲୋକମାନଙ୍କୁ ତାଙ୍କୁ ଭୋଟ୍ ଦେବାକୁ ପ୍ରେରଣା ଦେଇଥିଲା। ଅଞ୍ଚଳର ପୃଷ୍ଠଭୂମି ଅପେକ୍ଷା, ପ୍ରକୃତରେ ଯାହା ଗୁରୁତ୍ୱପୂର୍ଣ୍ଣ ତାହା ହେଉଛି ସେଠାରେ କରାଯାଇଥିବା ବିକାଶ କାର୍ଯ୍ୟ ଏବଂ ଏହା ଦ୍ୱାରା ସୃଷ୍ଟି ହୋଇଥିବା ଲୋକଙ୍କ ମଧ୍ୟରେ ବିଶ୍ୱାସ। ମୁଁ ବିଶ୍ୱାସ କରେ ଯେ ଗଣତନ୍ତ୍ରରେ ବିଶ୍ୱସନୀୟତା ଜିତିଥାଏ, ତାହା ବ୍ୟବସାୟ, ରାଜନୀତି, ଗ୍ରାହକ ଉତ୍ପାଦ କିମ୍ବା ଶିଳ୍ପ ଉତ୍ପାଦ ହେଉ । ପୂର୍ବରୁ ମେ' ମାସରେ ଏକ ବିବୃତିରେ, ଗଡକରୀ କହିଥିଲେ ଯେ ରାଜନୀତିର ନିୟମ ହେଉଛି ଗୋଟିଏ ଟଙ୍କାର କାମ କରିବା ଏବଂ ୧୦ ଟଙ୍କାର ପ୍ରଚାର ପାଇବା । ନାଗପୁରରେ ଏକ କାର୍ଯ୍ୟକ୍ରମରେ ସେ କହିଥିଲେ, ଆମେ ୧୦ ଟଙ୍କାର କାମ କରିଥିଲୁ କିନ୍ତୁ ୧ ଟଙ୍କାର ପ୍ରଚାର ପାଇଲୁ ନାହିଁ ।

# ନକଲି କମ୍ପାନୀ ନାଁରେ ବ୍ୟାଙ୍କ ଖାତା ଖୋଲି ଠକେଇ, ୩ ଗିରଫ

## ୩ ମୋବାଇଲ୍, ୧୦ ଡେବିଟ୍ କାର୍ଡ ଓ ୯ କ୍ରେଡିଟ୍ କାର୍ଡ ଜବତ

ଭୁବନେଶ୍ୱର(ନିପ୍ର): ନକଲି କମ୍ପାନୀ ଗଠନ କରି ବିଭିନ୍ନ ବ୍ୟାଙ୍କରେ ଖାତା ଖୋଲି ଏକ ସାଇବର ଠକେଇ ନେଟୱର୍କ ଚଳାଇଥିବା ଗ୍ୟାଙ୍ଗର ପର୍ଦ୍ଦାଫାସ ହୋଇଛି। କମିଶନରେଟ ପୁଲିସ ଗ୍ୟାଙ୍ଗକୁ ଠାବ କରିବା ସହ ଏହି ଘଟଣାରେ ୩ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଜଗତସିଂହପୁର ତିର୍ତ୍ତୋଲ ଅଞ୍ଚଳର ଜିତେନ୍ଦ୍ର କୁମାର ଖୁଣ୍ଟିଆ (୩୩), କଟକ ମାର୍କତନଗର ଅଞ୍ଚଳର ରାଜେଶ କୁମାର ଜେନା (୩୪) ଏବଂ କେନ୍ଦ୍ରାପଡ଼ା ପଟ୍ଟାମୁଣ୍ଡାଇ ଅଞ୍ଚଳର ପୁରୁଷୋତ୍ତମ ବେହେରା (୩୫)। ସେମାନଙ୍କୁ ୬ ସେପ୍ଟେମ୍ବର ୨୦୨୬ରେ ଗିରଫ କରାଯାଇଛି। ପୁଲିସ ସୂଚନା ଅନୁଯାୟୀ, ୧୪ ଅଗଷ୍ଟରେ ଟେନଭେଣ୍ଟ କମ୍ୟୁନିକେସନ ପ୍ରାଇଭେଟ୍ ଲିମିଟେଡ୍‌ର ଜଣେ କର୍ମଚାରୀଙ୍କ ନିକଟକୁ ୮୯୭୧୯୮୧୨୯୮ ନମ୍ବରରୁ ଏକ ହ୍ୱାଟ୍ସଆପ୍ ମେସେଜ୍ ଆସିଥିଲା। ଏଥିରେ କମ୍ପାନୀର ମ୍ୟାନେଜିଂ ଡାଇରେକ୍ଟର ସ୍ୱୟଂମ ପ୍ରକାଶ ବରାଳଙ୍କ ନାମ ଓ ଫଟୋ ବ୍ୟବହାର କରାଯାଇଥିଲା। ଠକ ଜଣକ କମ୍ପାନୀର ଜଣେ କର୍ମଚାରୀଙ୍କୁ ଏକ ଭେଣ୍ଡର ଆକାଉଣ୍ଟକୁ ୫ ଲକ୍ଷ ଟଙ୍କା ପଠାଇବାକୁ ନିର୍ଦ୍ଦେଶ ଦେଇଥିଲା। କମ୍ପାନୀରେ ଅନେକ ଭେଣ୍ଡର ସହ କାମ ଚାଲିଥିବାରୁ ପ୍ରଥମେ ଏହାକୁ ସନ୍ଦେହ କରାଯାଇନଥିଲା। ଅଫିସିଆଲ୍ ହ୍ୱାଟ୍ସଆପ୍ ଗ୍ରୁପରେ ଅନୁମତି ମିଳିବା ପରେ କର୍ମଚାରୀ ଜଣକ ଆରଟିଜିଏସ ମାଧ୍ୟମରେ ୫ ଲକ୍ଷ ଟଙ୍କା ପଠାଇଥିଲେ। ପରେ ସେହି ନମ୍ବରରୁ ଆହୁରି ୧୦ ଲକ୍ଷ ଟଙ୍କା ପଠାଇବାକୁ ଜରୁରୀ ନିର୍ଦ୍ଦେଶ ଆସିବାରୁ ସନ୍ଦେହ ସୃଷ୍ଟି ହୋଇଥିଲା। ଏହାପରେ କମ୍ପାନୀ ପକ୍ଷରୁ ପ୍ରକୃତ ଏମ୍‌ଡିଙ୍କ ସହ ଯୋଗାଯୋଗ କରିବାରୁ ସେ ଏଭଳି କୌଣସି ନିର୍ଦ୍ଦେଶ ଦେଇନଥିବା ଜଣାପଡ଼ିଥିଲା। ତଦନ୍ତ ବେଳେ ପୁଲିସ ଜାଣିବାକୁ ପାଇଛି ଯେ, ଏକ ସ୍ଥାନୀୟ ସାଇବର ଠକେଇ ନେଟୱର୍କ ନକଲି କମ୍ପାନୀ ମାଧ୍ୟମରେ ବିଭିନ୍ନ ବ୍ୟାଙ୍କରେ ଖାତା ଖୋଲୁଥିଲା। ଟେନଭେଣ୍ଟ କମ୍ୟୁନିକେସନରୁ ଠକେଇ ହୋଇଥିବା ସମ୍ପୂର୍ଣ୍ଣ ୫ ଲକ୍ଷ ଟଙ୍କା 'ପିପି ହସପିଟାଲିଟି ଆଣ୍ଡ ସର୍ଭିସେସ୍ ପ୍ରାଇଭେଟ ଲିମିଟେଡ ନାମରେ ଥିବା ଫେଡେରାଲ୍ ବ୍ୟାଙ୍କ ଖାତାକୁ ଯାଇଥିଲା। ଏନସିଆରବି ରେକର୍ଡ ଅନୁସାରେ, ଉକ୍ତ ଖାତାରେ ଓଡ଼ିଶାରୁ ୫ ଲକ୍ଷ ଟଙ୍କା ଏବଂ ଗୁଜରାଟରୁ ୩୦ ଲକ୍ଷ ଟଙ୍କାର ସନ୍ଦିଗ୍ଧ/ଠକେଇ ଟ୍ରାଞ୍ଜାକ୍ସନ୍ ରିପୋର୍ଟ ହୋଇଥିବା ଜଣାପଡ଼ିଛି। ଏହି କମ୍ପାନୀଟି ଜାନୁଆରୀ ୨୦୨୬ରେ ଓଡ଼ିଶାର ବିଭିନ୍ନ ସ୍ଥାନରେ ମ୍ୟାନପାୱାର ସେବା ଯୋଗାଇବା ନାମରେ ଗଠନ କରାଯାଇଥିଲା। ପୁରୁଷୋତ୍ତମ ବେହେରା ଓ ରାଜେଶ କୁମାର ଜେନା ଏହାର ଯୁଗ୍ମ ନିର୍ଦ୍ଦେଶକ ଥିଲେ। ପୁଲିସ ତଦନ୍ତରୁ ଜଣାପଡ଼ିଛି, ପୁରୁଷୋତ୍ତମ ବେହେରା ଟ୍ୟାକ୍ସି ଚାଳକ ଭାବେ କାମ କରୁଥିବାବେଳେ ଜିତେନ୍ଦ୍ର ଖୁଣ୍ଟିଆଙ୍କ ସହ ପରିଚିତ ହୋଇଥିଲେ। ଜିତେନ୍ଦ୍ର ତାଙ୍କୁ ବ୍ୟାଙ୍କ ଖାତା ଖୋଲିବା ବଦଳରେ ଟଙ୍କା ଦେବାର ପ୍ରଲୋଭନ ଦେଇଥିଲେ। ପରେ ଜିତେନ୍ଦ୍ରଙ୍କ ମାଧ୍ୟମରେ ରାଜେଶ ଜେନା ମଧ୍ୟ ଏହି ନେଟୱର୍କରେ ସାମିଲ ହୋଇଥିଲେ। ଉଭୟେ ବିଭିନ୍ନ ବ୍ୟାଙ୍କରେ ସାଧାରଣ ଓ କରେଣ୍ଟ ଆକାଉଣ୍ଟ ଖୋଲିଥିଲେ। ପ୍ରାୟ ୨୫ଟି ଖାତା ଖୋଲିବା ପରେ ଜୁନ୍ ୨୦୨୬ରେ ସେମାନେ 'ପିଆର ଟ୍ରେଡରର୍ସ' ନାମକ ଅନ୍ୟ ଏକ କମ୍ପାନୀକୁ ଯାଇଥିଲେ। ଏହି ଖାତାଗୁଡ଼ିକୁ ସାଇବର ଠକେଇ ପାଇଁ 'ମ୍ୟୁଲ୍ ଆକାଉଣ୍ଟ' ଭାବେ ବ୍ୟବହାର କରାଯାଉଥିଲା। ଅନେକ ବ୍ୟାଙ୍କରେ ଏଭଳି ଖାତା ଖୋଲାଯାଇଥିବା ତଦନ୍ତରୁ ଜଣାପଡ଼ିଛି।

# ଗାଳିଗୁଲଜ ସହ ହତ୍ୟା ଧମକ, ଅଭିଯୁକ୍ତ ଗିରଫ

ଭୁବନେଶ୍ୱର(ନିପ୍ର): ଗାଳିଗୁଲଜ କରିବା ସହ ହତ୍ୟା ଧମକ ଦେବା ଅଭିଯୋଗରେ ଧଉଳି ଥାନା ପୁଲିସ ଜଣକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ସୂର୍ଯ୍ୟ ଦାସ ଓରଫ ଗାଲୁ। ପୁଲିସ ତା ବିରୋଧରେ ଏକ ମାମଲା ରୁଜୁ କରି କୋର୍ଟ ଚାଲଣ କରିଛି। ସୂଚନାଯୋଗ୍ୟ ଯେ, ଅଭିଯୋଗକାରୀ ପ୍ରଦୀପ କୁମାର ଭୋଇ ଶିଶୁପାଳଗଡ ସ୍ଥିତ ପାଇକରାୟ ଭୋଇ ସାହିରେ ରୁହନ୍ତି। ଘଟଣା ଦିନ ଅଭିଯୁକ୍ତ ଜଣକ ତାଙ୍କୁ ପାଖକୁ ଡାକି ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିଥିଲେ ଏବଂ ଜୀବନରୁ ମାରିବାର ଧମକ ଦେଇଥିଲେ। ଏହା ମଧ୍ୟ କହିଥିଲେ ଯେ, ପାଖରେ ସେ ବନ୍ଧୁକ ରଖିଛନ୍ତି ଏବଂ ସେଥିରେ ସେ ତାଙ୍କୁ ଗୁଳି କରିଦେବେ। ଏହି ଘଟଣା ପରେ ଅଭିଯୋଗକାରୀ ଅପୋଷ ସମାଧାନ ପାଇଁ ଅଭିଯୁକ୍ତଙ୍କ ଘରକୁ ଯାଇଥିଲେ। ସେଠାରେ ଅଭିଯୁକ୍ତ ଅଭିଯୋଗକାରୀଙ୍କୁ ପୁନର୍ବାର ଅଶ୍ରାବ୍ୟ ଭାଷାରେ ଗାଳି କରିବା ସହ ହଠାତ ଏକ ଖଣ୍ଡା ସାହାଯ୍ୟରେ ମରଣାନ୍ତକ ଆକ୍ରମଣ କରିଥିଲେ । ଅଭିଯୋଗକାରୀ କୌଶଳ କ୍ରମେ ଅଭିଯୁକ୍ତଙ୍କ ଆକ୍ରମଣରୁ ବର୍ତ୍ତି ଯାଇଥିବା ବେଳେ, ସ୍ଥାନୀୟ ଲୋକମାନେ ତାଙ୍କୁ ଉଦ୍ଧାର କରିଥିଲେ। ଅଭିଯୋଗ ଆଧାରରେ ପୁଲିସ ଘଟଣାର ଛାନଭିନ କରିବା ସହ ଅଭିଯୁକ୍ତ ସୂର୍ଯ୍ୟ ଦାସ ଓରଫ ଗାଲୁଙ୍କୁ ତାଙ୍କ ଘରୁ କାବୁ କରି ତାଙ୍କ ନିକଟରୁ ଘଟଣାରେ ବ୍ୟବହୃତ ଖଣ୍ଡାକୁ ଜବତ କରିଥିଲେ । ଅଧିକ ପଚରାଉଚରାରୁ, ଅଭିଯୁକ୍ତ ଗାଲୁ ନିଜର ଦୋଷ ସ୍ୱୀକାର କରିଥିଲେ। ଅଭିଯୁକ୍ତ ଗାଲୁଙ୍କ ନାମରେ କଟକ ସଦର ଥାନାରେ ଗୋଟିଏ ଓ ବଡଗଡ ଥାନାରେ ୨ଟି ମାମଲା ରହିଛି।

# ରାଜଧାନୀରେ ବାର୍ ଉପରେ ଚଢାଉ

- ବିଳମ୍ବିତ ରାତି ପର୍ଯ୍ୟନ୍ତ ଖୋଲିଥିଲେ ବାର୍
- ରୋମିଓ ଲେନ୍ ଉପରେ ଓ ବିବିଆଇ ବାର୍‌ରେ ରେଡ୍
- ନୋଟିସ ଜାରୀ କଲା କମିଶନରେଟ୍ ପୋଲିସ୍

ଭୁବନେଶ୍ୱର(ନିପ୍ର): ପାର୍ବଣ ଋତୁକୁ ଦୃଷ୍ଟିରେ ରଖି କମିସନରେଟ୍ ପୋଲିସ କଠୋର ଆଭିମୁଖ୍ୟ ଗ୍ରହଣ କରିଛି। ବିଶେଷକରି ସହରର ନିୟମ ଉଲ୍ଲଂଘନ କରୁଥିବା ବାର ଉପରେ ପୋଲିସ ଚଢାଉ କରିଛି। ଧାର୍ଯ୍ୟ ସମୟ ପରେ ବାର୍ ଚାଲୁ ରଖିବା, ଉଚ୍ଚ ଶବ୍ଦରେ ଡିଜେ ବଜାଇବା ଏବଂ ସାଧାରଣ ଲୋକଙ୍କ ଶାନ୍ତି ଭଙ୍ଗ କରୁଥିବା କାର୍ଯ୍ୟ ବିରୋଧରେ ଏବେ ଆକ୍ସନ୍ ମୋଡ୍‌ରେ ପୋଲିସ। ଏହି କ୍ରମରେ ଚନ୍ଦ୍ରଶେଖରପୁର ଥାନା ପୋଲିସ ପକ୍ଷରୁ ସହରର ରୋମିଓ ଲେନ୍, ବିବିଆଇ ଓ ଉପରେ ବାର୍ ଉପରେ ଚନ୍ଦ୍ରଶେଖରପୁର ଥାନା ପୋଲିସ ଚଢାଉ କରିଛି। ପୋଲିସର କହିବା ଅନୁଯାୟୀ, ବିଳମ୍ବିତ ରାତି ପର୍ଯ୍ୟନ୍ତ ବାର୍ ଖୋଲା ରଖାଯାଇଥିଲା। ଏହା ସହିତ ନିର୍ଦ୍ଧାରିତ ସମୟ ସରିବା ପରେ ମଧ୍ୟ ଡିଜେ ଚାଲିଥିଲା। ଉଚ୍ଚ ଶବ୍ଦରେ ଡିଜେ ବଜାଯାଉଥିବାରୁ ଆଖପାଖ ଅଞ୍ଚଳରେ ଶବ୍ଦ ପ୍ରଦୂଷଣ ହେଉଥିବା ଅଭିଯୋଗ ମଧ୍ୟ ରହିଥିଲା। ଏହି ଘଟଣାରେ ଚନ୍ଦ୍ରଶେଖରପୁର ଥାନା ପୋଲିସ ତିନିଟି ବାର୍‌ରୁ ଦାମୀ ଡିଜେ ମେସିନ୍ ଜବତ କରିଛି। ନିୟମ ଉଲ୍ଲଂଘନ ନେଇ ପୋଲିସ ପକ୍ଷରୁ କଠୋର ଆଇନଗତ ପଦକ୍ଷେପ ନିଆଯାଇଥିବା ଜଣାପଡ଼ିଛି। ବିଏନଏସ ଧାରା ୨୨୩ ଓ ୨୯୨ ସହିତ ଓଡ଼ିଶା ଫାୟାର ୱର୍କ ଆଣ୍ଡ ଲାଉଡ୍ ସ୍ପିକର ଆଇନର ସମ୍ପୃକ୍ତ ବ୍ୟବସ୍ଥା ଆଧାରରେ ମାମଲା ରୁଜୁ କରାଯାଇଛି। ବାର୍ କର୍ତ୍ତୃପକ୍ଷଙ୍କୁ ନୋଟିସ୍ ଦେବା ସହିତ ଆଗାମୀ ଦିନରେ ଏଭଳି ନିୟମ ଉଲ୍ଲଂଘନ ନକରିବା ପାଇଁ ପୋଲିସ ପକ୍ଷରୁ ଚେତାବନୀ ଦିଆଯାଇଛି। ପାର୍ବଣ ସମୟରେ ଭୁବନେଶ୍ୱରରେ ବିଭିନ୍ନ ବାର୍ ଓ ମନୋରଞ୍ଜନ ସ୍ଥଳରେ ଭିଡ଼ ବଢୁଥିବାରୁ ପୋଲିସର ଏହି ଚଢ଼ାଉକୁ ଗୁରୁତ୍ୱପୂର୍ଣ୍ଣ ବୋଲି ଧରାଯାଉଛି। ରାତିରେ ଶାନ୍ତିଶୃଙ୍ଖଳା ବଜାୟ ରଖିବା ସହ ନିୟମ ଉଲ୍ଲଂଘନକୁ ରୋକିବା ପାଇଁ ଆଗକୁ ମଧ୍ୟ ବିଭିନ୍ନ ବାର୍ ଉପରେ ଯାଞ୍ଚ ଓ ଚଢ଼ାଉ ଜାରି ରହିବ ବୋଲି ପୋଲିସ ପକ୍ଷରୁ ସଙ୍କେତ ମିଳିଛି। ପୋଲିସର ଏହି ପଦକ୍ଷେପ ପରେ ବାର୍ ମାଲିକ ଓ କର୍ତ୍ତୃପକ୍ଷଙ୍କ ମଧ୍ୟରେ ଚର୍ଚ୍ଚା ଜୋର ଧରିଛି। ନିର୍ଦ୍ଧାରିତ ସମୟ, ଶବ୍ଦ ପ୍ରଦୂଷଣ ଓ ଅନ୍ୟାନ୍ୟ ନିୟମକୁ କଡ଼ାକଡ଼ିରେ ପାଳନ କରିବାକୁ ପୋଲିସ ସ୍ପଷ୍ଟ ବାର୍ତ୍ତା ଦେଇଛି। ନିୟମ ଖିଲାପ କଲେ ଆଗକୁ ଆହୁରି କଠୋର କାର୍ଯ୍ୟାନୁଷ୍ଠାନ ହୋଇପାରେ।

### ଯାଜପୁରରେ ଅବକାରୀ ବିଭାଗର ବଡ଼ ଧରପଗଡ଼

# ୧୩୫ ଲିଟର ଚୋରା ମଦ ଜବତ: ୬ ଗିରଫ



ଯାଜପୁର(ନି.ପ୍ର): ଅବକାରୀ ବିଭାଗର ନିର୍ଦ୍ଦେଶକ୍ରମେ ଯାଜପୁର ଜିଲ୍ଲାର ବିଭିନ୍ନ ସ୍ଥାନରେ ଚୋରା ମଦ ବିରୋଧରେ ଜୋରଦାର ଚଢ଼ଉ କରାଯାଇଛି। ଜଖପୁରା, ଫର୍ତ୍ତିପୁର, ନରପଦା ଓ କଣ୍ଟାଝରି ଛକ ଅଞ୍ଚଳରେ ଜଖପୁରା, ପାଣିକୋଇଲି ଓ କୋରେଇ ଥାନା ଅଧୀନରେ ଜିଲ୍ଲା ମୋବାଇଲ୍ ସ୍କ୍ୱାଡ୍, ଯାଜପୁର ରୋଡ୍ ରେଞ୍ଜ୍ ଏବଂ ଡୋଲିପୁର ଅବକାରୀ ଷ୍ଟେସନ୍‌ର ମିଳିତ ଟିମ୍ ଏହି ଚଢ଼ଉ କରିଥିଲେ। ଚଢ଼ଉ ସମୟରେ ମୋଟ ୬ଟି ମାମଲା ଚିହ୍ନଟ ହୋଇଥିବା ବେଳେ ୬ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ପରେ ସମସ୍ତ ଅଭିଯୁକ୍ତଙ୍କୁ ଅଦାଲତରେ ହାଜର କରାଯାଇଥିବା ଅବକାରୀ ବିଭାଗ ପକ୍ଷରୁ ସୂଚନା ମିଳିଛି। ଜିଲ୍ଲା ମୋବାଇଲ୍ ସ୍କ୍ୱାଡ୍ ପକ୍ଷରୁ ୭୦ ଲିଟର ଲିକର୍ ଓ ୧୧ ଲିଟର ଲିକର, ଯାଜପୁର ରୋଡ୍ ରେଞ୍ଜ୍ ପକ୍ଷରୁ ୩୦ ଲିଟର ଲିକର୍ ଏବଂ ଡୋଲିପୁର ଅବକାରୀ ଷ୍ଟେସନ୍ ପକ୍ଷରୁ ୩୫ ଲିଟର ଲିକର୍ ଜବତ କରାଯାଇଛି। ଏହା ସହ ଡୋଲିପୁର ଅବକାରୀ ଷ୍ଟେସନ୍ ପକ୍ଷରୁ ଗୋଟିଏ ସ୍କୁଟି ମଧ୍ୟ ଜବତ କରାଯାଇଛି। ମିଳିତ ଚଢ଼ଉରେ ମୋଟ ୧୩୫ ଲିଟର ଲିକର, ୧୧ ଲିଟର ଲିକର୍ ଏବଂ ଗୋଟିଏ ସ୍କୁଟି ଜବତ ହୋଇଛି। ଚୋରା ମଦ କାରବାର ଉପରେ ଅବକାରୀ ବିଭାଗର ଏଭଳି ଧରପଗଡ଼ ଆଗକୁ ମଧ୍ୟ ଜାରି ରହିବ ବୋଲି ବିଭାଗୀୟ ସୂତ୍ରରୁ ଜଣାପଡ଼ିଛି।

# ରାସ୍ତାରେ ଛୁରି ଦେଖାଇ ଲୁଟ, ଅଭିଯୁକ୍ତ ଗିରଫ

ଭୁବନେଶ୍ୱର(ନିପ୍ର): ରାସ୍ତାରେ ଛୁରୀ ଦେଖାଇ ଲୁଟପାଟ କରିବା ଅଭିଯୋଗରେ ଭରତପୁର ଥାନା ପୁଲିସ ଜଣକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ମନୋରଞ୍ଜନ ରାୟ। ପୁଲିସ ତା ବିରୋଧରେ ଏକ ମାମଲା ରୁଜୁ କରି କୋର୍ଟ ଚାଲାଣ କରିଛି। ସୂଚନାଯୋଗ୍ୟ ଯେ, ଅଭିଯୋଗକାରୀ ଯୋଗୀ ଗୌଡ ବରମୁଣ୍ଡା ଅନ୍ତର୍ଗତ ଗୁଡିଆ ତୋଟାସାହିରେ ରୁହନ୍ତି। ଆଜି ସକାଳ ପ୍ରାୟ ୫ଟା ୩୦ ମିନିଟ୍ ସମୟରେ, ସେ ବସ୍‌ରୁ ଓହ୍ଲାଇ ନିଜ ଘରକୁ ଯାଉଥିବା ସମୟରେ ଜଣେ ଅଜଣା ଯୁବକ ହଠାତ୍ ତାଙ୍କୁ ଛୁରୀ ଦେଖାଇ ପାଖରେ ଥିବା ଟଙ୍କା ଓ ମୋବାଇଲ୍ ଫୋନ୍ ଦେଇଦେବା ଲାଗି ଧମକ ଦେଇଥିଲା । ତାଙ୍କ ଧମକରେ ଭୟଭୀତ ହୋଇ ଏବଂ ନିଜ ଜୀବନ ବଞ୍ଚାଇବା ପାଇଁ ଅଭିଯୋଗକାରୀ ନିଜ ପର୍ସରେ ରଖିଥିବା ୭,୨୦୦ ଟଙ୍କା ଏବଂ ଏକ ଓପୋ ମୋବାଇଲ୍ ଫୋନ୍ ଉକ୍ତ ବ୍ୟକ୍ତିକୁ ଦେଇଥିଲେ। ଟଙ୍କା ଓ ମୋବାଇଲ୍ ନେବା ପରେ ବ୍ୟକ୍ତି ଜଣକ ଘଟଣାସ୍ଥଳରୁ ଦୌଡ଼ି ପଳାଇବାକୁ ଚେଷ୍ଟା କରିଥିଲା। ସେତେବେଳେ ଅଭିଯୋଗକାରୀ ପାଟି କରି ସାହାଯ୍ୟ ପାଇଁ ଚିତ୍କାର କରିଥିଲେ। ତାଙ୍କ ଚିତ୍କାର ଶୁଣି ନିକଟରେ ଥିବା ଲୋକମାନେ ଉକ୍ତ ବ୍ୟକ୍ତିକୁ ଧରି ଅଟକ ରଖିଥିଲେ। ସୂଚନା ପାଇ ପିସିଆର ଟିମ ଘଟଣାସ୍ଥଳରେ ପହଞ୍ଚିଥିଲା। ପଚରାଉଚରାରୁ ଜଣାପଡ଼ିଥିଲା ଯେ, ଅଭିଯୋଗକାରୀଙ୍କ ଠାରୁ ଟଙ୍କା ଓ ମୋବାଇଲ୍ ନେଇଥିବା ବ୍ୟକ୍ତି ହେଉଛି ଜଗତସିଂହପୁରର ବାସିନ୍ଦା ମନୋରଞ୍ଜନ ରାୟ । ମାମଲାର ତଦନ୍ତ ବେଳେ, ପୁଲିସ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ତାଙ୍କ ନିକଟରୁ ଲୁଟ ମୋବାଇଲ ଫୋନ ଏବଂ ୭,୨୦୦ ଟଙ୍କା ସହିତ ଘଟଣାରେ ବ୍ୟବହୃତ ଛୁରୀକୁ ମଧ୍ୟ ଜବତ କରିଥିଲେ । ଗିରଫ ଅଭିଯୁକ୍ତ ମନୋରଞ୍ଜନ ରାୟ ଜଣେ ଅଭ୍ୟାସଗତ ଅପରାଧୀ ହୋଇଥିବା ବେଳେ, ତାଙ୍କ ନାମରେ ପୂର୍ବରୁ ମଧ୍ୟ ବିଭିନ୍ନ ଥାନାରେ ମୋଟ ୫ ଗୋଟି ଭିନ୍ନ ଅପରାଧିକ ମାମଲା ରହିଥିବା ପୁଲିସ ଜାଣିବାକୁ ପାଇଛି।

# ମାଙ୍କଡ଼ ଆକ୍ରମଣରେ ୩ ଆହତ

ଭାପୁର(ନିପ୍ର): ଭାପୁର ବ୍ଲକର ବିଭିନ୍ନ ଗ୍ରାମରେ ମାଙ୍କଡ଼ମାନଙ୍କ ଉପଦ୍ରବ ଧୀରେ ଧୀରେ ବଢିବାରେ ଲାଗିଛି। ଏହି ପରିପ୍ରେକ୍ଷୀରେ, ବଡସହରା ପଞ୍ଚାୟତ ଅନ୍ତର୍ଗତ ପାଟଣା ଜାମୁସାହି ଗ୍ରାମରେ ହନୁମାଙ୍କଡ ଆକ୍ରମଣରେ ସୋମବାର ତିନି ଜଣ ଗୁରୁତର ରୂପେ ଆହତ ହୋଇଛନ୍ତି। ଆହତ ବ୍ୟକ୍ତିମାନେ ହେଲେ ଶଙ୍କର୍ଷଣ ବେହେରା (୭୮), ବସନ୍ତ ସାହୁଙ୍କ ପାଞ୍ଚ ବର୍ଷର ଝିଅ ଓ ମାନଗୋବିନ୍ଦ ସାହୁଙ୍କ ତିରିଶ ବର୍ଷର ଝିଅ । ସେମାନଙ୍କ ମଧ୍ୟରୁ ଶଙ୍କର୍ଷଣ ବେହେରାଙ୍କ ଦେହରେ ଦଶଟି ଷ୍ଟିଚ ଓ ମାନଗୋବିନ୍ଦ ସାହୁଙ୍କ ଝିଅ ଦେହରେ ଆଠଟି ଷ୍ଟିଚ ପଡିଛି। ସେମାନେ ସମସ୍ତେ ଭାପୁର ଡାକ୍ତରଖାନାରେ ଚିକିତ୍ସିତ ହୋଇ ଘରକୁ ଫେରିଛନ୍ତି। ମାଙ୍କଡ଼ଙ୍କ ଉତ୍ପାତରେ ଗ୍ରାମରେ ଆତଙ୍କ ସୃଷ୍ଟି ହୋଇଛି। ବିନା ବାଡି ଓ ଠେଙ୍ଗାରେ ଲୋକମାନେ ଘରୁ ବାହାରିପାରୁ ନାହାନ୍ତି। ଗ୍ରାମବାସୀ ଏ ନେଇ ଭାପୁର ବନପାଳଙ୍କୁ ଜଣାଇବା ସହିତ ବିହିତ ପଦକ୍ଷେପ ନେବା ପାଇଁ ଦାବି କରିଛନ୍ତି। ଭାପୁର ବନପାଳ ସୁବାସ ଚନ୍ଦ୍ର ନାୟକଙ୍କ ନିର୍ଦ୍ଦେଶରେ ବାଇଗୁଣିଆ ବିଟହାଉସର ଫରେଷ୍ଟ ଗାର୍ଡମାନେ ମାଙ୍କଡ଼କୁ ଘଉଡ଼ାଇ ଜଙ୍ଗଲ ଭିତରେ ଛାଡିଛନ୍ତି। ଏହାର ସ୍ଥାୟୀ ପ୍ରତିକାର ପାଇଁ କୌଣସି ସୁବିଧା ନ ଥିବା ବନପାଳ କହିଛନ୍ତି।

# ୧୮ ଲକ୍ଷ ଟଙ୍କାର ବ୍ରାଉନ ସୁଗାର ଜବତ: ମହିଳା ଗିରଫ

କଟକ(ନିପ୍ର): ଅବକାରୀ ଗୁଇନ୍ଦା ବିଭାଗ ୟୁନିଟ-୧ ପକ୍ଷରୁ ଚଢ଼ାଉ କରାଯାଇ ୧୮ ଲକ୍ଷ ଟଙ୍କାର ବ୍ରାଉନ ସୁଗାର ଜବତ କରାଯିବା ସହ ଜଣେ ମହିଳାଙ୍କୁ ଗିରଫ କରାଯାଇଛି । ଗିରଫ ମହିଳା ଜଣକ ମର୍କତନଗର ଥାନା ଅନ୍ତର୍ଗତ ଇମ୍ପାମପଡା ବସ୍ତିର ରୁବି ଜେନା ଓରଫ ରୁବି ବେଗମ (୨୩) । ମିଳିଥିବା ସୂଚନା ଅନୁଯାୟୀ ଅବକାରୀ ଅଧିକ୍ଷକ ସମରଜିତ ଦାସଙ୍କ ନିର୍ଦ୍ଦେଶ ଓ ଉପଅଧିକ୍ଷକ ରୋଶନ ଇସୁ ହାଁସଦାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏସଆଇ ବିଜୟ କୁମାର ମଲ୍ଲିକ ଓ ଏଏସଆଇ ସଂଜୀବ କୁମାର ମୁଣ୍ଡାଙ୍କ ନେତୃତ୍ୱରେ ଇମ୍ପାମପଡା ବସ୍ତିରେ ଚଢ଼ାଉ କରାଯାଇ ୧୮ ଗ୍ରାମ ବ୍ରାଉନ ସୁଗାର, ଗୋଟିଏ ମୋବାଇଲ ଓ ନଗଦ ୩ ହଜାର ୫୦୦ ଟଙ୍କା ଜବତ କରାଯାଇଛି। ଜବତ ବ୍ରାଉନ ସୁଗାର ମୂଲ୍ୟ ୧୮ ଲକ୍ଷ ଟଙ୍କା ହେବ ବୋଲି ଅବକାରୀ ବିଭାଗ ପକ୍ଷରୁ ଆକଳନ କରାଯାଇଛି। ସମ୍ପୃକ୍ତ ମହିଳାଙ୍କୁ କୋର୍ଟ ଚାଲାଣ କରାଯାଇଛି।

# ବାକି ଟଙ୍କାକୁ ନେଇ ଧମକ, ଅଭିଯୁକ୍ତ ଗିରଫ

ଭୁବନେଶ୍ୱର(ନିପ୍ର): ବାକି ଟଙ୍କାକୁ ନେଇ ଧମକଚମକ ଦେବା ଅଭିଯୋଗରେ କ୍ୟାପିଟାଲ ଥାନା ପୁଲିସ ଜଣକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ବିକ୍ରମ ସାହୁ। ପୁଲିସ ଏନେଇ ଏକ ମାମଲା ରୁଜୁ କରି ଅଭିଯୁକ୍ତକୁ କୋର୍ଟ ଚାଲାଣ କରିଛି। ସୂଚନାଯୋଗ୍ୟ ଯେ, ଅଭିଯୋଗକାରୀ ଜଗତଜିତ ମଙ୍ଗରାଜ ଲକ୍ଷ୍ମୀସାଗର କେନାଲ ରୋଡ ସ୍ଥିତ ପ୍ଲଟ୍ ନଂ-୧୩୧୭ ରେ ରୁହନ୍ତି। ତାଙ୍କର ୟୁନିଟ୍-୧ ମାର୍କେଟ୍‌ରେ ଏକ ପାଇକାରୀ ପରିବା ଦୋକାନ ଅଛି। ବିକ୍ରମ ସାହୁ ନାମକ ଜଣେ ବ୍ୟବସାୟୀ ତାଙ୍କ ଗୋଦାମରୁ ପରିବା ନେଇ ଖୋର୍ଦ୍ଧା ସହରରେ ବିକ୍ରି କରୁଥିଲେ। ଗତ ୭ ଦିନ ମଧ୍ୟରେ ବିକ୍ରମ ସାହୁ ତାଙ୍କ ଠାରୁ ପ୍ରାୟ ୨.୮ ଲକ୍ଷ ଟଙ୍କାର କଞ୍ଚା ଲଙ୍କା ନେଇଥିଲେ। କିନ୍ତୁ ଏପର୍ଯ୍ୟନ୍ତ ସେ ଉକ୍ତ ଟଙ୍କା ଫେରସ୍ତ କରିନାହାନ୍ତି କି ଗୋଦାମକୁ ମଧ୍ୟ ଆସୁନାହାନ୍ତି। ତାଙ୍କୁ ଫୋନ୍ କରି ଟଙ୍କା ବିଷୟରେ ପଚାରିଲେ ମଧ୍ୟ ସେ ଫୋନ୍ ଉଠାଉନଥିଲେ। ଗତ ୧୨.୦୮.୨୦୨୬ ଦିନ ପ୍ରାୟ ୩ଟା ସମୟରେ ଅଭିଯୋଗକାରୀ ମୋବାଇଲ୍ ନମ୍ବର ୯୬୫୮୯୩୯୪୦୮ରେ ବିକ୍ରମ ସାହୁଙ୍କୁ ଫୋନ୍ କରିଥିଲେ। ସେ ଫୋନ୍ ଉଠାଇନଥିଲେ। ପ୍ରାୟ ୨୦ ମିନିଟ୍ ପରେ ବିକ୍ରମ ସାହୁ ନିଜେ ଫୋନ୍ କରି ଅଭିଯୋଗକାରୀଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ଧମକ ଦେଇଥିଲେ । ସେ କହିଥିଲେ ଯେ, "ମୁଁ ତୁମକୁ ଜାଣିନି। ଟଙ୍କା ବିଷୟରେ ଆଉ ପଚାରିଲେ ତୁମକୁ ମାରିଦେବି ଏବଂ ତୁମର ବାକି ଟଙ୍କା ମଧ୍ୟ ଫେରସ୍ତ କରିବି ନାହିଁ ।" ଏହି ଘଟଣା ସମ୍ପର୍କରେ ଅଭିଯୋଗକାରୀ ଥାନାରେ ଅଭିଯୋଗ କରିଥିଲେ । ତଦନ୍ତରୁ ଜଣାପଡ଼ିଛି ଯେ, ଅଭିଯୋଗକାରୀ ଗତ ୩ ମାସ ହେବ ସେ ଅଭିଯୁକ୍ତଙ୍କ ସହ ବ୍ୟବସାୟିକ କାରବାର କରୁଥିଲେ। ଅଭିଯୁକ୍ତ ଅଭିଯୋଗକାରୀଙ୍କ ଠାରୁ ଲଙ୍କା କିଣି ନେଉଥିଲେ ଏବଂ ପରେ ତାହାର ଟଙ୍କା ପରିଶୋଧ କରୁଥିଲେ। ଏହିପରି କାରବାର ଫଳରେ ଉଭୟଙ୍କ ମଧ୍ୟରେ ବିଶ୍ୱାସର ସମ୍ପର୍କ ଗଢ଼ି ଉଠିଥିଲା । ଏହି ବିଶ୍ୱାସର ସୁଯୋଗ ନେଇ ଅଭିଯୁକ୍ତ ଅଭିଯୋଗକାରୀଙ୍କ ଠାରୁ ମୋଟ ପ୍ରାୟ ୨.୮ ଲକ୍ଷ ଟଙ୍କାର କଞ୍ଚା ଲଙ୍କା ନେଇଥିଲେ। କିନ୍ତୁ ପରେ ସେ ଅଭିଯୋଗକାରୀଙ୍କ ବକେୟା ଟଙ୍କା ପରିଶୋଧ କରିନଥିଲେ । ଅଭିଯୋଗକାରୀ ବାରମ୍ବାର ଫୋନ୍ କରି ଟଙ୍କା ମାଗିଥିଲେ ମଧ୍ୟ ଅଭିଯୁକ୍ତ ଫୋନ୍ ଉଠାଇନଥିଲେ। ଶେଷରେ ଅଭିଯୁକ୍ତ ଫୋନ୍‌ରେ ଅଭିଯୋଗକାରୀଙ୍କୁ ଗାଳିଗୁଲଜ କରିବା ସହ ଆଗକୁ ଭୟଙ୍କର ପରିଣାମ ଭୋଗିବାକୁ ଧମକ ଦେଇଥିଲେ। ପୁଲିସ ଏହି ମାମଲାର ପୁଙ୍ଖାନୁପୁଙ୍ଖ ତଦନ୍ତ କରିବା ସହ ଅଭିଯୁକ୍ତ ବିକ୍ରମ ସାହୁଙ୍କୁ ଗିରଫ କରିଥିବା ବେଳେ, ସେ ନିଜର ଦୋଷ ସ୍ୱୀକାର କରିଥିଲେ।

# ସାଇକେଲ ଚୋରକୁ ସଜା

ଭୁବନେଶ୍ୱର(ନିପ୍ର): ଭୁବନେଶ୍ୱରସ୍ଥିତ ମାନ୍ୟବର ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଦାଲତ-୪ର ବିଚାରପତି ସୋମେଶ ସୋମ୍ୟଜିତ ପଣ୍ଡା, ଲକ୍ଷ୍ମୀସାଗର ଥାନା ଅଞ୍ଚଳରେ ହୋଇଥିବା ଏକ ଚୋରି ମାମଲାର ତ୍ୱରିତ ବିଚାର କରି ଅଭିଯୋଗର ମାତ୍ର ୧୦ଦିନ ମଧ୍ୟରେ ଅଭିଯୁକ୍ତ ଏମ.ଡି ଗୁଡୁକୁ ସାଇକେଲ ଚୋରି ଅଭିଯୋଗରେ ସଜା ଶୁଣାଇଛନ୍ତି । ଘଟଣାର ଅନ୍ତରାଳେ: ଅଭିଯୋଗକାରୀ ଉମାଶଙ୍କର ସାମନ୍ତରାୟ (୪୦) ପରିବାର ସହ ଲକ୍ଷ୍ମୀସାଗର ଥାନା ଅନ୍ତର୍ଗତ ମହାଦେବ ବିହାର ନଗରରେ ରୁହନ୍ତି। ଡେକାଥଲନରୁ କିଣିଥିବା ୧୮,୦୦୦ ଟଙ୍କା ମୂଲ୍ୟର ଏକ ଅତ୍ୟାଧୁନିକ ସାଇକେଲକୁ ସେ ଘର ପରିସର ମଧ୍ୟରେ ତାଲା ପକାଇ ରଖିଥିଲେ। ଗତ ୨୮.୦୬.୨୦୨୬ ବିଳମ୍ବିତ ରାତିରେ କୌଣସି ଦୁର୍ବୃତ୍ତ ଘର ପାଚେରି ଡେଇଁ ଭିତରେ ପଶିବା ସହ ତାଙ୍କ ସାଇକେଲକୁ କୌଶଳକ୍ରମେ ସେଠାରୁ ଚୋରିକରି ନେଇ ଯାଇଥିଲେ। ତା ପରଦିନ ସକାଳେ ଅଭିଯୋଗକାରୀ ଘର ପରିସର ମଧ୍ୟରୁ ସାଇକେଲ ଚୋରୀ ସମ୍ପର୍କରେ ଅବଗତ ହେବା ପରେ ଆଖପାଖ ଅଞ୍ଚଳରେ ବହୁତ ଖୋଜଖୋଜି କରିଥିଲେ, କିନ୍ତୁ ସେ ସାଇକେଲ ଆଉ ମିଳିନଥିଲା । ପରେ ସେ ଏନେଇ ଲକ୍ଷ୍ମୀସାଗର ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ । ମାମଲା ରୁଜୁ ହେବା ପରେ ଏଏସଆଇ ଶ୍ରୀ ଆଲୋକ ରଞ୍ଜନ ତ୍ରିପାଠୀ ଏହାର ତଦନ୍ତ ଦାୟିତ୍ୱ ତୁଲାଇ ଥିଲେ । ସିସିଟିଭି ଫୁଟେଜ ଆଧାରରେ ସେ ଅଭିଯୁକ୍ତଙ୍କ ନିକଟରେ ପହଞ୍ଚିବାରେ ସକ୍ଷମ ହୋଇଥିଲେ ଏବଂ ଏକ ବିଶ୍ୱସ୍ତ ସୂତ୍ରରୁ ସୂଚନା ପାଇ ଚଢଉ କରିବା ସହ ଅଭିଯୁକ୍ତ ଏମ.ଡି ଗୁଡୁଙ୍କୁ ସାଇକେଲ ଚୋରୀ ମାମଲାରେ ଗିରଫ କରି ତାଙ୍କ ହେପାଜତରୁ ଅଭିଯୋଗକାରୀଙ୍କ ଘରୁ ଚୋରୀଯାଇଥିବା ସାଇକେଲକୁ ଜବତ କରିଥିଲେ।

# ପତ୍ନୀଙ୍କୁ ମାଡ଼ ମାରିବା ଅଭିଯୋଗ: ସ୍ୱାମୀକୁ ବର୍ଷେ ଜେଲ୍

ତିଗିରିଆ(ନିପ୍ର): ପତ୍ନୀ ରୀନା ମଲ୍ଲିକଙ୍କୁ ମାଡ଼ ମାରିବା ଅଭିଯୋଗରେ ସ୍ୱାମୀ ଗୋବର୍ଦ୍ଧନ ମଲ୍ଲିକଙ୍କୁ ଏକ ବର୍ଷ ଜେଲ ସମେତ ଦୁଇ ହଜାର ଟଙ୍କା ଜୋରିମାନା ଦଣ୍ଡ ଶୁଣାଇଛନ୍ତି । ତିଗିରିଆ ଜେଏମଏଫସି ପତ୍ନୀଙ୍କୁ ମାଡ଼ ମାରିବା ଅଭିଯୋଗରେ ସିଟି କେସ ନଂ ୧୪୭/୨୬ରେ ଆରେଷ୍ଟ କରି କୋର୍ଟ ପଠାଯାଇଥିଲା । ଭାରତୀୟ ସଂହିତା ଦଫା ୮୫ରେ ଏକ ବର୍ଷ ଜେଲଦଣ୍ଡ ସମେତ ଏକ ହଜାର ଟଙ୍କା ଜୋରିମାନା କରିଛନ୍ତି। ଜୋରିମାନା ଅନାଦେୟ ଏକ ମାସ ଜେଲରେ ରହିବେ ଗୋବର୍ଦ୍ଧନ । ଏତଦଭିନ୍ନ ଭାରତୀୟ ସଂହିତା ଦଫା ନଂ ୧୧୭(୨) ପାଇଁ ଏକ ବର୍ଷ ଜେଲଦଣ୍ଡ ଶୁଣାଇଛନ୍ତି କୋର୍ଟ । ମୋଟ ଏକ ବର୍ଷ ଜେଲ ଦୁଇ ହଜାର ଟଙ୍କା ଦେବାକୁ କୋର୍ଟ ରାୟ ଶୁଣାଇଛନ୍ତି ।

# ପୀରବାବାଙ୍କ ଦାନ ବାକ୍ସ ଚୋରି ନେଇ ଥାନାରେ ଅଭିଯୋଗ

ଧାମନଗର(ନିପ୍ର): ଧାମନଗର ଖାନକା ପରିସରରେ ପିରବାବାଙ୍କ ଆସ୍ଥାନ ସ୍ଥଳରେ ଥିବା ଦାନବାକ୍ସକୁ ଦିନ ଦ୍ୱିପ୍ରହରରେ ଚୋରି ହୋଇଥିବା ଅଭିଯୋଗ ହୋଇଛି । ଏ ନେଇ ଖାନକା ପରିଚାଳନା କମିଟିର ସଦସ୍ୟମାନେ ଧାମନଗର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁସାରେ, ଗ୍ରାଣ୍ଡ ଭିଟାରା (ଓଡି-୦୨-ସିଏଚ୍-୭୬୧୧) ଗାଡ଼ିରେ ୬ ଜଣ ବ୍ୟକ୍ତି ସୟଦ ମହମ୍ମଦ ହବିବ, ସୟଦ ଫାରୁକ ରଜା, ସେକ ବଗଦାଦ, ସେକ ସୌକତ, ସେକ ଚନା ଓ ସେକ ଅଜଗର ଖାନକା ପରିସର ଆସିଥିଲେ। ସେମାନେ ଦାନ ବାକ୍ସ ନେଇ ଗାଡ଼ିର ପଛ ଡିକିରେ ରଖି ପଳାଇବାକୁ ଉଦ୍ୟମ କରିଥିଲେ। ଉପସ୍ଥିତ କିଛି ବ୍ୟକ୍ତି ଗାଡ଼ିକୁ ଅଟକାଇବାକୁ ଚେଷ୍ଟା କରିବାରୁ ଗାଡ଼ି ଭିତରୁ ଧମକ ଦିଆଯାଇଥିବା ଅଭିଯୋଗ ହୋଇଛି। ପରେ କିଛି ବ୍ୟକ୍ତି ସାହସ କରି ଗାଡ଼ିର ପଛ ଡିକି ଖୋଲି ଟ୍ରେଜେରି ବାକ୍ସଟି ଉଦ୍ଧାର କରିଥିଲେ। ଏହି ସମୟରେ ଗାଡ଼ି ଚଢ଼ାଇ ମାରିଦେବାକୁ ଉଦ୍ୟମ କରାଯାଇଥିବା ମଧ୍ୟ ଅଭିଯୋଗ ହୋଇଛି। ଏହାପରେ ଅଭିଯୁକ୍ତମାନେ ଗାଡ଼ି ନେଇ ଘଟଣାସ୍ଥଳରୁ ପଳାଇଥିଲେ। ଘଟଣାର ଭିଡିଓ ରେକର୍ଡିଂ ରହିଥିବା ଏବଂ ପୁଲିସ ତାହା ଯାଞ୍ଚ କରିପାରିବ ବୋଲି ଅଭିଯୋଗକାରୀମାନେ ଜଣାଇଛନ୍ତି। ଏ ନେଇ ଧାମନଗର ଥାନାରେ ଅଭିଯୋଗ କରାଯାଇ ଘଟଣାର ତଦନ୍ତ ସହ ଅଭିଯୁକ୍ତଙ୍କ ବିରୋଧରେ ଆଇନାନୁଯାୟୀ ପଦକ୍ଷେପ ନେବାକୁ ଥାନା ଅଧିକାରୀଙ୍କ ନିକଟରେ ମିର୍ ମଇଉଦ୍ଦିନ, ସୟଦ ଗୋଲାମ ଅହମଦ, ମିର୍ କୁର୍ସିଦ, ମୁକ୍ତାର ଏହେମଦ, ସେକ ଇବ୍ରାହିମ, ସେକ କାଦର ସମେତ ୪୦ରୁ ଊର୍ଦ୍ଧ୍ୱ ବ୍ୟକ୍ତି ଅଭିଯୋଗ ଦେଇଛନ୍ତି।

### ଛେଳିଚୋରି ଉଦ୍ୟମ

# ଗ୍ରାମବାସୀଙ୍କ ମାଡ଼ରେ ୪ ଯୁବକ ଲହୁଲୁହାଣ

ହିଞ୍ଜିଳିକାଟୁ(ନିପ୍ର): ବ୍ରହ୍ମପୁର ଅଞ୍ଚଳର ୪ ଜଣ ଯୁବକ ବିଳମ୍ବିତ ରାତିରେ ଛେଳି ଚୋରି କରିବାକୁ ଆସିଥିଲେ। ଚୋରି ବେଳେ ଗାଁ ଲୋକଙ୍କ ହାବୁଡ଼ରେ ପଡିଥିଲେ। ଗାଁ ଦାଣ୍ଡରେ ଲୋକେ ମିଶି ଲୁଟ୍ କରିବାକୁ ଆସିଥିବା ୪ ଯୁବକଙ୍କୁ ମିଶି ମାଡ ମାରିଥିବା ଏକ ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଛି। ଏଭଳି ଏକ ଘଟଣା ଶନିବାର ବିଳମ୍ବିତ ରାତିରେ ହିଞ୍ଜିଳି ଥାନା ଖଇରବେଠି ଗ୍ରାମରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ମିଳିଥିବା ସୂଚନା ପ୍ରକାରେ, ଶନିବାର ବିଳମ୍ବିତ ରାତିରେ ବ୍ରହ୍ମପୁର ଅଞ୍ଚଳର ୪ଜଣ ଯୁବକ ହିଞ୍ଜିଳି ଥାନା ଖଇରବେଠି ଗ୍ରାମରେ ପହଞ୍ଚିଥିଲେ। ଗ୍ରାମର ଜନୈକ ବ୍ୟକ୍ତିଙ୍କ ଛେଳି ଗୁହାଳରେ ପଶି ଛେଳି ଚୋରି କରିବାକୁ ଉଦ୍ୟମ କରିଥିଲେ। ସେହି ସମୟରେ ଗାଁ'ର ଜଣେ ଯୁବକ ପରିଶ୍ରା କରିବାକୁ ଘର ବାହାରକୁ ଆସିଥିଲେ। ଗୁହାଳ ଭିତରେ ୪ ଜଣ ଯୁବକଙ୍କୁ ଦେଖି ଯୁବକ ଜଣଙ୍କ ଚୋର



ଚୋର ବୋଲି ଚିତ୍କାର କରିଥିଲେ। ଚିତ୍କାର ଶୁଣି ଗାଁ ଲୋକେ ଉଠିପଡି ୪ ଜଣ ଯୁବକଙ୍କୁ କାବୁ କରିବା ସହ ଗାଁ ଦାଣ୍ଡରେ ଠେଙ୍ଗା ବାଡ଼ିରେ ଆକ୍ରମଣ କରିଥିଲେ। ସଂପୃକ୍ତ ୪ ଯୁବକଙ୍କୁ ମାଡ ମାରୁଥିବା ଘଟଣା ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଛି। ବିଳମ୍ବିତ ରାତିରେ ହିଞ୍ଜିଳି ପୁଲିସ ଗାଁ ଲୋକଙ୍କ ଠାରୁ ଖବର ପାଇ ଘଟଣାସ୍ଥଳରେ ପହଞ୍ଚି କାବୁ କରାଯାଇଥିବା ୪ ଯୁବକଙ୍କୁ ଥାନାକୁ ଆଣି ପଚରାଉଚରା କରିବା ସହ ଗିରଫ କରିଛି। ଗିରଫ ଯୁବକମାନେ ହେଲେ ବ୍ରହ୍ମପୁର ଟାଉନ୍ ଥାନା ଅଞ୍ଚଳର ଏସ. କାହ୍ନା ରାଓ(୩୦), ଦିଗପହଣ୍ଡି ଥାନା ନରସିଂହପୁର ଗ୍ରାମର କାହ୍ନୁ ଚରଣ ମହାରଣା (୨୪), ନିମଖଣ୍ଡି ଥାନା ଲୋଚାପଡା ଗ୍ରାମର ରାଜେନ୍ଦ୍ର ସାହୁ ଅବବୁଲ (୨୧) ଓ ହିଞ୍ଜିଳି ଥାନା ତହଁର ଗ୍ରାମର ବିଭୁତି ଭୁଷଣ ମହାରଣା (୩୨)। ଏ ନେଇ ହିଞ୍ଜିଳି ଥାନାରେ କେସ ନଂ ୬୩୧/୨୬ରେ ଏକ ମାମଲା ରୁଜୁ କରି ରବିବାର ଶେରଗଡ କୋର୍ଟ ଚାଲାଣ କରାଯାଇଥିବା ଥାନା ଆଇଆଇସି ଶ୍ରୀନିବାସ ସେଠିଙ୍କ ସୂତ୍ରରୁ ପ୍ରକାଶ। ଅନ୍ୟପକ୍ଷରେ ମାଡ ମାରିବା ଘଟଣାରେ ପୁଲିସ ତଦନ୍ତ ଚଳାଇଛି।


ସଂଖ୍ୟା : ପି-୧୩୦୧୩/୨/୨୦୧୯-ଡିଡି-୩ ପାର୍ଟ (୧)(୧୯୮୪୬)

ଭାରତ ସରକାର

ସାମାଜିକ ନ୍ୟାୟ ଓ ଭିନ୍ନକ୍ଷମ ସଶକ୍ତିକରଣ ମନ୍ତ୍ରାଳୟ (ଡିଇପିଡବ୍ଲ୍ୟୁଡି)

ଅନ୍ତ୍ୟୋଦୟ ଭବନ, ସି.ଜି.ଓ. କଂପ୍ଲେକ୍ସ, ଲୋଧିରୋଡ୍, ନୂଆଦିଲ୍ଲୀ-୧୧୦୦୦୩

ତାରିଖ : ୦୮ ସେପ୍ଟେମ୍ବର, ୨୦୨୬

**ଟେଣ୍ଡର ବିଜ୍ଞପ୍ତି ଆମନ୍ତ୍ରଣ (ଏନଆଇଟି)**

**କ୍ୟୁଆର-କୋଡ୍ ଆଧାରିତ ବିଶିଷ୍ଟ ଭିନ୍ନକ୍ଷମତା ପରିଚୟ ପତ୍ର (ୟୁଡିଆଇଡି କାର୍ଡ)ର ଛପା ଓ ପ୍ରେରଣ (ଡେସପାଚ୍) ନିମନ୍ତେ ସଂସ୍ଥାର ଚୟନ ।**

ଭିନ୍ନକ୍ଷମ ବ୍ୟକ୍ତି ସଶକ୍ତିକରଣ ବିଭାଗ (ଡିଇପିଡବ୍ଲ୍ୟୁଡି), ସାମାଜିକ ନ୍ୟାୟ ଓ ଅଧିକାରିତା ମନ୍ତ୍ରାଳୟ, ଭାରତ ସରକାର ୟୁନିକ୍ ଡିଜାବିଲିଟି ଆଇଡି (ୟୁଡିଆଇଡି) ପ୍ରକଳ୍ପ କାର୍ଯ୍ୟକାରୀ କରିବାକୁ ଯାଉଛି । ଏହାର ଲକ୍ଷ୍ୟ ଭିନ୍ନକ୍ଷମ (ପିଡବ୍ଲ୍ୟୁଡିଏସ୍)ର ଏକ ଜାତୀୟ ଡାଟାବେସ୍ ଏବଂ କ୍ୟୁଆର-କୋଡ୍ ଆଧାରିତ ୟୁନିକ୍ ଡିଜାବିଲିଟି ଆଇଡି (ୟୁଡିଆଇଡି) କାର୍ଡ ଦେଶବ୍ୟାପୀ ଯୋଗ୍ୟ ହିତାଧିକାରୀଙ୍କୁ ଜାରି କରିବ ।

୨. ଦୁଇ ନିବିଦା ପ୍ରଣାଳୀ ଅଧୀନରେ ଅନ୍‌ଲାଇନ ନିବିଦା ଆମନ୍ତ୍ରଣ (ବୈଷୟିକ ନିବିଦା ଓ ଆର୍ଥିକ ନିବିଦା) ଯୋଗ୍ୟ ତଥା ଅଭିଜ୍ଞ ସଂସ୍ଥାଗୁଡ଼ିକ ଠାରୁ ଆହ୍ୱାନ କରାଯାଉଛି । ଯେଉଁମାନେ କି ଛପା, ବ୍ୟକ୍ତିକରଣ (ପର୍ସନଲାଇଜେସନ), ପ୍ୟାକିଂ ଓ ପ୍ରେରଣ (ଡେସପାଚ୍) କ୍ୟୁଆର କୋଡ୍ ଆଧାରିତ ୟୁଡିଆଇଡି କାର୍ଡ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକର ଭିନ୍ନକ୍ଷମ ବ୍ୟକ୍ତିଙ୍କୁ ପଠାଯିବ ।

୩. ସଂପୂର୍ଣ୍ଣ ଟେଣ୍ଡର କାଗଜାତ ଆଧାରିତ ସବିଶେଷ ସର୍ତ୍ତ ଓ ନିୟମାବଳୀ, କାର୍ଯ୍ୟ ପରିସର ଯୋଗ୍ୟତା ପରିମାପକ ନିଲାମ ଦାଖଲ ପ୍ରକ୍ରିୟା ଏବଂ ଅନ୍ୟାନ୍ୟ ଆନୁସଙ୍ଗିକ ସୂଚନା ନିମ୍ନ ୱେବସାଇଟ୍ ଗୁଡ଼ିକରେ ମାଗଣାରେ ଡାଉନଲୋଡ୍ କରିପାରିବେ ।

କ. ଭିନ୍ନକ୍ଷମ ବ୍ୟକ୍ତି ସଶକ୍ତିକରଣ ବିଭାଗ : https://depwd.gov.in.

ଖ. କେନ୍ଦ୍ରୀୟ ପବ୍ଲିକ୍ ପ୍ରୋକ୍ୟୁରମେଣ୍ଟ ପୋର୍ଟାଲ (ସିପିପି) : https://eprocure.gov.in

୪. ଆଗ୍ରହୀ ନିଲାମ ଡକାଳି ସେମାନଙ୍କର ନିଲାମକୁ ଇଲେକ୍ଟ୍ରୋନିକ୍ ପଦ୍ଧତିରେ କେବଳ ସେଣ୍ଟ୍ରାଲ ପବ୍ଲିକ୍ ପ୍ରୋକ୍ୟୁରମେଣ୍ଟ ପୋର୍ଟାଲ (ସିପିପି) ମାଧ୍ୟମରେ ଦାଖଲ କରିପାରିବେ । ବୈଷୟିକ ନିବିଦା ଓ ଆର୍ଥିକ ନିବିଦା ସମସ୍ତ ସହାୟକ କାଗଜାତ ଉପଲବ୍ଧ ଅନୁପାଳନ ଯୋଗ୍ୟ ପରିମାପକ ସହିତ ନିଶ୍ଚିତ ଭାବରେ ୫ ଅକ୍ଟୋବର, ୨୦୨୬ ଅପରାହ୍ନ ୫:୩୦ ସୁଦ୍ଧା କିମ୍ବା ପୂର୍ବରୁ ଅପଲୋଡ୍ କରାଯିବା ଆବଶ୍ୟକ ।

୫. ନିର୍ଦ୍ଧାରିତ ତାରିଖ ଓ ସମୟ ପରେ ଗହଣ ହୋଇଥିବା ନିବିଦାକୁ ସାମିଲ କରାଯିବ ନାହିଁ । ମାନୁଆଲ ନିବିଦା ଦାଖଲ ଗ୍ରହଣ କରାଯିବ ନାହିଁ ।

୬. ଦିବ୍ୟାଙ୍ଗଜନ ସଂସ୍କୃତିକରଣ ବିଭାଗ ଅଧିକାର ସଂରକ୍ଷିତ ରଖେ ଯେ ଏହା କୌଣସି ନିବିଦା ବା ସମସ୍ତ ନିବିଦାକୁ ଆଂଶିକ ଭାବରେ ବା ସମଗ୍ର ଭାବରେ ଗ୍ରହଣ କରିପାରେ ଅବା ନାକଚ କରିପାରେ । ଏଥିଲାଗି ଯାହାବି କାରଣ ଥାଉ ତାହା ଦର୍ଶାଇବ ନାହିଁ । ବିଭାଗର ଏ କ୍ଷେତ୍ରରେ ନିଷ୍ପତ୍ତି ଚୂଡାନ୍ତ ଓ ସମସ୍ତ ନିଲାମ ଡକାଳି ଏଥିରେ ଆବଦ୍ଧ ।

୭. କୌଣସି ସଂଶୋଧନ, ସଂଯୁକ୍ତିକରଣ ଅବା ସ୍ପଷ୍ଟୀକରଣ ଏହି ଟେଣ୍ଡର ସଂକ୍ରାନ୍ତରେ ଥିଲେ ତାହାକୁ ଉପର ଲିଖିତ ୱେବସାଇଟ୍‌ରେ ପ୍ରକାଶ କରାଯିବ । ନିଲାମ ଡକାଳିମାନେ ଅପଡେଟ୍ (ସଦ୍ୟତନ) ନିମନ୍ତେ ନିୟମିତ ଭାବରେ ୱେବସାଇଟ୍ ଯାଞ୍ଚ କରିବାକୁ ପରାମର୍ଶ ଦିଆଯାଇଛି ।

**ନିର୍ଦ୍ଦେଶକ,**

cbc 38117/11/0015/2627 ୦୧୧-୨୪୩୬୪୩୯୧



ସାଧ୍ୱୀ ରତମ୍ଭରାଙ୍କ ଭଗବତ୍ କଥା ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ (ଫଟୋ-ଦିନଲିପି)




ମୁଖ୍ୟମନ୍ତ୍ରୀଙ୍କୁ ଭାରତୀୟ ଷ୍ଟେଟ ବ୍ୟାଙ୍କ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠି ପାଇଁ ୧.୩୦ କୋଟି ଟଙ୍କାର ଚେକ୍ ପ୍ରଦାନ କରୁଛନ୍ତି ଭାରତୀୟ ଷ୍ଟେଟ ବ୍ୟାଙ୍କର ସିଜିଏମ ରାକେଶ କୁମାର ଯାଦବ

# ୩ଶହ ଲିଟର ମଦ ଜବତ, ୨ ଗିରଫ

**ଭଦ୍ରକ, ୧/୯(ନିପ୍ର):** ଆଗରପଡ଼ା ପୋଲିସ ୩ଶହ ଲିଟର ଦେଶୀ ମଦ ଜବତ୍ କରିବା ସହ ଏଥିରେ ସଂପୃକ୍ତ ୨ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଥିବାର ଜଣାପଡ଼ିଛି। ସୋମବାର ସୋସୋ ଥାନା ଅନ୍ତର୍ଗତ ଢେଙ୍କା ରୁ ଆଗରପଡ଼ା କୁ ଚୋରା ମଦ ଗାଡ଼ି ଆସୁଥିବାର କୌଣସି ସୂତ୍ରରୁ ଖବର ପାଇ ଆଗରପଡ଼ା ଥାନାଧିକାରୀ ରାଜେଶ ସେଠୀ କର୍ମଚାରୀମାନଙ୍କ ସହ ଜଗି ରହିଥିଲେ। ଓଡି-୨୨ଜେ-୭୩୨୦ ନମ୍ବର ବିଶିଷ୍ଟ ଏକ ଡାଲା ଅଟୋକୁ ଅଟକାଇ ତନଖି କରିଥିଲେ । ସେଥିରେ ଦେଶୀ ମଦ ଲଦା ହୋଇଥିବାର ପୋଲିସ୍ ଦେଖିବାକୁ ପାଇଥିଲା । ମଦର ଆବଶ୍ୟକୀୟ କାଗଜପତ୍ର ଦେଖାଇ ନ ପାରିବାରୁ ଅଟୋ ଡ୍ରାଇଭର ମନୋଜ ସା ଓ ରାଜୀବ ସା ଙ୍କୁ ଗିରଫ କରିବା ସହ ୩ଶହ ଦେଶୀ ମଦ ଓ ଅଟୋ କୁ ପୋଲିସ ଜବତ୍ କରିଛି ।

# ରେଭେନ୍ସାରେ ହଷ୍ଟେଲ ସିଟ୍ ସଂକଟ

**କଟକ, ୭/୯(ନିପ୍ର):** ରାଜ୍ୟର ଏକ ପ୍ରମୁଖ ଶିକ୍ଷାନୁଷ୍ଠାନ ରେଭେନ୍ସା ବିଶ୍ୱବିଦ୍ୟାଳୟରେ ହଷ୍ଟେଲ ସିଟ୍‌କୁ ନେଇ ଦେଖାଦେଇଛି ବଡ଼ ସମସ୍ୟା । ଛାତ୍ରଛାତ୍ରୀଙ୍କ ସଂଖ୍ୟା ତୁଳନାରେ ହଷ୍ଟେଲ ସିଟ୍ ନଥିବାରୁ ଅନେକ ଛାତ୍ରଛାତ୍ରୀ ହଷ୍ଟେଲ ସୁବିଧାରୁ ବଞ୍ଚିତ ହେଉଛନ୍ତି । ଫଳରେ କ୍ୟାମ୍ପସ୍ ବାହାରେ ଘରୋଇ ହଷ୍ଟେଲ ଓ ମେସ୍‌ରେ ଅଧିକ ଟଙ୍କା ଖର୍ଚ୍ଚ କରି ରହିବାକୁ ପଡୁଛି । ପାଠପଢ଼ା ବ୍ୟବସ୍ଥା, ଶିକ୍ଷା ଭିତ୍ତିଭୂମି ଓ ରହିବା ସୁବିଧା ପାଇଁ ଅନେକ ଛାତ୍ରଛାତ୍ରୀ ରେଭେନ୍ସା ବିଶ୍ୱବିଦ୍ୟାଳୟରେ ନାମ ଲେଖାଇଥାନ୍ତି । ହେଲେ ବର୍ତ୍ତମାନ ଏଠାରେ ଛାତ୍ରଛାତ୍ରୀଙ୍କ ପାଇଁ ସବୁଠୁ ବଡ଼ ସମସ୍ୟା ପାଲଟିଛି ହଷ୍ଟେଲ । ରେଭେନ୍ସାରେ ୪୦ରୁ ଅଧିକ ବିଭାଗରେ ୭ ହଜାରରୁ ଅଧିକ ଛାତ୍ରଛାତ୍ରୀ ପାଠ ପଢୁଛନ୍ତି। ହେଲେ ସେମାନଙ୍କ ରହିବା ପାଇଁ ବିଶ୍ୱବିଦ୍ୟାଳୟରେ ରହିଛି ମାତ୍ର ୧୩ଟି ହଷ୍ଟେଲ । ଏହି ହଷ୍ଟେଲଗୁଡ଼ିକରେ ମୋଟ୍ ସିଟ୍ ସଂଖ୍ୟା ହେଉଛି ପ୍ରାୟ ୩ ହଜାର ୪୫୦ । ଅର୍ଥାତ୍ ଛାତ୍ରଛାତ୍ରୀଙ୍କ ସଂଖ୍ୟା ତୁଳନାରେ ହଷ୍ଟେଲ ସିଟ୍‌ର ଅଭାବ ସ୍ପଷ୍ଟ ହୋଇଛି । ରେଭେନ୍ସା ବିଶ୍ୱବିଦ୍ୟାଳୟର ୧୩ଟି ହଷ୍ଟେଲ ମଧ୍ୟରୁ ଛାତ୍ରଙ୍କ ପାଇଁ ୭ଟି ଏବଂ ଛାତ୍ରୀଙ୍କ ପାଇଁ ୬ଟି ହଷ୍ଟେଲ ରହିଛି । କ୍ୟାମ୍ପସ୍ ଭିତରେ ଛାତ୍ରଙ୍କ ପାଇଁ ୬ଟି ହଷ୍ଟେଲ ଥିବାବେଳେ ଯୋବ୍ରା ନିକଟରେ କ୍ୟାମ୍ପସ୍ ବାହାରେ ଆଉ ଏକ ଛାତ୍ରାବାସ ରହିଛି । ସେହିପରି ଛାତ୍ରୀଙ୍କ ପାଇଁ ପୁରୁଣା କ୍ୟାମ୍ପସ୍‌ରେ ୫ଟି ହଷ୍ଟେଲ ଥିବାବେଳେ ନରାଜସ୍ଥିତ ଦ୍ୱିତୀୟ କ୍ୟାମ୍ପସ୍‌ରେ ଆଉ ଗୋଟିଏ ହଷ୍ଟେଲ ରହିଛି । ଛାତ୍ରଛାତ୍ରୀଙ୍କ ଆବେଦନ ତୁଳନାରେ ସୀମିତ ହଷ୍ଟେଲ ସିଟ୍ ଥିବାରୁ ମେରିଟ୍ ଏବଂ ଘରଠାରୁ ଦୂରତ୍ୱ ଆଧାରରେ ହଷ୍ଟେଲ ଆବଣ୍ଟନ କରାଯାଉଛି । ମେସ୍‌ରେ ଅଧିକ ଟଙ୍କା ଖର୍ଚ୍ଚ କରି ରହିବାକୁ ପଡୁଥିବା କୁହାଯାଇଛି ।

## ଜୟନଗର ସେବାଶ୍ରମ ସ୍କୁଲରେ ମଧ୍ୟାହ୍ନ ଭୋଜନରେ ଝିଟିପିଟି

# ଅସୁସ୍ଥ ହେଲେ ଶତାଧିକ ଛାତ୍ରଛାତ୍ରୀ



**ଧାମନଗର,୭/୯(ନିପ୍ର):** ଧାମନଗର ନିକଟସ୍ଥ ଜୟନଗର ସେବାଶ୍ରମ ସ୍କୁଲରେ ମଧ୍ୟାହ୍ନ ଭୋଜନ ଖାଇ ଛାତ୍ରଛାତ୍ରୀ ଅସୁସ୍ଥ ହୋଇ ଧାମନଗର ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ମଧ୍ୟାହ୍ନ ଭୋଜନରେ ତରକାରୀରୁ ଝିଟିପିଟି ବାହାରିଥିବା ଅଭିଯୋଗ ହୋଇଛି । ସୂଚନାନୁସାରେ ଉକ୍ତ ବିଦ୍ୟାଳୟରେ ଶିଶୁବାଟିକାଠାରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ମୋଟ ୧୩୬ ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି। ସୋମବାର ୧୩୦ ଜଣ ଛାତ୍ରଛାତ୍ରୀ ସ୍କୁଲକୁ ଆସିଥିଲେ। ପଞ୍ଚମ ଶ୍ରେଣୀର ଛାତ୍ର ଲିକିଲ ମଲ୍ଲିକ ମଧ୍ୟାହ୍ନ ଭୋଜନ ଖାଉଥିବା ବେଳେ ତାଙ୍କ ତରକାରୀରେ ଝିଟିପିଟି ଥିବା ଦେଖି ଶିକ୍ଷକଙ୍କୁ ଜଣାଇଥିଲେ। ପରେ ଘଟଣାଟି ସାମ୍ନାକୁ ଆସିଥିଲା। ଏହାପରେ କିଛି ଛାତ୍ରଛାତ୍ରୀଙ୍କ ମୁଣ୍ଡବିନ୍ଧା ଓ ବାନ୍ତି ହେବାରୁ ତୁରନ୍ତ ସମସ୍ତଙ୍କୁ ଧାମନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସମସ୍ତ ଅସୁସ୍ଥ ଛାତ୍ରଛାତ୍ରୀଙ୍କୁ ସେଠାରେ ଚିକିତ୍ସା କରାଯାଇଥିଲା। ସେମାନଙ୍କ ମଧ୍ୟରୁ ଜଣେ ଛାତ୍ର ଓ ଜଣେ ଛାତ୍ରୀ ଅଧିକ ଗୁରୁତର ଥିବା ଜଣାପଡ଼ିଛି। ସେମାନଙ୍କୁ ସାଲାଇନ ଦିଆଯାଉଥିବା ସୂଚନା ମିଳିଛି। ପ୍ରତ୍ୟେକ ପିଲାଙ୍କୁ ଔଷଧ ଓ ଓଆରଏସ ପ୍ରଦାନ କରାଯାଉଛି।ଘଟଣାକୁ ନେଇ ଅଭିଭାବକଙ୍କ ମଧ୍ୟରେ ଉଦ୍‌ବେଗ ପ୍ରକାଶ ପାଇଛି। ମଧ୍ୟାହ୍ନ ଭୋଜନ ପ୍ରସ୍ତୁତି ଓ ପରିବେଷଣରେ କିପରି ଏଭଳି ଅବହେଳା ହେଲା, ତାହାର ତଦନ୍ତ କରି ଦାୟୀ ବ୍ୟକ୍ତିଙ୍କ ବିରୋଧରେ ଆବଶ୍ୟକ ପଦକ୍ଷେପ ନେବାକୁ ଦାବି ହୋଇଛି।

# କମ୍ପୋଷ୍ଟ ପ୍ରକ୍ରିୟାକରଣ ସ୍ଥାପନକୁ ନେଇ ଅଞ୍ଚଳବାସୀଙ୍କ ଅଭିଯୋଗ



ରାୟଗଡା:୭/୯(ନି:ପ୍ର) ରାୟଗଡା ପୌରପାଳିକା କମ୍ପୋଷ୍ଟ ୟୁନିଟ ପ୍ରକ୍ରିୟାକରଣ ସମ୍ପ୍ରସାରଣ ଓ ସାଇପ୍ରିୟା ନଗରରେ ସ୍ଥାପନକୁ ନେଇ ଅଞ୍ଚଳବାସୀଙ୍କ ଅଭିଯୋଗ। ଆଜି ରାୟଗଡା ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି କକ୍ଷରେ ସାଇପ୍ରିୟା ନଗର ୪୭ଏମ୍ ବାସିନ୍ଦା ସାକ୍ଷାତ କରି ଏକ ଅଭିଯୋଗପତ୍ର ପ୍ରଦାନ କରି ଓ ପୌରପାଳିକା କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରି ଅବଗତ କରାଇଛନ୍ତି ଯେ, କମ୍ପୋଷ୍ଟ ପ୍ରକ୍ରିୟାକରଣ ୟୁନିଟ ସ୍ଥାପନକୁ ନେଇ ସାଇପ୍ରିୟାନଗର ୪୩ଏମ ବାସିନ୍ଦା ଅଭିଯୋଗ ପୁର୍ବକ ଜିଲ୍ଲାପାଳ ଓ ପୌର ନିର୍ବାହୀ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରି କହିଛନ୍ତି ଯେ, ଏହାଯୋଗୁଁ ଅଞ୍ଚଳର ପରିବେଶ ପ୍ରଦୂଷଣ, ସ୍ୱାସ୍ଥ୍ୟପ୍ରତି ବିପଦ, ମଶା, ମାଛିଙ୍କ ପ୍ରାଦୁର୍ଭାବ ବୃଦ୍ଧି ପାଇ ମ୍ୟାଲେରିଆ, ଡେଙ୍ଗୁ, ଓ ଚିକେନଗୁନିଆ ଭଳି ମାରାତ୍ମକ ରୋଗ ବ୍ୟାପିବା ସମ୍ଭାବନାକୁ ଦ୍ୱିଗୁଣିତ କରିଦେଇଥିବା ବେଳେ ସମ୍ପୂର୍ଣ ଅଂଚଳଟି ପୂତିଗନ୍ଧମୟ ହୋଇ ଶ୍ୱାସଜନିତ ସମସ୍ୟା ସୃଷ୍ଟି ହେବାର ଯଥେଷ୍ଟ ସମ୍ଭାବନାକୁ ନେଇ ଅଞ୍ଚଳବାସୀ ଭୟଭୀତ ରହିଛନ୍ତି। ଦୁର୍ଗନ୍ଧରେ ନାକ ଫାଟିପଡୁଥିବାରୁ ପିଲାମାନେ ଏକ ପ୍ରକାର ଏଲର୍ଜି ରୋଗରେ ପୀଡ଼ିତ ହେଉଥିବା ମା ମାନେ କହିଛନ୍ତି। ଏଥିସହ ଭୂତଳଜଳ ଦୂଷିତ ହେବାର ସମ୍ଭାବନା ରହିଥିବାରୁ ଏହାଦ୍ୱାରା ପ୍ରଭୂତ କ୍ଷତିର ସମ୍ଭାବନା ରହିଛି। ଅଳିଆ ଆବର୍ଜନାରେ ପରିପୂର୍ଣ ହୋଇ ଅଂଚଳଟି ସ୍ୱଚ୍ଛ ପରିବେଶ ସହ ଏକ ପ୍ରଦୂଷଣ ମୁକ୍ତ ବାତାବରଣ ପ୍ରତି ବିପଦ ବୋଲି କହିଛନ୍ତି ମହିଳାମାନେ।

# ଲୋକଙ୍କ ମୌଳିକ ସମସ୍ୟା ସମାଧାନ କରୁଛି ସିପିଗ୍ରାମ୍ସ ପୋର୍ଟାଲ

ଭୁବନେଶ୍ୱର, ୭/୯(ପିଆଇବି): ଭାରତ ସରକାରଙ୍କ କେନ୍ଦ୍ରୀକୃତ ସାଧାରଣ ଅଭିଯୋଗ ସମାଧାନ ଏବଂ ଅନୁଧ୍ୟାନ ପ୍ରଣାଳୀ (ସିପିଗ୍ରାମ୍ସ) ପୋର୍ଟାଲ୍ ସାଧାରଣ ଲୋକଙ୍କ ଅଭିଯୋଗ ସମାଧାନରେ ବିଶେଷ ଭାବେ ସହାୟକ ହେଉଛି । ଏହାର ସଦ୍ୟତମ ଉଦାହରଣ ଦେଖିବାକୁ ମିଳିଛି ଓଡ଼ିଶାର ବାଲେଶ୍ୱର ଏବଂ ଯାଜପୁର ଜିଲ୍ଲାରେ । ବାଲେଶ୍ୱର ଜିଲ୍ଲା ବାଲିକୁଟି ଗ୍ରାମ ପଞ୍ଚାୟତ ଅଧୀନ ବାଲିକୁଟି ସରକାରୀ ହାଇସ୍କୁଲ ନିକଟରେ ଦୀର୍ଘ ଦିନ ଧରି ଷ୍ଟ୍ରିଟ୍ ଲାଇଟ୍ ଅଚଳ ହୋଇଯାଇଥିଲା । ସୂର୍ଯ୍ୟାସ୍ତ ପରେ ସେହି ଅଞ୍ଚଳ ଦେଇ ଯାତାୟାତ କରିବା ସ୍ଥାନୀୟ ଲୋକଙ୍କ ପାଇଁ ଅସୁରକ୍ଷିତ ହୋଇପଡୁଥିଲା । ଏପରିକି ରାତିରେ ଅନ୍ଧକାରର ସୁଯୋଗ ନେଇ ସେଠାରେ ଅସାମାଜିକ ତତ୍ତ୍ୱଙ୍କ ଉପଦ୍ରବ ଆଶଙ୍କା ରହୁଥିଲା। ଏ ସମ୍ପର୍କରେ ବାରମ୍ବାର ଅଭିଯୋଗ ସତ୍ତ୍ୱେ ସ୍ଥାନୀୟ ପ୍ରଶାସନ ସେଥିପ୍ରତି କର୍ଣ୍ଣପାତ କରିନଥିଲା । ଫଳରେ ସ୍ଥାନୀୟ ଅଞ୍ଚଳର ବାସିନ୍ଦା ଜଗଦୀଶ ଗିରି ଏ ସମ୍ପର୍କରେ ସିପିଗ୍ରାମ୍ସ ପୋର୍ଟାଲରେ ଅଭିଯୋଗ କରିଥିଲେ । କେନ୍ଦ୍ର ପଞ୍ଚାୟତିରାଜ ମନ୍ତ୍ରଣାଳୟ ଅଭିଯୋଗକୁ ଅନୁଧ୍ୟାନ କରି ରାଜ୍ୟ ସରକାରଙ୍କୁ ଏହାର ସମାଧାନ ପାଇଁ ନିର୍ଦ୍ଦେଶ ଦେଇଥିଲା । ସ୍ଥାନୀୟ ବିଡିଓ ଏବଂ ବୈଷୟିକ କର୍ମଚାରୀମାନେ ସେହି ସ୍ଥାନରେ ସ୍ଥିତି ଅନୁଧ୍ୟାନ କରିବା ପରେ ସମସ୍ୟାର ତୁରନ୍ତ ସମାଧାନ ହୋଇଥିଲା । ବର୍ତ୍ତମାନ ସେଠାରେ ପୁଣିଥରେ ଷ୍ଟ୍ରିଟ୍ ଲାଇଟ୍ ଜଳିବା ଆରମ୍ଭ ହୋଇଛି। ଅନୁରୂପ ଭାବେ, ସିପିଗ୍ରାମ୍ସ ପୋର୍ଟାଲରେ ଅଭିଯୋଗ ପରେ ଯାଜପୁର ଜିଲ୍ଲା ଧର୍ମଶାଳା ବ୍ଲକ କାଇମାଟିଆ ଗ୍ରାମପଞ୍ଚାୟତରେ ରାସ୍ତା ମରାମତି କରାଯାଇଛି ।

# ଉପଭୋକ୍ତା ସଂପ୍ରଦାୟକୁ ସଶକ୍ତ କରୁଛି ଟିପିଏସ୍‌ଓଡିଏଲ୍




**ବ୍ରହ୍ମପୁର, ୭/୯(ନିପ୍ର):** ଦକ୍ଷିଣ ଓଡ଼ିଶାରେ ଡିଜିଟାଲ ସାକ୍ଷରତାକୁ ବଢ଼ାଇବା ଉଦ୍ଦେଶ୍ୟରେ ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିଏସ୍‌ଓଡିଏଲ୍) ପକ୍ଷରୁ ଡିଜିଟାଲ ସଶକ୍ତିକରଣ ପଦକ୍ଷେପମାନ ଗ୍ରହଣ କରାଯାଇଛି । ଏହି ଯୋଜନା ଅଧିନରେ ଟିପିଏସ୍‌ଓଡିଏଲ୍ କାର୍ଯ୍ୟକ୍ଷେତ୍ର ଅଧିନରେ ଆସୁଥିବା ୮ ଜିଲ୍ଲାର ୪୦ଟି ଗ୍ରାମପଞ୍ଚାୟତ ଅଧିନରେ ୮୦ ହଜାର ପରିବାରଙ୍କ ନିକଟରେ ପହଞ୍ଚିବାକୁ କମ୍ପାନୀ ଲକ୍ଷ୍ୟ ରଖିଛି । ଘରକୁଘର ଯାଇ ସଚେତନତା ସୃଷ୍ଟି, ଗ୍ରାମସ୍ତରୀୟ ବୈଠକ ଏବଂ ସଚେତନତା ଶିବିର ମାଧ୍ୟମରେ ଏହି କାର୍ଯ୍ୟକ୍ରମ କରାଯାଉଛି। ଡିଜିଟାଲ ସେବା ଓ ପ୍ରଯୁକ୍ତି ସହିତ ଲୋକଙ୍କୁ ଅଧିକ ପରିଚିତ ଏବଂ ସହଜ କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଅଟେ। ଏହି ପଦକ୍ଷେପରେ ବିଶେଷ ଭାବେ ଯୁବକଯୁବତୀ, କୃଷକ, ଗୃହିଣୀ, କ୍ଷୁଦ୍ର ବ୍ୟବସାୟୀ ଏବଂ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟମାନଙ୍କୁ ସାମିଲ କରାଯାଉଛି । ହିତାଧିକାରୀମାନଙ୍କୁ ଅନଲାଇନ୍ ସେବା, ଡିଜିଟାଲ ପ୍ଲାଟଫର୍ମ ଏବଂ ବିଭିନ୍ନ ସରକାରୀ କଲ୍ୟାଣମୂଳକ ଯୋଜନାର ସୁବିଧା ନେବା ପାଇଁ ସଶକ୍ତ କରାଯାଉଛି। ଏଥିସହିତ ପିଏମ୍-କିଷାନ୍, ସିଏମ୍-କିଷାନ୍, ପିଏମ୍-ସୂର୍ଯ୍ୟଘର ମାଗଣା ବିଜୁଳି ଯୋଜନା, ପିଏମଜେଜେବିୱାଇ ଓ ଆୟୁଷ୍ମାନ ଭାରତ ଭଳି ପ୍ରମୁଖ ଯୋଜନାକୁ ପ୍ରାଧାନ୍ୟ ଦିଆଯାଉଛି। ଏହି ପଦକ୍ଷେପରେ ଚାରିଟି ପ୍ରମୁଖ କ୍ଷେତ୍ର ଉପରେ ଗୁରୁତ୍ୱ ଦିଆଯାଉଛି। ଡିଜିଟାଲ ସାକ୍ଷରତା ଓ ସରକାରୀ ଯୋଜନା ସମ୍ପର୍କରେ ସଚେତନତା, ସାଇବର ସୁରକ୍ଷା ଓ ଆର୍ଥିକ ସାକ୍ଷରତା, ସୌର ଶକ୍ତି ସମ୍ପର୍କରେ ସଚେତନତା ଏବଂ ଇ-ବିଲିଂ ଓ ଡିଜିଟାଲ ପେମେଣ୍ଟ ସମ୍ପର୍କରେ ସଚେତନତା । ଆଲୋଚନା ଓ ବାର୍ତ୍ତାଳାପ ମାଧ୍ୟମରେ ଅଂଶଗ୍ରହଣକାରୀମାନଙ୍କୁ ସୁରକ୍ଷିତ ଭାବେ ଇଣ୍ଟରନେଟ୍ ବ୍ୟବହାର, ଠକେଇରୁ ସୁରକ୍ଷା ଏବଂ ଦାୟିତ୍ୱପୂର୍ଣ୍ଣ ଆର୍ଥିକ ପରିଚାଳନା ସମ୍ପର୍କରେ ସଚେତନ କରାଯାଉଛି। ଏଥିସହିତ ଅକ୍ଷୟ ଶକ୍ତି, ଡିଜିଟାଲ କାରବାର, ଅନଲାଇନ୍ ବିଦ୍ୟୁତ ବିଲ୍ ପେମେଣ୍ଟ ଏବଂ ଡିଜିଟାଲ ଆଲର୍ଟ, ନୋଟିଫିକେସନ୍ ଓ ପପ୍-ଅପ୍‌ର ସଠିକ୍ ବ୍ୟବହାର ସମ୍ପର୍କରେ ମଧ୍ୟ ସଚେତନତା ସୃଷ୍ଟି କରାଯାଉଛି।

# ସରକାରୀ ଅଧିକାରୀଙ୍କୁ ଭୟଭୀତ କରି ବଟି ଆଦାୟ

# ୨ ସାମ୍ବାଦିକ ସହ ଜଣେ ଗିରଫ

ଭବାନୀପାଟଣା,୭।୯(ନିପ୍ର): ଜଣେ ସରକାରୀ ଅଧିକାରୀଙ୍କୁ ବ୍ଲାକମେଲ କରିବା ସହ ଭୟଭୀତ କରି ବଟି ନେବା ଘଟଣାରେ ୨ ସାମ୍ବାଦିକ ସହ ଜଣେ ଗିରଫ ହେବା କଳାହାଣ୍ଡି ଜିଲାରେ ଏବେ ଚର୍ଚ୍ଚାର ବିଷୟ ହୋଇଛି। ଗିରଫ ୨ ଖବରଦାତା ହେଲେ ଜିଲାର ଜୁନାଗଡ଼ର ଦୁଷ୍ମନ୍ତ ପଣ୍ଡା ଓ ଅନୀଲ ପଣ୍ଡା। ଅନ୍ୟ ଜଣେ ହେଲେ ନିରଞ୍ଜନ ସତପଥୀ ଓରଫ କାଳିଆ । ମିଳିଥିବା ସୂଚନା ଅନୁଯାୟୀ, ଜୁନାଗଡ଼ ଏଫସିଆଇର ପରିଚାଳକ ସରୋଜ ଖୁଣ୍ଟିଆଙ୍କୁ ଗତ ୫ ତାରିଖ ସନ୍ଧ୍ୟାରେ ଉପରୋକ୍ତ ଅଭିଯୁକ୍ତମାନେ ଭବାନୀପାଟଣା ନକଟିଗୁଡା ଛକ ସ୍ୱସ୍ତି ମାର୍ଟଠାରେ ଅଟକାଇ ବ୍ଲାକମେଲ କରିବା ସହ ଭୟଭୀତ କରି ୫୦ ହଜାର ଟଙ୍କା ବଟି ନେଇଥିଲେ। ଏହାକୁ ନେଇଁ ଏଫସିଆଇ ପରିଚାଳକ ଖୁଣ୍ଟିଆ ରବିବାର ଭବାନୀପାଟଣା ଟାଉନ ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା ନଂ(୩୭୯/୨୦୨୬) ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ପରେ ଘଟଣାରେ ସଂପୃକ୍ତ ଥିବା ଉପରୋକ୍ତ ୩ ଅଭିଯୁକ୍ତଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି।

# ସମାଜ ଗଠନରେ ଅବଦାନ ପାଇଁ ୧୦ ଶିକ୍ଷକଙ୍କୁ ସମ୍ମାନିତ କଲା ଇନରହ୍ୱିଲ୍ କ୍ଲବ



**ଭୁବନେଶ୍ୱର, ୭/୯(ନିପ୍ର):** ସମାଜ ଗଠନରେ ଶିକ୍ଷକମାନଙ୍କ ଅତୁଳନୀୟ ଅବଦାନ ଓ ନିଷ୍ଠାକୁ ସମ୍ମାନ ଜଣାଇ ଇନର ହ୍ୱିଲ୍ କ୍ଲବ୍ ଅଫ୍ ଭୁବନେଶ୍ୱର ଟେମ୍ପଲ୍ ସିଟି ପକ୍ଷରୁ ୧୦ ଜଣ ଶିକ୍ଷକଙ୍କୁ ସମ୍ମାନିତ କରାଯାଇଛି। ରାଜଭବନ ୟୁପି ସ୍କୁଲ୍ ପରିସରରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଶିକ୍ଷକମାନଙ୍କୁ ସମ୍ମାନିତ କରାଯାଇଥିଲା। ଶିକ୍ଷକମାନଙ୍କୁ ସମ୍ମାନପତ୍ର ପ୍ରଦାନ କରାଯିବା ସହିତ ଷ୍ଟିଲ୍ ବୋତଲ, ଟିଫିନ୍ ଓ ଜୁଟ୍ ବ୍ୟାଗ୍ ଆଦି ସ୍ମୃତିଚିହ୍ନ ଭାବେ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଧାୟକ ଅନନ୍ତ ନାରାୟଣ ଜେନା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଶିକ୍ଷକମାନେ ନୂତନ ପିଢ଼ିକୁ ଶିକ୍ଷିତ ଓ ଦାୟିତ୍ୱବାନ ନାଗରିକ ଭାବେ ଗଢ଼ି ତୋଳିବାରେ ଯେଉଁ ନିଷ୍ଠା ଓ ସମର୍ପଣର ସହ କାର୍ଯ୍ୟ କରୁଛନ୍ତି, ତାହା ଅତ୍ୟନ୍ତ ପ୍ରଶଂସନୀୟ ବୋଲି କ୍ଲବ୍ ପକ୍ଷରୁ କୁହାଯାଇଛି। ଏଭଳି ଜାତି ନିର୍ମାତାଙ୍କୁ ସମ୍ମାନିତ କରିବା ସମାଜର ପ୍ରତ୍ୟେକ ନାଗରିକଙ୍କ ଦାୟିତ୍ୱ ବୋଲି ମତ ପ୍ରକାଶ ପାଇଛି।

# ଏମଏମଡିଆରକୁ ବିରୋଧ କରି ୯ରେ ଧାରଣାକୁ ଓହ୍ଲାଇବ ବିଜେଡି



**ଭୁବନେଶ୍ୱର, ୭/୯(ନିପ୍ର):** ଏମଏମଡିଆର ସଂଶୋଧନକୁ ବିରୋଧ କରି ବିଜେଡି ପକ୍ଷରୁ ଧାରଣା ଦିଆଯାଇଛି । ରାଜ୍ୟର ଖଣିଜ ସମ୍ପଦ ଉପରେ ରାଜ୍ୟର ଅଧିକାର ଓ ଖଣିଜ ରାଜସ୍ୱ ସୁରକ୍ଷା ଦାବିରେ ଦଳ ପକ୍ଷରୁ ପ୍ରତିବାଦ କରାଯାଇଛି । ବିଜେଡ଼ି ଅଭିଯୋଗ କରିଛି, ଏମଏମଡିଆର ସଂଶୋଧନ ଦ୍ୱାରା ଖଣିଜ ସମ୍ପଦ ଥିବା ରାଜ୍ୟଗୁଡ଼ିକର ଆର୍ଥିକ ଅଧିକାର ପ୍ରଭାବିତ ହୋଇପାରେ । ଏହାଦ୍ୱାରା ଓଡ଼ିଶା ଭଳି ଖଣିଜ ସମୃଦ୍ଧ ରାଜ୍ୟର ରାଜସ୍ୱ ଉପରେ ପ୍ରଭାବ ପଡ଼ିବ ବୋଲି ଦଳ ଯୁକ୍ତି ବାଢ଼ିଛି । ଖଣିଜ ସମ୍ପଦରୁ ମିଳୁଥିବା ଲାଭର ନ୍ୟାୟସଙ୍ଗତ ଅଂଶ ରାଜ୍ୟ ଓ ଖଣି ପ୍ରଭାବିତ ଲୋକଙ୍କୁ ମିଳିବା ଉଚିତ ବୋଲି ବିଜେଡି ଦାବି କରିଛି । ଏମଏମଡିଆର ସଂଶୋଧନ ପ୍ରସଙ୍ଗରେ ଦଳର ଏହି ପ୍ରତିବାଦ ଆଗକୁ କେଉଁ ରୂପ ନେଉଛି, ତାହା ଉପରେ ଏବେ ନଜର ।

# ସ୍ତ୍ରୀକୁ ଗୁଳିକରି ହତ୍ୟା: ଅଭିଯୁକ୍ତ ସ୍ୱାମୀ ଅଟକ

ରେଢ଼ାଖୋଲ ୭।(ନିପ୍ର): ପାରିବାରିକ କଳହରୁ ଜଘନ୍ୟ ହତ୍ୟାକାଣ୍ଡ ଘଟିଛି। ସ୍ତ୍ରୀକୁ ଗୁଳି କରି ମାରିଦେଲା ସ୍ୱାମୀ, ଦେଶୀ ବନ୍ଧୁକ ସହ ଅଭିଯୁକ୍ତ ଅଟକ ରହିଛି । ଘରୋଇ କଳହରୁ ଏକ ଅଭାବନୀୟ ଓ ମର୍ମନ୍ତୁଦ ଘଟଣା ଘଟିଥିବା କୁହାଯାଉଛି। ରେଢ଼ାଖୋଲ ଥାନା ଘୋସରା ମାଳ ପଞ୍ଚାୟତ ଅନ୍ତର୍ଗତ ଲାଣ୍ଡିମାଲ ଗ୍ରାମରେ ମୃତା ମହିଳା ଜଣକ ହେଲେ ଅମ୍ବିକା ମିର୍ଦ୍ଧା ଏବଂ ଅଭିଯୁକ୍ତ ସ୍ୱାମୀ ହେଉଛନ୍ତି ଚରଣ ମିର୍ଦ୍ଧା। ମିଳିଥିବା ସୂଚନା ଅନୁଯାୟୀ, ସୋମବାର ସକାଳୁ ବିଲକୁ ଘାସ ବାଛି ଯାଇଥିଲା ସ୍ତ୍ରୀ । ସେଠାରୁ ଘରକୁ ଆସିବା ପରେ ପରିବାର ଭିତରେ କୌଣସି କଥାକୁ ନେଇ ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ବଚସା ଲାଗି ରହିଥିଲା। ଉତ୍ତେଜନା ଚରମ ସୀମାରେ ପହଞ୍ଚିବା ପରେ ଅଭିଯୁକ୍ତ ଚରଣ ଉତକ୍ଷିପ୍ତ ହୋଇ ଏକ ଦେଶୀ ବନ୍ଧୁକରୁ ଅମ୍ବିକାଙ୍କ ଉପରକୁ ଗୁଳି ଚଳାଇ ଦେଇଥିଲେ। ଗୁଳିମାଡ଼ରେ ଗୁରୁତର ଆହତ ହୋଇ ଅମ୍ବିକାଙ୍କର ଘଟଣାସ୍ଥଳରେ ହିଁ ମୃତ୍ୟୁ ହୋଇଥିଲା । ଘଟଣା ସମ୍ପର୍କରେ ଖବର ପାଇ ରେଢ଼ାଖୋଲ ପୋଲିସ ତତ୍‌କ୍ଷଣାତ୍ ଘଟଣାସ୍ଥଳରେ ପହଞ୍ଚିଥିଲା। ପରେ ପାରିପାର୍ଶ୍ୱିକ ସ୍ଥିତିକୁ ଦେଖି ତଦନ୍ତ ଆରମ୍ଭ କରୁଥିବା ଜଣାପଡିଛି । ହତ୍ୟାକାଣ୍ଡରେ ବ୍ୟବହୃତ ଦେଶୀ ବନ୍ଧୁକକୁ ପୋଲିସ ଜବତ କରିଥିବାବେଳେ ଅଭିଯୁକ୍ତ ସ୍ୱାମୀ ଚରଣ ମିର୍ଦ୍ଧାଙ୍କୁ ଥାନାରେ ଅଟକ ରଖି ଅଧିକ ପଚରାଉଚରା ଜାରି ରଖିଛି।

**AFFIDAVIT**

By virtue of an affidavit sworn before The Executive Magistrate, Nimapara affidavit no.9 dtd.01.09.2026, I Sukadeb Biswal S/o Balakrushna Biswal At-Ateihuda, Po-Baharana, Ps-Charichhak, Dist-Puri Odisha, Pin-752120 do hereby declare that, I have changed my name from Dukhadeb Biswal to Sukadeb Biswal. Henceforth I shall be known as Sukadeb Biswal for all purposes.

**Sd/-Sukadeb Biswal**

**AFFIDAVIT**

By virtue of an affidavit sworn before The Executive Magistrate, Phulbani affidavit no.2476 dtd.28.08.2026, I Abhimanyu Sahani S/o Late Arjuna Sahani At-Ashri Sahi Po-Bisipada, Ps-Phulbani Sadar, Dist-Kandhamal Odisha-762001 do hereby declare that I have changed my daughter's name from Aisha Kumari Sahani to Aayesha Kumari. Henceforth she shall be known as Aayesha Kumari for all purposes.

**Sd/-Abhimanyu Sahani**

# ନାଲ୍‌କୋର ଏମିରେଟ୍ସ ଗ୍ଲୋବାଲ୍ ଆଲୁମିନିୟମ ସହ ପ୍ରଯୁକ୍ତି ସହଭାଗିତା ଚୁକ୍ତି ସ୍ୱାକ୍ଷରିତ




ଅନୁଗୁଳ/ଭୁବନେଶ୍ୱର, ୭/୯(ନିପ୍ର): ଭାରତ ସରକାରଙ୍କ ଖଣି ମନ୍ତ୍ରଣାଳୟ ଅଧିନସ୍ଥ ନବରତ୍ନ ଲୋକ ଔଦ୍ୟୋଗ ନ୍ୟାସନାଲ ଆଲୁମିନିୟମ କମ୍ପାନୀ ଲିମିଟେଡ଼ (ନାଲକୋ) ପକ୍ଷରୁ ଦୁବାଇ ସ୍ଥିତ ଏମିରେଟସ ଗ୍ଲୋବାଲ ଆଲୁମିନିୟମ (ଇଜିଏ) ସହିତ ଏକ ଚୁକ୍ତି ସ୍ୱାକ୍ଷରିତ ହୋଇଛି। ଯାହାଦ୍ୱାରା ଓଡ଼ିଶାର ଅନୁଗୋଳଠାରେ ବାର୍ଷିକ ୦.୫ ନିୟୁତ ମେଟ୍ରିକ ଟନ ବ୍ରାଉନଫିଲ୍ଡ ସ୍ମେଲଟର ସମ୍ପ୍ରସାରଣ ପ୍ରକଳ୍ପ ପାଇଁ ଇଜିଏର ୟୁଏଇ ବିକଶିତ ଡ଼ିଏକ୍ସ ପ୍ଲସ ଅଲ୍ଟ୍ରା ଆଲୁମିନିୟମ ସ୍ମେଲଟିଂ ପ୍ରଯୁକ୍ତି ବ୍ୟବହୃତ ହେବ । ନାଲକୋ ସିଏମଡି ବ୍ରିଜେନ୍ଦ୍ର ପ୍ରତାପ ସିଂହ ଏବଂ ଇଜିଏ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅବଦୁଲନାସେର ବିନ୍ କଲବାନଙ୍କ ଉପସ୍ଥିତିରେ ଏହି ପ୍ରଯୁକ୍ତି ଲାଇସେନ୍ସିଂ ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଜଗଦୀଶ ଆରୋରା ନିର୍ଦ୍ଦେଶକ (ପ୍ରକଳ୍ପ ଏବଂ ବୈଷୟିକ)ନାଲକୋ ଏବଂ ଶ୍ରୀ ଅଭୟ କୁମାର ବେହୁରିଆ, ନିର୍ଦ୍ଦେଶକ (ଅର୍ଥ) ମଧ୍ୟ ଉପସ୍ଥିତ ଥିଲେ। ନାଲକୋ ପକ୍ଷରୁ ମୁଖ୍ୟ ମହାପ୍ରବନ୍ଧକ (ପ୍ରକଳ୍ପ) ବିଜୁ କେ. ଏବଂ ଇଜିଏ ପକ୍ଷରୁ କାର୍ଯ୍ୟନିର୍ବାହୀ ଉପାଧ୍ୟକ୍ଷ - ମିଡଷ୍ଟ୍ରିମ୍, ଅବଦଲ୍ଲା ଜାରୌନି ଏହି ଚୁକ୍ତିନାମା ସ୍ୱାକ୍ଷର କରିଥିଲେ। ଭାରତ ସରକାରଙ୍କ ଖଣି ମନ୍ତ୍ରଣାଳୟର ମାର୍ଗଦର୍ଶନ ଏବଂ ସମର୍ଥନରେ ବିଶ୍ୱସ୍ତରରେ ଏକ ପ୍ରତିଯୋଗିତାମୂଳକ ଆଲୁମିନିୟମ ଉତ୍ପାଦକ ଭାବରେ ନିଜର ସ୍ଥିତିକୁ ସୁଦୃଢ଼ କରିବା ପାଇଁ ନାଲକୋର ସ୍ମେଲ୍ଟର ସମ୍ପ୍ରସାରଣ କାର୍ଯ୍ୟରେ ଏହି ଚୁକ୍ତି ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ। ଚୁକ୍ତିନାମା ଅନୁଯାୟୀ, ଇଜିଏ ନାଲକୋକୁ ପ୍ରକଳ୍ପ କାର୍ଯ୍ୟାନ୍ୱୟନର ବିଭିନ୍ନ ପର୍ଯ୍ୟାୟରେ ବୈଷୟିକ ସହାୟତା ସହିତ ଡିଏକ୍ସ ପ୍ଲସ ଅଲ୍ଟ୍ରା ପ୍ରଯୁକ୍ତି କାର୍ଯ୍ୟକାରୀ କରିବା ପାଇଁ ଆବଶ୍ୟକ ଲାଇସେନ୍ସ, ଜ୍ଞାନକୌଶଳ, ଡିଜାଇନ୍ ଏବଂ ସୂଚନା ପ୍ରଦାନ କରିବ । ଡିଏକ୍ସ ପ୍ଲସ ଅଲ୍ଟ୍ରା ପ୍ରଯୁକ୍ତି ଏକ ଉଚ୍ଚ-ଆମ୍ପେରେଜ୍ ଏବଂ ଦକ୍ଷ ଆଲୁମିନିୟମ୍ ସ୍ମେଲ୍ଟିଂ ପ୍ରଯୁକ୍ତି, ଯାହା ଉଚ୍ଚ ଉତ୍ପାଦକତା ଏବଂ ଉନ୍ନତ ଶକ୍ତି କାର୍ଯ୍ୟଦକ୍ଷତାକୁ ସମର୍ଥନ କରିବା ପାଇଁ ଡିଜାଇନ୍ କରାଯାଇଛି। ଏହି ପ୍ରଯୁକ୍ତି ଦ୍ୱାରା ନାଲ୍‌କୋ ଏକ ଦକ୍ଷ ଏବଂ ପ୍ରତିଯୋଗିତା ମୂଳକ ସ୍ମେଲ୍ଟର ବିକଶିତ କରିପାରିବ ବୋଲି ଆଶା କରାଯାଉଛି। ପ୍ରସ୍ତାବିତ ବ୍ରାଉନଫିଲ୍ଡ ସମ୍ପ୍ରସାରଣ ଦ୍ୱାରା ଅନୁଗୋଳରେ ପ୍ରତିବର୍ଷ ପ୍ରାୟ ୦.୫ ନିୟୁତ ଟନ୍ ଆଲୁମିନିୟମ୍ ଉତ୍ପାଦନ କ୍ଷମତା ବୃଦ୍ଧି ପାଇବ। ନାଲକୋର ବର୍ତ୍ତମାନ ଉତ୍ପାଦନ କ୍ଷମତା ସହିତ, ଏହି ସମ୍ପ୍ରସାରଣ କମ୍ପାନୀକୁ ବାର୍ଷିକ ପ୍ରାୟ ୧ ନିୟୁତ ଟନ୍ ଆଲୁମିନିୟମ୍ ଉତ୍ପାଦନ କ୍ଷମତା ଆଡ଼କୁ ଆଗେଇନେବ । ସିଏମଡି ବ୍ରିଜେନ୍ଦ୍ର ପ୍ରତାପ ସିଂହ କହିଛନ୍ତି ଯେ, 'ଇଜିଏ ର ଡ଼ିଏକ୍ସ ପ୍ଲସ ଅଲ୍ଟ୍ରା ପ୍ରଯୁକ୍ତି ସହିତ, ଆମର ଦୃଢ ବିଶ୍ୱାସ ଯେ, ଅନୁଗୋଳ ସ୍ମେଲ୍ଟର ସମ୍ପ୍ରସାରଣ ପ୍ରକଳ୍ପ ଭାରତର ଏକ ଦକ୍ଷତା ସମ୍ପନ୍ନ ତଥା ଅଗ୍ରଣୀ ଆଲୁମିନିୟମ୍ ସ୍ମେଲ୍ଟର ଭାବରେ ଉଭା ହେବ ।

## ସେବକ ସଂଘ ସମାରୋହ

**ଭୁବନେଶ୍ୱର, ୭/୯(ନିପ୍ର):** ଦାଣ୍ଡିମାଳ ସେବକ ସଂଘର ନୂତନ କର୍ମକର୍ତ୍ତାମାନଙ୍କ ଶପଥ ପାଠ ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଭଜମନ ବେହେରା,ସମ୍ମାନୀୟ ଅତିଥି ଅଭିରାମ ମଲ୍ଲିକ, ମୂଳନିବାସୀ ସମତା ପରିଷଦ, ସଂଯୋଜକ, ବିଦ୍ୟାଧର ଦେହୁରୀ ୟୁନାଇଟେଡ଼ ଫୋରମର ଅଧ୍ୟକ୍ଷ ବିଭୂତି ଭୂଷଣ ବଳବନ୍ତ ରାୟ, ବିଧାୟକ ଜଟଣୀ, ମନ୍ମଥ ରାଉତରାୟ ସାଂସଦ ପ୍ରାର୍ଥୀ ପ୍ରମୁଖ ନୂତନ କର୍ମକର୍ତ୍ତାମାନଙ୍କୁ ଶପଥ ପାଠ କରାଇଥିଲେ। ଅଧ୍ୟକ୍ଷ ଗୋପାଳ ଚନ୍ଦ୍ର ନାୟକ, ସଭାପତି, ପ୍ରକାଶ କୁମାର ନାୟକ ଉପସଭାପତି, ଆକୁଳି ନାୟକ, ସାଧାରଣ ସମ୍ପାଦକ ସୁରେଶ ଚନ୍ଦ୍ର ନାୟକ ସହ ସମ୍ପାଦକ, ସୁଶାନ୍ତ କୁମାର ନାୟକ କୋଷାଧ୍ୟକ୍ଷ ବାସୁଦେବ ନାୟକ କ୍ରୀଡ଼ା ସଂପାଦକ ପ୍ରସନ୍ନ ନାୟକ ଗୋପାଳ ନାୟକ ପାଠାଗାର ସମ୍ପାଦକ ବୃନ୍ଦାବନ ନାୟକ ସାଂସ୍କୃତିକ ପ୍ରମୁଖଭାବେ ଶପଥ ପାଠ କରିଥିଲେ ।

**GOVERNMENT OF ODISHA** 13001/1772/2627

e-mail: gephbhpt@umail.com
OFFICE OF THE SUPERINTENDING ENGINEER, PUBLIC HEALTH DIVISION, BHABANIPATANA
Paramanandpur, Railway Station Road, Bhabanipatana, Dist: kalahandi, Pin-766002

**NATIONAL COMPETITIVE BIDDING THROUGH e-Procurement**
**Identification No. BEPHD-BHPT- 30 of 2026-27/ Dt. 05.09.2026**
**e-Procurement Notice**

| | | |
|---|---|---|
| 01. | Name of the Work | 1no Work. |
| 02. | Type of Bid. | Single Bid System |
| 03. | Estimated Cost | Rs. 25.34 Lakh |
| 04. | Period of Completion | 02 (Two) Calendar Months |
| 05. | Date & Time of availability of bid document in the portal | From 11.00 AM of dt. 10.09.2026 to 5.00 PM of 19.09.2026 |
| 06. | Last date / time of receipt of bids in the portal | 5.00 PM of 19.09.2026. |
| 07. | Date & Time of opening of technical bids | At 11.30 AM of 21.09.2026 |
| 08. | Name and Address of the Officer Inviting Bid | Additional Chief Engineer, P.H. Division, Bhabanipatana, Railway Station Road, At/Po- Parmanandpur, 766002 Dist- Kalahandi. |

Further details can be seen front the website http://tenders.ori.nic.in or www.tendersorissa.gov.in

*Sd/-Additional Chief Engineer, P.H. Division, Bhabanipatana*

OIPR 13001/13059/1/26-27/0005

Printed and Published by **Arun Kumar Dash** on behalf of **M/s SURYO MEDIA PVT. LIMITED** and Printed at **M/s SURYO MEDIA PVT. LIMITED,** Published at «DINALIPI BHAWAN« A-54/1 & A-55/1, Nayapalli, P.O. Baramunda, Bhubaneswar - 751 003, Phone No. 8114386934 (News Desk), 8114386935,(Office) Fax - 2564487, e.mail : dinalipinews@gmail.com / suryomedia@gmail.com
ସମ୍ପାଦକ : ଅନ୍ନପୂର୍ଣ୍ଣା ଦାଶ
ମୁଖ୍ୟ ସମ୍ପାଦକ : ବଟକୃଷ୍ଣ ତ୍ରିପାଠୀ